ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜାନୁଆରୀ ୭/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, January 7/2026 | Page 14 | ₹ 7.00 | DHENKANAL
୫୨ଶ ଭାଗ ୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 45 | ମୂଲ୍ୟ ₹୭/-

DSPL - 458





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟରେ ୧୧୮ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ଆଇନ, ପୂର୍ତ୍ତ, ଅବକାରୀ, ଓଡ଼ିଶା

**ଡଃ ସମ୍ବିତ ପାତ୍ର**
ସାଂସଦ, ପୁରୀ, ଓଡ଼ିଶା

**ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ**
ବିଧାୟକ, ଖୋର୍ଦ୍ଧା, ଓଡ଼ିଶା

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର, ଭୁବନେଶ୍ୱର, ଓଡ଼ିଶା

୭ ଜାନୁଆରୀ ୨୦୨୬ । ପୂର୍ବାହ୍ଣ ୧୧.୦୦ଘଟିକା । ପଲଟଣ ପଡ଼ିଆ, ବାଣପୁର, ଖୋର୍ଦ୍ଧା

OIPR-27068/13/0095/2526

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**


ପ୍ରୟାଗରାଜରେ ମଙ୍ଗଳବାର ମାଘମେଳା ଚାଲିଥିବାବେଳେ ସଙ୍ଗମସ୍ଥଳରେ ନୌକାଗୁଡ଼ିକୁ ବନ୍ଧାଯାଇଛି।

# ଆମେରିକା କୋର୍ଟରେ ହାଜର ହେଲେ ମାଦୁରୋ



**ନ୍ୟୁୟର୍କ,୬।୧**

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ସୋମବାର ଆମେରିକାର ଏକ ଅଦାଲତରେ ହାଜର କରାଯାଇଛି। ସେ ନିଜକୁ ଦେଶର ରାଷ୍ଟ୍ରପତି ଘୋଷଣା କରିବା ସହ ତାଙ୍କ ଗିରଫଦାରିକୁ ବିରୋଧ କରିଛନ୍ତି। ଆମେରିକା ପ୍ରଶାସନ ମାଦୁରୋଙ୍କ ବିରୋଧରେ ନିଶାଦ୍ରବ୍ୟ ଚୋରାଚାଲାଣ ଅଭିଯୋଗ ଆଣି ତାଙ୍କୁ କ୍ଷମତାରୁ ହଟାଇବା ଯଥାର୍ଥ ବୋଲି ଅଦାଲତରେ ଯୁକ୍ତି ବାଢ଼ିଥିବାବେଳେ ମାଦୁରୋ ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। କୋର୍ଟରୁମ୍‌ରେ ସେ ସ୍ପେନିସ୍ ଭାଷାରେ କହୁଥିବାବେଳେ ସେଠାରେ ଉପସ୍ଥିତ ଜଣେ ରିପୋର୍ଟର ଏହାକୁ ଅନୁବାଦ କରିଥିଲେ। ଶୁକ୍ରବାର ରାତିରେ ଆମେରିକା ସେନା ଭେନେଜୁଏଲା ରାଜଧାନୀ କାରାକାସ୍‌ରେ ଆକ୍ରମଣ କରି ରାଷ୍ଟ୍ରପତି ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ଗିରଫ କରି ନ୍ୟୁୟର୍କ ନେଇଯାଇଥିଲା। ଆମେରିକା ଯିବା ପରେ ମାଦୁରୋଙ୍କୁ ପ୍ରଥମ ଥର ପାଇଁ ସେଠାର କୋର୍ଟରେ ହାଜର କରାଯାଇଛି। ସେ ନୀଳ ରଙ୍ଗର ଜେଲ ପୋଷାକ ପିନ୍ଧିଥିବା ଦେଖାଯାଇଥିଲା। ତାଙ୍କ ସହ ସ୍ତ୍ରୀ ଫ୍ଲୋରେସ୍ ରହିଥିଲେ।

# ହସ୍ପିଟାଲରେ ସୋନିଆ

**ନୂଆଦିଲ୍ଲୀ,୬।୧**

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଶ୍ୱାସଜନିତ ଅସୁବିଧାର ସମ୍ମୁଖୀନ ହେବାରୁ ତାଙ୍କୁ ମଙ୍ଗଳବାର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ୭୯ ବର୍ଷୀୟା ସୋନିଆଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି ଏବଂ ସେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିଛନ୍ତି କଂଗ୍ରେସ ସୂତ୍ରରୁ ପ୍ରକାଶ।

# କୃଷକଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ

**ଅହମଦାବାଦ,୬।୧**

ଗୁଜରାଟ ଆନନ୍ଦ ଜିଲାର ଜଣେ ଚାଷୀ ସରପଞ୍ଚଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବାରୁ ତାଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ ହୋଇଛି। ଭରତଭାଇ ପଦିୟାର ନାମକ ଉକ୍ତ ଚାଷୀ ଏବେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ସରପଞ୍ଚ ଓ ତାଙ୍କ ପରିବାରର ୪ ସଦସ୍ୟଙ୍କ ନାମରେ ମାମଲା ରୁଜୁ ହୋଇଛି। ଗାଁର ମହିଳା ସରପଞ୍ଚ କୋକିଳାବେନ୍ ଓ ତାଙ୍କ ପରିବାର ଦୁର୍ନୀତିରେ ସମ୍ପୃକ୍ତ ଥିବା ନେଇ ଭରତଭାଇ ଗତ ଅକ୍ଟୋବରରେ ଜିଲା ଏବଂ ତାଲୁକ ଉନ୍ନୟନ ଅଫିସର, ଉନ୍ନୟନ କମିଶନର ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ କୌଣସି ଜବାବ ନ ମିଳିବାରୁ ସେ ଗଣମାଧ୍ୟମରେ ଜଣାଇଥିଲେ। ଏହା ପରେ ତାଙ୍କୁ ଜୀବନରୁ ମାରିଦେବାକୁ ସରପଞ୍ଚଙ୍କ ସ୍ୱାମୀ ଓ ଅନ୍ୟମାନେ ଧମକ ଦେଇଥିଲେ। ଘଟଣା ଦିନ କୋକିଳାବେନ୍, ତାଙ୍କ ସ୍ୱାମୀ ଦିନେଶଭାଇ, ପୁଅ ନିଲେଶଭାଇ, ରାଜେଶଭାଇ ଓ ପୁତୁରା ଏକ କାର୍‌ରେ ଆସି ଭରତଭାଇଙ୍କୁ ହାତୁଡ଼ିରେ ଆକ୍ରମଣ କରିଥିଲେ। ପରେ ସେମାନେ ଗାଁ ମଝିକୁ ତାଙ୍କୁ ଟାଣିନେଇ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ ବୋଲି ଭରତଭାଇ ଅଭିଯୋଗ କରିଛନ୍ତି।

# ଚିଠା ତାଲିକାରୁ କଟିଲେ ୨.୮୯ କୋଟି ଭୋଟର

## ୟୁପି ଏସ୍ଆଇଆର୍

**ଲକ୍ଷ୍ନୌ/ନୂଆଦିଲ୍ଲୀ,୬।୧**



ଉତ୍ତର ପ୍ରଦେଶରେ ନିର୍ବାଚନ କମିଶନ ଚଳାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଚିଠା ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଉକ୍ତ ତାଲିକାରେ ୧୨.୫୫ କୋଟି ଭୋଟର ସ୍ଥାନ ପାଇଥିବାବେଳେ ୨.୮୯ କୋଟିଙ୍କୁ ହଟାଯାଇଛି।

ୟୁପିରେ ପୂର୍ବରୁ ମୋଟ ୧୫.୪୪ କୋଟି ଭୋଟର ପଞ୍ଜୀକୃତ ହୋଇଥିଲେ। ଏସ୍ଆଇଆର୍ ପ୍ରକ୍ରିୟାରେ ସେମାନଙ୍କ ମଧ୍ୟରୁ ୧୮.୭୦% ଅର୍ଥାତ୍ ୨.୮୯ କୋଟି ମତଦାତାଙ୍କୁ ହଟାଇ ଦିଆଯାଇଛି। ୪୬.୨୩ ଲକ୍ଷ ଭୋଟରଙ୍କ ମୃତ୍ୟୁ ଘଟିଥିବାବେଳେ ୨.୧୭ କୋଟି ମତଦାତା ସ୍ଥାୟୀ ଭାବେ ଅନ୍ୟତ୍ର ପଳାୟନ କରିଛନ୍ତି। ୨୫.୪୭ ଲକ୍ଷ ଭୋଟର ଏକାଧିକ ସ୍ଥାନରେ ନିଜ ନାମ ପଞ୍ଜୀକରଣ କରିଛନ୍ତି। ଏହି କାରଣରୁ ସେମାନଙ୍କ ନାମକୁ ଚିଠା ତାଲିକାରୁ ବାଦ୍ ଦିଆଯାଇଥିବା ବିଷୟ ୟୁପି ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନବଦୀପ ରିନ୍‌ୱା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଚୂଡ଼ାନ୍ତ ଭୋଟର ତାଲିକା ମାର୍ଚ୍ଚ ୬ରେ ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଏସ୍ଆଇଆର୍ ପ୍ରକ୍ରିୟା ପରେ ପ୍ରକାଶିତ ଚିଠା ଭୋଟର ତାଲିକାକୁ ନେଇ ବିରୋଧୀ ଦଳଗୁଡ଼ିକ ଉଭୟ ନିର୍ବାଚନ କମିଶନ ଓ ଭାଜପାକୁ ସମାଲୋଚନା କରିଛନ୍ତି। ୟୁପି କଂଗ୍ରେସ ସଭାପତି ଅଜୟ ରାୟ କହିଛନ୍ତି, ଏସ୍ଆଇଆର୍ ପାଇଁ ଦିଆଯାଇଥିବା ସମୟ ପର୍ଯ୍ୟାପ୍ତ ନ ଥିଲା। ଏହା ଏକ ଅତି ତରବରିଆ ନିଷ୍ପତ୍ତି। ଯେଉଁଭଳି ଭାବେ ଏସ୍ଆଇଆର୍ ଆରମ୍ଭ କରାଯାଇଥିଲା, ଉତ୍ତର ପ୍ରଦେଶ ଭଳି ବଡ଼ ରାଜ୍ୟ ପାଇଁ ମାସେ ସମୟ ଦେବା ଅଯୌକ୍ତିକ। ସେହିପରି ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ତାଙ୍କ ସ୍ତ୍ରୀ ଡିମ୍ପଲ ଯାଦବଙ୍କ ସଂସଦୀୟ ଆସନ ମୈନପୁରୀରେ ନିର୍ବାଚନ କମିଶନ ବୈଧ ଭୋଟରଙ୍କ ନାମ କାଟିଦେଇଛନ୍ତି। ଭୋଟର ବିକ୍ଷୋଭ କରିବା ପୂର୍ବରୁ କମିଶନ ନିଜ ଭୁଲ୍ ସୁଧାରନ୍ତୁ। ନଚେତ୍ ପରିଣତି ଭଲ ହେବ ନାହିଁ ବୋଲି ଅଖିଳେଶ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଦେଶର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ୟୁପିରେ ୨୦୨୫ ଅକ୍ଟୋବର ୨୭ରେ ଏସ୍ଆଇଆର୍ କରାଯିବା ନେଇ ଘୋଷଣା କରାଯାଇଥିଲା। ତାଲିକାରୁ ଅଧିକ ସଂଖ୍ୟକ ଭୋଟରଙ୍କ ନାମ ହଟାଯାଇଥିବା ନେଇ ରାଜନୈତିକ ଦଳଗୁଡ଼ିକ ଚିନ୍ତା ପ୍ରକଟ କରିବା ପରେ ଏସ୍ଆଇଆର୍ ଅବଧିକୁ ୩ ଥର ବଢ଼ାଯାଇଥିଲା।

# ମଣିପୁରରେ ଡବଲ ବିସ୍ଫୋରଣ: ୨ ଆହତ

**ଇମ୍ଫାଲ,୬।୧**

ମଣିପୁରର ବିଷ୍ଣୁପୁର ଜିଲାରେ ସୋମବାର ସକାଳେ କ୍ରମାଗତ ୨ଟି ବିସ୍ଫୋରଣ ଘଟି ୨ ଜଣ ଆହତ ହୋଇଛନ୍ତି। ଭୋର ୫ଟା ୪୫ ମିନିଟ୍ ସମୟରେ ଏକ ପରିତ୍ୟକ୍ତ ଘରେ ଆଇଇଡି ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ୨୦୨୩ ମେ'ରେ ରାଜ୍ୟରେ ଜାତିଆଣ ହିଂସା ଆରମ୍ଭ ହେବା ଦିନରୁ ଉକ୍ତ ଘର ପରିତ୍ୟକ୍ତ ରହିଥିଲା। ଏହାର ୨୦୦ ମିଟର ଦୂରରେ ସକାଳ ୮ଟା ୪୫ ମିନିଟ୍‌ରେ ଦ୍ୱିତୀୟ ବିସ୍ଫୋରଣ ଘଟିଛି। ଆହତ ୨ ଜଣଙ୍କୁ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନେ ବିପଦମୁକ୍ତ ଥିବା ଜଣାପଡ଼ିଛି। ପୋଲିସ ବିସ୍ଫୋରଣ ସ୍ଥଳ ଅନୁଧ୍ୟାନ କରିବା ସହ ଘଟଣାର ତଦନ୍ତ ଚଳାଇଛି।

# ଇରାନ ନ ଯିବା ପାଇଁ ଆଡଭାଇଜରି ଜାରିକଲା ଭାରତ

**ନୂଆଦିଲ୍ଲୀ,୬।୧**

ଇରାନରେ ଅତ୍ୟଧିକ ମୁଦ୍ରାସ୍ଫୀତି ଏବଂ ମୁଦ୍ରାର ଅବମୂଲ୍ୟାୟନକୁ ନେଇ ହିଂସାତ୍ମକ ବିକ୍ଷୋଭ ଲାଗିରହିଥିବାବେଳେ ଅତି ଜରୁରୀ ନ ଥିଲେ ସେଠାକୁ ନ ଯିବା ପାଇଁ କେନ୍ଦ୍ର ସରକାର ନାଗରିକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଇରାନରେ ଥିବା ଭାରତୀୟମାନେ ଉପଯୁକ୍ତ ସତର୍କତା ଅବଲମ୍ବନ କରିବା ସହ ବିକ୍ଷୋଭ ହେଉଥିବା ଅଞ୍ଚଳକୁ ନ ଯିବା ପାଇଁ ଆଡଭାଇଜରି ଜାରି ହୋଇଛି। ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ଜରୁରୀ ନ ଥିଲେ ଇସ୍‌ଲାମିକ ରିପବ୍ଲିକ୍ ଅଫ୍ ଇରାନକୁ ନ ଯିବା ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

# ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

## ମହିଳାଙ୍କୁ ଗଣବଳାତ୍କାର

**ଢାକା,୬।୧**


ରାଣା ପ୍ରତାପ

ବାଂଲାଦେଶର ଜଶୋର ଜିଲା ଅନ୍ତର୍ଗତ କୋପାଲିଆ ବଜାର ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଜଣେ ହିନ୍ଦୁଙ୍କୁ ଗୁଳିକରି ହତ୍ୟା କରାଯାଇଛି। ରାଣା ପ୍ରତାପ (୪୫) ନାମକ ଏହି ବ୍ୟକ୍ତି ଏକ ବରଫ କଳ ଚଳାଇବା ସହ ସ୍ଥାନୀୟ ଖବରକାଗଜର କାର୍ଯ୍ୟକାରୀ ସମ୍ପାଦକ ଥିଲେ। କେତେଜଣ ଅଜଣା ଆତତାୟୀ ମୋଟର ସାଇକେଲ୍‌ରେ ଆସି ତାଙ୍କୁ ଆଇସ୍ ଫ୍ୟାକ୍ଟ୍ରିରୁ ବାହାରକୁ ଡାକିଥିଲେ। ସେମାନେ ରାଣାଙ୍କୁ ପାଖ ଗଳିକୁ ନେଇଯାଇ ଅତି ନିକଟରୁ ତାଙ୍କ ମୁଣ୍ଡକୁ ଗୁଳି ଚଳାଇ ଖସି ପଳାଇଥିଲେ। ଗୁଳି କରିବା ପୂର୍ବରୁ ରାଣାଙ୍କ ସହ ସେମାନଙ୍କର ବଚସା ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବାଂଲାଦେଶରେ ଗତ କିଛି ସପ୍ତାହ ହେଲା ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାକାଣ୍ଡ ଲାଗିରହିଛି।

ଇତିମଧ୍ୟରେ କାଳିଗଞ୍ଜଠାରେ ଜଣେ ୪୦ ବର୍ଷୀୟା ହିନ୍ଦୁ ବିଧବାଙ୍କୁ ୨ ଜଣ ଅଭିଯୁକ୍ତ ଗଣବଳାତ୍କାର କରିବା ସହ ତାଙ୍କୁ ଗଛରେ ବାନ୍ଧି ଚୁଟି କାଟିଦେଇଛନ୍ତି। ଅଭିଯୁକ୍ତ ଶାହିନ ଏବଂ ତାଙ୍କ ସହଯୋଗୀ ହାସନ ବୋଲି ମହିଳା ଜଣକ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କଠାରୁ ମହିଳା ଜଣକ ଏକ ଜମି ଓ ଘର କିଣିଥିଲେ। ସେବେଠାରୁ ସେମାନେ ମହିଳାଙ୍କୁ ହଇରାଣ କରିଆସୁଥିଲେ। ଶନିବାର ସନ୍ଧ୍ୟାରେ ଅଭିଯୁକ୍ତ ତାଙ୍କ ଘରକୁ ଆସି ବଳାତ୍କାର କରିବା ସହ ୫୦,୦୦୦ ଟାକା ଦାବି କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସୁରେଶ କାଲମାଡ଼ିଙ୍କ ପରଲୋକ

**ପୁଣେ,୬।୧**



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ସୁରେଶ କାଲମାଡ଼ିଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ହେଉଥିଲା। ଦୀର୍ଘଦିନ ଧରି ଅସୁସ୍ଥ ଥିବା ସୁରେଶ ମହାରାଷ୍ଟ୍ରର ପୁଣେସ୍ଥିତ ଦୀନାନାଥ ମଙ୍ଗେସ୍କର ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଆଖିବୁଜି ଦେଇଥିବା ଜଣାପଡ଼ିଛି। ୧୯୪୪ ମେ' ୧ରେ ପୁଣେରେ ଜନ୍ମିତ ସୁରେଶ ପୂର୍ବରୁ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ୍ (ଓଏଲ୍ଏ) ଅଧ୍ୟକ୍ଷ ଥିଲେ। ସେ ପୁଣେ ସଂସଦୀୟ ଆସନରୁ ଅନେକ ଥର ଜିତି ଲୋକ ସଭାରେ ପ୍ରତିନିଧିତ୍ୱ କରିଥିଲେ। ରାଜନୀତିକୁ ଆସିବା ପୂର୍ବରୁ ସୁରେଶ ୧୯୬୪ରୁ ୧୯୭୨ ପର୍ଯ୍ୟନ୍ତ ଭାରତୀୟ ବାୟୁସେନାରେ ପାଇଲଟ୍ ଭାବେ କାର୍ଯ୍ୟ କରିଥିଲେ। ୧୯୯୫ରୁ ୧୯୯୬ ମଧ୍ୟରେ ସେ କଂଗ୍ରେସ ସରକାର ଅମଳରେ ରେଳ ରାଷ୍ଟ୍ରମନ୍ତ୍ରୀ ଥିଲେ। ୨୦୧୦ରେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ଦୁର୍ନୀତିରେ ଛନ୍ଦିହୋଇ ୨୦୧୧ରେ ସେ ଜେଲ ଯାଇଥିଲେ। ଏଥିଯୋଗୁ କଂଗ୍ରେସ ତାଙ୍କୁ ନିଲମ୍ବନ କରିଥିଲା।

# ହରିଦ୍ୱାରରେ ଲାଗିବ ଅଣହିନ୍ଦୁଙ୍କ ପ୍ରବେଶ କଟକଣା

## ଉତ୍ତରାଖଣ୍ଡ ସରକାରଙ୍କ ଯୋଜନା

**ଡେରାଡୁନ୍,୬।୧**



ହରିଦ୍ୱାରରେ ଥିବା ୧୦୫ଟି ଘାଟକୁ ଅଣହିନ୍ଦୁଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ପାଇଁ ଉତ୍ତରାଖଣ୍ଡ ସରକାର ବିଚାର କରୁଥିବା ଜଣାପଡ଼ିଛି। ସେହିପରି ହରିଦ୍ୱାର ଓ ଋଷିକେଶକୁ ପବିତ୍ର ସହର ରୂପେ ଘୋଷଣା କରିବା ନେଇ ମଧ୍ୟ ସରକାରଙ୍କ ଯୋଜନା ରହିଛି। ହର-କି-ପୌରି ଘାଟର ଦେଖାଶୁଣା କରୁଥିବା କେତେଜଣ ଧାର୍ମିକ ନେତା ଓ ଏକ ସଙ୍ଗଠନ ପକ୍ଷରୁ ଏପରି ଦାବି କରାଯିବା ପରେ ଉତ୍ତରାଖଣ୍ଡ ସରକାର ଏହି ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏପରି କଟକଣା ଜାରି ପାଇଁ ଉଦ୍ଦିଷ୍ଟ ୧୯୧୬ ମସିହାର ଏକ ଚୁକ୍ତି ଉପରେ ମଧ୍ୟ ରାଜ୍ୟ ସରକାର ସମୀକ୍ଷା କରୁଥିବା ଜଣାପଡ଼ିଛି। ୨୦୨୭ରେ ପଡୁଥିବା ଅର୍ଦ୍ଧକୁମ୍ଭ ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇପାରେ।

ହରିଦ୍ୱାରର ୧୨୦ ବର୍ଗ କି.ମି. ବିସ୍ତୃତ ଅଞ୍ଚଳରେ ଥିବା ୧୦୫ ଘାଟକୁ ଅଣହିନ୍ଦୁଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରିବା ପାଇଁ କେତେଜଣ ସାଧୁସନ୍ଥ ଦାବି କରିଛନ୍ତି। ହର-କି-ପୌରି ଘାଟର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଗଙ୍ଗା ସଭା ସଙ୍ଗଠନ ମଧ୍ୟ ଅନୁରୂପ ଦାବି କରିଛି। ଏହା ପରେ ଉତ୍ତରାଖଣ୍ଡର ଭାଜପା ସରକାର ହରିଦ୍ୱାର ଓ ଋଷିକେଶକୁ 'ସନାତନ ପବିତ୍ର ସହର' ରୂପେ ଘୋଷଣା କରିବାକୁ ଯୋଜନା ଚଳାଇଛନ୍ତି। ୨୦୨୭ ଜାନୁଆରୀ ୧୪ ମକର ସଂକ୍ରାନ୍ତିରେ ଆରମ୍ଭ ହେବାକୁ ଥିବା ଅର୍ଦ୍ଧକୁମ୍ଭ ମେଳାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ୧୯୧୬ରେ ଭାରତରତ୍ନ ପଣ୍ଡିତ ମଦନ ମୋହନ ମାଲବ୍ୟ ଓ ବ୍ରିଟିଶ ସରକାର ମଧ୍ୟରେ ସମ୍ପାଦନ ହୋଇଥିବା ଏ ସଂକ୍ରାନ୍ତ ଚୁକ୍ତିନାମାର ବିବରଣୀକୁ ମଧ୍ୟ ସରକାର ଅନୁଧ୍ୟାନ କରୁଛନ୍ତି। ମାଲବ୍ୟ ଗଙ୍ଗାସଭାର ପ୍ରଥମ ଅଧ୍ୟକ୍ଷ ଥିଲେ। ଗଙ୍ଗାନଦୀର ପ୍ରବାହରେ ଯେପରି ବାଧା ନ ଉପୁଜେ ତାହା ସୁନିଶ୍ଚିତ କରି ହରିଦ୍ୱାରର ପବିତ୍ରତାକୁ ବଜାୟ ରଖିବା ପାଇଁ ଉକ୍ତ ଚୁକ୍ତିନାମାରେ ସହମତି ପ୍ରକାଶ ପାଇଥିଲା। ସେହିପରି ହରିଦ୍ୱାର ସହରକୁ ଅଣହିନ୍ଦୁମାନଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ନେଇ ସର୍ତ୍ତ ରଖାଯାଇଥିଲା। ଋଷିକେଶ ଓ ହରିଦ୍ୱାରରେ ଅଣହିନ୍ଦୁମାନେ ସ୍ଥାୟୀ ବାସିନ୍ଦା ହୋଇପାରିବେ ନାହିଁ ଏବଂ ସେମାନେ କେବଳ କାର୍ଯ୍ୟ ପାଇଁ ସେଠାକୁ ଯାଇପାରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ସୂତ୍ରରୁ ଜଣାପଡ଼ିଛି ଯେ, ରାଜ୍ୟ ସରକାର ଗମ୍ଭୀରତାର ସହ ମୂଳ ଚୁକ୍ତିନାମାର ନିୟମଗୁଡ଼ିକୁ ଫେରାଇ ଆଣିବା ପାଇଁ ଚିନ୍ତା କରୁଛନ୍ତି।

ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏନେଇ କହିଛନ୍ତି, ଦେବଭୂମିର ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦେବା ପାଇଁ ସରକାର ସବୁ ଜରୁରୀ ପଦକ୍ଷେପ ନେବେ। ସନାତନ ବିଶ୍ୱାସୀଙ୍କ ପାଇଁ ଉତ୍ତରାଖଣ୍ଡ ହେଉଛି ଆସ୍ଥାର କେନ୍ଦ୍ରସ୍ଥଳ। ହରିଦ୍ୱାର ଓ ଋଷିକେଶକୁ ସନାତନ ସହର ରୂପେ ଘୋଷଣା କରିବା ପାଇଁ ବିଚାର ଚାଲିଛି।

# ମ୍ୟାଟ୍ରିମୋନିଆଲ ରାକେଟ, ୨୦୦ କୋଟିର ଠକେଇ

**ନୂଆଦିଲ୍ଲୀ**



ବିବାହ ପାଇଁ ଜୀବନସାଥୀ ଖୋଜୁଥିଲେ ସାବଧାନ! ମ୍ୟାଟ୍ରିମୋନିଆଲ ସାଇଟ ଜରିଆରେ ଦେଶବ୍ୟାପୀ ଚାଲିଥିବା ଏକ ବଡ଼ ଧରଣର ଠକେଇ ରାକେଟ ମୁମ୍ବାଇ ପୋଲିସ ଧରିବାରେ ସଫଳ ହୋଇଛି। ଏହି ଗ୍ୟାଙ୍ଗ ବିବାହର ପ୍ରତିଶ୍ରୁତି ଦେଇ ନିରୀହ ଲୋକଙ୍କୁ ପ୍ରେମ ଜାଲରେ ଫସାଇ ପ୍ରାୟ ୨୦୦ କୋଟିରୁ ଅଧିକ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ପୋଲିସ ଏହି ମାମଲାରେ ମହିଳାଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରିଛି। ଏହି ରାକେଟ ଜାଲ ସାରା ଦେଶରେ ବିଛାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଦେଶର ବିଭିନ୍ନ ପ୍ରାନ୍ତରୁ ୫୦ରୁ ଅଧିକ ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି, ଯେଉଁମାନେ ନିଜ ଜୀବନର ସଞ୍ଚିତ ପୁଞ୍ଜି ଏହି ଠକମାନଙ୍କ ହାତରେ ହରାଇଛନ୍ତି। ତଦନ୍ତରୁ ଜଣାପଡିଛି ଯେ ଏହି ଗ୍ୟାଙ୍ଗ ଅତ୍ୟନ୍ତ ଚତୁରତାର ସହ ସେମାନଙ୍କର କାର୍ଯ୍ୟ କରୁଥିଲେ। ପ୍ରଥମେ ଗ୍ୟାଙ୍ଗ୍‌ର ମହିଳା ସଦସ୍ୟମାନେ ବିଭିନ୍ନ ମ୍ୟାଟ୍ରିମୋନିଆଲ ସାଇଟ୍‌ରେ ନକଲି ପ୍ରୋଫାଇଲ ଖୋଲି ଲୋକଙ୍କ ସହ ବନ୍ଧୁତା କରୁଥିଲେ। କଥାବାର୍ତ୍ତା ମାଧ୍ୟମରେ ବିବାହର ବିଶ୍ୱାସ ଦେଇ ସେମାନଙ୍କୁ ଭାବନାତ୍ମକ ଭାବେ ନିଜ ଜାଲରେ ଫସାଉଥିଲେ। ପୀଡ଼ିତଙ୍କ ସମ୍ପୂର୍ଣ୍ଣ ଭରସା ଜିତିବା ପରେ ସେମାନଙ୍କୁ ମୋଟା ଅଙ୍କର ଲାଭର ପ୍ରଲୋଭନ ଦେଖାଇ ନିବେଶ କରିବାକୁ କୁହାଯାଉଥିଲା। ବିଶ୍ୱାସ ଜନ୍ମାଇବା ପାଇଁ ଠକମାନେ ନକଲି କମ୍ପାନୀ ନାମରେ ପ୍ରଫେସନାଲ ୱେବସାଇଟ ଓ ଦସ୍ତାବିଜ ପ୍ରସ୍ତୁତ କରୁଥିଲେ। ଆରମ୍ଭରୁ କିଛି ଲାଭ ଦେଖାଇ ସେମାନେ ପୀଡ଼ିତଙ୍କଠାରୁ ବଡ଼ ଅଙ୍କର ଟଙ୍କା ହଡ଼ପ କରୁଥିଲେ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ବୁଧବାର, ଜାନୁଆରୀ ୭/୨୦୨୬ | Bhubaneswar, Wednesday, January 7/2026 | ପୃଷ୍ଠା-୧



## ଷ୍ଟିଭ ସ୍ମିଥ୍‌ଙ୍କ ଶତକ

ଇଂଲଣ୍ଡ ବିପକ୍ଷ ପଞ୍ଚମ ଆଶେସ ଟେଷ୍ଟରେ ୧୨୯ ରନ କରି ଅପରାଜିତ ରହିଛନ୍ତି ଅଷ୍ଟ୍ରେଲିଆ ବ୍ୟାଟର ଷ୍ଟିଭ ସ୍ମିଥ୍।

୧୨ | ୦୭

## କାର୍ତ୍ତିକଙ୍କ ଜୀବନରେ 'ମିଷ୍ଟ୍ରି ଗର୍ଲ'ଙ୍କ ଏଣ୍ଟ୍ରି

ଅଭିନେତ୍ରୀ ଶ୍ରୀଲୀଲାଙ୍କ ସହ ନାମ ଯୋଡ଼ାଯିବା ପରେ ଏବେ ଜଣେ ବିଦେଶୀ 'ମିଷ୍ଟ୍ରି ଗର୍ଲ'ଙ୍କ ସହ କାର୍ତ୍ତିକ ଆର୍ଯ୍ୟନଙ୍କ ଲିଙ୍କଅପ ଖବର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।





କଟକ କଳା ବିକାଶ କେନ୍ଦ୍ର ଅଡିଟୋରିୟମ୍‌ରେ ମଙ୍ଗଳବାର କଟକ ମହୋତ୍ସବ ଉଦ୍‌ଯାପନୀ ସମାରୋହରେ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। **(ଫଟୋ: ରାଜକିଶୋର ମହାନ୍ତି)**

# ପାକିସ୍ତାନ ପାଇଁ ଗୁପ୍ତଚର: ପଠାନ୍‌କୋଟ୍‌ରୁ ନାବାଳକ ଗିରଫ

ପଠାନ୍‌କୋଟ,୬।୧

ପାକିସ୍ତାନୀ ଇଣ୍ଟେଲିଜେନ୍ସ ହେଣ୍ଡଲର୍ସଙ୍କୁ ଭାରତର ପ୍ରତିରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଯୋଗାଇବା ଅଭିଯୋଗରେ ପଞ୍ଜାବର ପଠାନ୍‌କୋଟ୍‌ରେ ଜଣେ ୧୫ ବର୍ଷୀୟ ନାବାଳକ ଗିରଫ ହୋଇଛନ୍ତି। ୨୦୨୫ ମେ'ରେ ଅପରେଶନ୍ ସିନ୍ଦୂର କରାଯିବା ପରଠୁ ଏତେ ସ୍ୱଳ୍ପ ବୟସର କୌଣସି ବ୍ୟକ୍ତି ଧରାପଡ଼ିବାରେ ଏହା ହେଉଛି ପ୍ରଥମ ଘଟଣା। ଏନେଇ ପଠାନ୍‌କୋଟ୍ ଏସ୍‌ଏସ୍‌ପି ଦଲଜିନ୍ଦର ସିଂ ଧିଲୋନ୍ କହିଛନ୍ତି, ସ୍ୱଳ୍ପବୟସ୍କ ବାଳକଙ୍କୁ ସୋସିଆଲ ମିଡିଆ ଜରିଆରେ କିଛିବର୍ଷ ହେଲା ଆତଙ୍କବାଦର ପାଠ ପଢ଼ାଯାଉଥିଲା। ସେ ପାକିସ୍ତାନର ସାମରିକ ଅଧିକାରୀ, ଆଇଏସ୍‌ଆଇ ଏଜେଣ୍ଟ ଏବଂ ଆତଙ୍କବାଦୀମାନଙ୍କ ଯୋଗସୂତ୍ରରେ ଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସୋମବାର ତାଙ୍କୁ ଧରାଯାଇଛି। କାରିଗରିରେ ନିପୁଣ ଏହି ନାବାଳକ ତଥ୍ୟ ହାସଲ ପାଇଁ ନିଜ ମୋବାଇଲ ଫୋନ୍‌କୁ କ୍ଲୋନ୍ କରିବାରେ ସଫଳ ହୋଇଥିଲେ। କ୍ଲୋନିଂ ଜରିଆରେ ହେଣ୍ଡଲରମାନେ ତାଙ୍କ ଡିଭାଇସ୍‌ରୁ ପ୍ରତ୍ୟକ୍ଷ ଭାବେ ତଥ୍ୟ ନେଇପାରୁଥିଲେ। ସେ ସମ୍ବେଦନଶୀଳ ସ୍ଥାନଗୁଡ଼ିକର ଭିଡିଓଗ୍ରାଫି କରିଛନ୍ତି। ତାଙ୍କ ଫୋନ୍‌କୁ ସେହି ପ୍ରକାର ହ୍ୟାକ୍ କରାଯାଇଥିଲେ, ସୂଚନା ମଧ୍ୟ ସେମାନଙ୍କ ହସ୍ତଗତ ହୋଇଥିବ ବୋଲି ଏସ୍‌ଏସ୍‌ପି କହିଛନ୍ତି।

ତଦନ୍ତରୁ ଜଣାପଡ଼ିଛି ଯେ, ବର୍ଷକ ତଳେ ଜମ୍ମୁ-କଶ୍ମୀର ବାସିନ୍ଦା ଏହି ନାବାଳକଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ତେବେ ନାବାଳକ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଥିବା ମନେକରୁଥିଲେ। ଏହି ଧାରଣା ତାଙ୍କ ମନସ୍ତତ୍ତ୍ୱକୁ ପ୍ରଭାବିତ କରିଥିବାରୁ ସୋସିଆଲ ମିଡିଆ ଜରିଆରେ ପାକିସ୍ତାନୀ ଏଜେନ୍ସିଗୁଡ଼ିକ ଦ୍ୱାରା ବିଛାଯାଇଥିବା ଜାଲରେ ସହଜରେ ସେ ଫସିଯାଇଥିଲେ। ଉଲ୍ଲେଖଯୋଗ୍ୟ, ପଠାନ୍‌କୋଟ୍‌ରେ ଭାରତୀୟ ବାୟୁସେନାର ଏକ ରଣନୈତିକ ଘାଟି ରହିଛି। ୨୦୧୬ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ ଉକ୍ତ ଘାଟି ଉପରେ ଆକ୍ରମଣ କରିବା ପରଠୁ ଏହା ହାଇଆଲର୍ଟରେ ରହିଛି।

## ଝାରସୁଗୁଡ଼ାରେ ୭୨ବର୍ଷର ରେକର୍ଡ ଭାଙ୍ଗିଲା ତାପମାତ୍ରା

### ପୁଣି ଲେଉଟିଲା ଶୀତ

ଭୁବନେଶ୍ୱର,୬।୧(ବନ୍ଦନା ସେଠୀ)

ରାଜ୍ୟକୁ ପୁଣି ଲେଉଟିଲା ଶୀତ। ଗତ ୨ଦିନ ହେବ ଶୀତ ସାମାନ୍ୟ କମ୍ ଥିବାବେଳେ ମଙ୍ଗଳବାରଠାରୁ ଶୀତର ପ୍ରକୋପ ପୁଣି ବୃଦ୍ଧି ପାଇଛି। ଆଗାମୀ ୪ଦିନରେ ଏହା ଆହୁରି ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୪ଦିନ ରାତି ତାପମାତ୍ରା ୧ରୁ ୨ଡିଗ୍ରୀ ହ୍ରାସ ପାଇବା ସହିତ ଅଧିକ ଥଣ୍ଡା ଅନୁଭୂତ ହେବ। ଏହାପରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଆଗାମୀ ୩ଦିନ ଅର୍ଥାତ୍ ଶୁକ୍ରବାର ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, କଟକ, ଜଗତ୍‌ସିଂହପୁର ଏବଂ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

୧୦୫ ଘାଟ

## ବରଗଡ଼ରେ ନାବାଳିକାଙ୍କୁ ବଳାତ୍କାର, ହତ୍ୟା ମାମଲା

# ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳରେ ୨୦୨୪ ନଭେମ୍ବର ୧୫ରେ ଜଣେ ୬ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ଅତି ନିର୍ମମଭାବେ ହତ୍ୟା କରିବା ମାମଲାରେ ଅଭିଯୁକ୍ତଙ୍କୁ ପୋକ୍‌ସୋ ଅଦାଲତ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିଛନ୍ତି। ଘଟଣାକୁ ବିରଳରୁ ଅତି ବିରଳତମ ଦର୍ଶାଇ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଇଛି। ସମାଜରେ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧକୁ ରୋକିବାରେ ଏହି ଦଣ୍ଡାଦେଶ ଏକ ଉଦାହରଣ ସୃଷ୍ଟି କରିବ ବୋଲି କୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ହେଲେ ଫାଶୀଦଣ୍ଡ ପାଉଥିବା ଅଭିଯୁକ୍ତମାନେ ପରବର୍ତ୍ତୀ ସମୟରେ ଆଇନର ସୁବିଧା ନେଇ ଉପର ଅଦାଲତଙ୍କ ଦ୍ୱାରସ୍ଥ ହେଉଛନ୍ତି। ମାମଲାକୁ ଅନେକ ଦିନ ପର୍ଯ୍ୟନ୍ତ ଗଡ଼ାଇବା ସହ କେତେକ କ୍ଷେତ୍ରରେ ଦଣ୍ଡକୁ କୋହଳ ମଧ୍ୟ କରାଯାଉଥିବା ଦେଖିବାକୁ ମିଳୁଛି। ଆମ ରାଜ୍ୟରେ ତଳ କୋର୍ଟରେ ମୃତ୍ୟୁଦଣ୍ଡ ପାଇଥିବା କୌଣସି ଅଭିଯୁକ୍ତଙ୍କୁ ଗତ ୩ଦଶନ୍ଧି ମଧ୍ୟରେ ଫାଶୀଖୁଣ୍ଟରେ ଝୁଲାଯାଇପାରି ନାହିଁ। ତଥ୍ୟ ଅନୁସାରେ ୧୯୯୪ରେ ଶେଷଥର ପାଇଁ ବଳାତ୍କାର ଏବଂ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲରେ ଫାଶୀଖୁଣ୍ଟରେ ଝୁଲାଯାଇଥିଲା। ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳୁ ନ ଥିବାରୁ ଦୋଷୀ ସାବ୍ୟସ୍ତ ହୋଇ ମଧ୍ୟ ଆଇନର ଗଳାବାଟ ଦେଇ ଖସିଯାଉଥିବାରୁ ଅନ୍ୟ ଅପରାଧୀଙ୍କ ମନରେ ଅପରାଧ ଘଟାଇବା ପାଇଁ ଭୟ ସୃଷ୍ଟି ହେଉନାହିଁ। ଗତ ୧୦ବର୍ଷ ମଧ୍ୟରେ ବିଭିନ୍ନ ମାମଲାରେ ତଳ କୋର୍ଟଙ୍କ ଦ୍ୱାରା ଫାଶୀ ଦଣ୍ଡାଦେଶ ପାଇଥିବା ୧୩ ଅଭିଯୁକ୍ତଙ୍କ ଦଣ୍ଡାଦେଶକୁ ହାଇକୋର୍ଟ କୋହଳ କରିଥିବା ଜଣାପଡ଼ିଛି।

ବରଗଡ଼,୬।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳରେ ୨୦୨୪ ନଭେମ୍ବର ୧୫ରେ ସଂଘଟିତ ନାବାଳିକା(୬)ଙ୍କୁ ଅପହରଣକରି ନେଇ ବଳାତ୍କାର ପରେ ହତ୍ୟା ଘଟଣାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ବରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ ଅଦାଲତର ସ୍ୱତନ୍ତ୍ର ବିଚାରପତି ଡ. କିରଣ କୁମାର ପ୍ରଧାନ ଏହି ମାମଲାର ଶୁଣାଣିକରି ଅଭିଯୁକ୍ତ ପାଇକମାଳ ଥାନା ମହୁଲପାଲି ଗ୍ରାମର ପ୍ରଶାନ୍ତ ବାଗ ଓରଫ୍ ବରିହା(୨୫)ଙ୍କୁ ମୃତ୍ୟୁ ଦଣ୍ଡାଦେଶ କରିଛନ୍ତି। ୩୭ଜଣଙ୍କ ସାକ୍ଷ୍ୟ ଗ୍ରହଣ, ୫୫ ଡକୁମେଣ୍ଟସ ଏବଂ ୨୭ ବିଭିନ୍ନ ସାମଗ୍ରୀରୁ ବଳିଷ୍ଠ ପ୍ରମାଣ ମିଳିବା ପରେ ବିଚାରପତି ଚୂଡ଼ାନ୍ତ ରାୟରେ ଏଭଳି ଦଣ୍ଡାଦେଶ ଦେଇଛନ୍ତି। ଏହାସହ ମୃତ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ୧୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ବିଚାରପତିଙ୍କ ଆଦେଶ ରହିଛି। ଜିଲା ଗଠନହେବା ଦିନଠାରୁ



ଅଭିଯୁକ୍ତ ପ୍ରଶାନ୍ତ ବାଗ

ବରଗଡ଼ରେ ମୃତ୍ୟୁ ଦଣ୍ଡାଦେଶ ପ୍ରଥମ ହୋଇଥିବାବେଳେ ଏଭଳି ଏକ ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତତ୍କାଳୀନ ସରକାରୀ ଓକିଲ(ଭାରପ୍ରାପ୍ତ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର) ଦ୍ୱିତୀଶ କୁମାର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।

ପ୍ରକାଶ ଯେ, ୨୦୨୪ ନଭେମ୍ବର ୧୫ ପୂର୍ବାହ୍ନ ପ୍ରାୟ ୯ଟାରେ ମୃତ ପୀଡ଼ିତା ତାଙ୍କ ଜେଜେବାପାଙ୍କ ସହ ଘରେ ଥିବାବେଳେ ଅଭିଯୁକ୍ତ ପ୍ରଶାନ୍ତ ମଧ୍ୟ ତାଙ୍କ ସହିତ ସେତେବେଳେ ଉପସ୍ଥିତ ଥିଲେ। ପୀଡ଼ିତାଙ୍କ ମା'ବାପା କ୍ଷେତକୁ ଧାନକାଟିବାକୁ ଯାଇଥିଲେ। ତେବେ ଅଭିଯୁକ୍ତ ମାଛ ଧରିଯିବା ଆଳଦେଖାଇ ପୀଡ଼ିତାଙ୍କୁ ଘରୁ ଡାକି ନେଇଥିଲେ। ଏହାପରେ ପୀଡ଼ିତାଙ୍କ ଜେଜେବାପା ମଧ୍ୟ ଧାନ କାଟିବାକୁ କ୍ଷେତକୁ ଯାଇଥିଲେ। ମଧ୍ୟାହ୍ନ ୧୨ଟାରେ କ୍ଷେତରୁ ଧାନ କାଟି ସାରି ପୀଡ଼ତାଙ୍କ ଜେଜେବାପା ଘରକୁ ଫେରିଥିଲେ। ମାତ୍ର ସେତେବେଳେ ଅଭିଯୁକ୍ତ ପ୍ରଶାନ୍ତ କେବଳ ଘରେ ଥିଲେ। ତାଙ୍କ ଗାଲରେ ରକ୍ତଛିଟା ଲାଗିଥିଲା। ପୀଡ଼ିତାଙ୍କୁ ଘରେ ଦେଖିବାକୁ ନ ପାଇ ଜେଜେବାପା ତାଙ୍କ ନାତୁଣୀଙ୍କ ସମ୍ପର୍କରେ ପ୍ରଶାନ୍ତଙ୍କୁ ପଚାରିଥିଲେ। ମାତ୍ର ପ୍ରଶାନ୍ତ କିଛି ଜାଣି ନ ଥିବା କହିଥିଲେ।

ଏହାପରେ ପରିବାର ଲୋକେ ପୀଡ଼ିତାଙ୍କୁ ଖୋଜାଖୋଜି କରିଥିଲେ ଏବଂ ଗାଁ ନିକଟ ଜଙ୍ଗଲରେ ଉଲଗ୍ନ ଅବସ୍ଥାରେ ପୀଡ଼ିତାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଏନେଇ ସୂଚନା ପାଇ ପୋଲିସ ସେତେବେଳେ ☞ପୃଷ୍ଠା-୨

## ମାର୍ଚ୍ଚ ୮ ସୁଦ୍ଧା ସଜାଡ଼ ବାଳିକା ଶୌଚାଳୟ: ଅନୁ ଗର୍ଗ

### ୩ ବିଭାଗକୁ ସରକାରଙ୍କ ଟାର୍ଗେଟ୍

ଭୁବନେଶ୍ୱର,୬।୧(ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ବାଳିକା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମାର୍ଚ୍ଚ ୮ ପୂର୍ବରୁ ଯେପରି ଶୌଚାଳୟ ସୁନିଶ୍ଚିତ ହେବ ସେନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସଂପୃକ୍ତ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆଦିଲ୍ଲୀଠାରେ ଡିସେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟସ୍ତରୀୟ ମୁଖ୍ୟ ଶାସନ ସଚିବ ସମ୍ମିଳନୀର ନିଷ୍ପତ୍ତିକୁ ନେଇ ମୁଖ୍ୟ ଶାସନ ସଚିବ ୩ଟି ବିଭାଗକୁ ଏପରି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିମଧ୍ୟରେ ମହିଳା ଓ ଶିଶୁ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ରହିଛି। ସମ୍ପୃକ୍ତ ୩ ବିଭାଗକୁ କୁହାଯାଇଛି, ବିକଶିତ ଭାରତ ପାଇଁ ମାନବ ସମ୍ବଳର ସର୍ବାଧିକ ଗୁରୁତ୍ୱ ରହିଛି। ଏହି ଦୃଷ୍ଟିରୁ ☞ପୃଷ୍ଠା-୨

# ଗାନ୍ଧୀଙ୍କ ନାଁରେ ରାଜନୈତିକ ଫାଇଦା ପାଇଁ ହୋଇଥିଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍: ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର,୬।୧(ସୁନିତ୍ ମିଶ୍ର)

ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ(ଭିବିଜିରାମ ଜି) ବିଲ୍ ସଂସଦରେ ପାସ୍ ହୋଇ ଆଇନରେ ପରିଣତ ହୋଇଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଏହି ଯୋଜନାର ଲକ୍ଷ୍ୟ। ଉକ୍ତ ଆଇନର ନାମକରଣ ଜରିଆରେ ବିକଶିତ ଭାରତର ଲକ୍ଷ୍ୟକୁ ଯୋଡ଼ାଯାଇଛି। ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରୋଜଗାର ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇପାରିବ ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ। କେବଳ ଗାନ୍ଧୀଙ୍କ ନାମକୁ ବ୍ୟବହାରକରି ରାଜନୈତିକ ଫାଇଦା ଉଠାଇବା ଆମର ଲକ୍ଷ୍ୟ ନୁହେଁ। ବିରୋଧୀ ଦଳଗୁଡ଼ିକ ନାନା ପ୍ରକାର ଅପପ୍ରଚାର କରୁଛନ୍ତି। ଏହାକୁ କୃଷକ ବିରୋଧୀ ଏବଂ ଗରିବ ବିରୋଧୀ ବୋଲି ଦର୍ଶାଉଛନ୍ତି। ଏନ୍‌ଆର୍‌ଇଜିଏସ୍ ଯୋଜନାରେ ମହାତ୍ମା ଗାନ୍ଧୀଙ୍କ ନାମକୁ ଯୋଡ଼ି ୨୦୦୯ରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ନାମିତ କରାଯାଇଥିଲା। ଗାନ୍ଧୀଙ୍କ ନାମକୁ ବ୍ୟବହାରକରି ରାଜନୈତିକ ଫାଇଦା ଉଠାଇବାକୁ ଉପା ସରକାର ଏହି



ଯୋଜନା କାର୍ଯ୍ୟକାରୀ କରିଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର କୃଷକ ଓ ଗରିବଙ୍କ ରୋଜଗାର ବୃଦ୍ଧି ପାଇଁ ସ୍ୱାଧୀନତା ପୂର୍ବରୁ ଓ ପରେ ଅନେକ ଥର ପ୍ରୟାସ କରାଯାଇଛି। ୧୮୭୬ରୁ ୧୮୭୮ ମଧ୍ୟରେ ଭାରତରେ ଦୁର୍ଭିକ୍ଷ ହୋଇଥିଲା। ଏହା ପରବର୍ତ୍ତୀ ଅବସ୍ଥାରେ ଇଂରେଜ ଶାସନ ସମୟରେ ୧୮୮୦ରେ ଦୁର୍ଭିକ୍ଷ ବୋର୍ଡ ପ୍ରସ୍ତୁତ କରାଯାଇଥିଲା। ଏଥିରେ ଲୋକଙ୍କୁ ସହାୟତା ଦେବା ପାଇଁ କାମ ବାଧ୍ୟତାମୂଳକ ଥିଲା। କିନ୍ତୁ ଲୋକଙ୍କର କୌଣସି ଅଧିକାର ନ ଥିଲା। ସ୍ୱାଧୀନତା ପରେ ସମ୍ବିଧାନର ଧାରା ୪୧ ଅନୁଯାୟୀ ଦେଶର ଆର୍ଥିକ ସମ୍ବଳକୁ ଦୃଷ୍ଟିରେ ରଖି ଲୋକଙ୍କୁ କାମ ଯୋଗାଇବା ଏକ ନୈତିକ ଦାୟିତ୍ୱ ବୋଲି କେନ୍ଦ୍ର ସରକାର ସେତେବେଳେ ହୃଦୟଙ୍ଗମ କରିଥିଲେ। ମାତ୍ର ଏହାକୁ କାର୍ଯ୍ୟକାରୀ କରାଇବା ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଥିଲେ। ୧୯୬୦ ଏବଂ ୧୯୭୧ରେ ଗ୍ରାମୀଣ ରୋଜଗାର ପାଇଁ ନୂଆ ଯୋଜନା କରାଯାଇଥିଲା। ଏଥିରେ ଦର୍ଶାଯାଇଥିଲା, ଯଦି କାମ ଥିବ ତେବେ ସେମାନଙ୍କୁ କାମ ଯୋଗାଇ ଦିଆଯିବ। ମାତ୍ର ଲୋକଙ୍କ ପାଇଁ ଆଦୌ କର୍ମନିଯୁକ୍ତି ସୃଷ୍ଟି କରାଯାଉ ନ ଥିଲା। ଗଳାବାଟ ଥିବା ଯୋଗୁ ଗରିବ ଚାଷୀ, ମୂଲିଆ ଶୋଷିତ ହେଉଥିଲେ। ସେହିପରି ପ୍ରଶାସନିକ କାର୍ଯ୍ୟାନ୍ୱୟନରେ ମଧ୍ୟ ବିଫଳତା ଯୋଗୁ ଏସବୁ ଯୋଜନା ଅନେକ ସମୟରେ ଅସଫଳ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏଭଳି ଅନେକ ଯୋଜନା କରାଯାଇଥିଲେ ମଧ୍ୟ ତାହା ସବୁ ବିଫଳ ହୋଇଥିଲା। ଲକ୍ଷ୍ୟହୀନତା, ଦୁର୍ବଳ ବିକେନ୍ଦ୍ରୀକରଣ ଓ ଦୁର୍ନୀତି ☞ପୃଷ୍ଠା-୨

## ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର,୬।୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ପରିଶ୍ରମୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜନ୍ମଦିନର ଶୁଭେଚ୍ଛା। ସେ ଓଡ଼ିଶାର ବିକାଶ ପଥକୁ ବୃଦ୍ଧିକରିବା ଏବଂ ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତକରିବା ପାଇଁ ଉଲ୍ଲେଖନୀୟ ପ୍ରୟାସ କରିଛନ୍ତି। ଲୋକଙ୍କ ସେବାରେ ତାଙ୍କର ଦୀର୍ଘ ଏବଂ ସୁସ୍ଥ ଜୀବନ ☞ପୃଷ୍ଠା-୨

## ସରକାର ଲଗାଇଲେ 'ଏସ୍ମା'

### ଡାକ୍ତରଙ୍କ ଆନ୍ଦୋଳନ

ଭୁବନେଶ୍ୱର,୬।୧(ରବିନାରାୟଣ ଜେନା)

ରାଜ୍ୟରେ ଡାକ୍ତର ସଂଘ(ଓମ୍‌ସା) ପକ୍ଷରୁ ଜାରି ରହିଥିବା ଆନ୍ଦୋଳନକୁ ପ୍ରଶମିତ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର କଠୋର କାର୍ଯ୍ୟାନୁଷ୍ଠାନସ୍ୱରୂପ ଓଡ଼ିଶା ଜରୁରୀ ସେବା ପରିଚାଳନା ଆଇନ(ଇଏସ୍‌ଏମ୍) ଲାଗୁ କରାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିରେ ସଚିବ ଦର୍ଶାଇଛନ୍ତି, ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଡାକ୍ତର, ନର୍ସିଂ ଅଫିସର, ଫାର୍ମାସୀ ଅଫିସର, ଅନ୍ୟାନ୍ୟ ପାରାମେଡିକାଲ ☞ପୃଷ୍ଠା-୨

SIKSHA 'O' ANUSANDHAN
(DEEMED TO BE UNIVERSITY)
SAAT-2026
Empowering students for a brighter future
MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ଓଟିଇଟି ପରୀକ୍ଷା ଦେଇପାରିବେ ଦୁଇବର୍ଷିଆ ବିଏଡ୍ ଛାତ୍ରୀଛାତ୍ର

ଭୁବନେଶ୍ୱର,(ସୁଚିସ୍ମିତା ସାହୁ): ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଦେବା ପାଇଁ ସ୍ୱତନ୍ତ୍ର ଶିକ୍ଷାରେ ଦୁଇବର୍ଷିଆ ବିଏଡ୍ କରିଥିବା ଛାତ୍ରୀଛାତ୍ରଙ୍କୁ ସୁଯୋଗ ମିଳିବ। ସେମାନେ ଓଟିଇଟି ପେପର୍-୨ ପରୀକ୍ଷା ଦେଇପାରିବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦିଆଯାଇଛି। ପୂର୍ବରୁ କେବଳ ସ୍ୱତନ୍ତ୍ର ଶିକ୍ଷାରେ ବର୍ଷିକିଆ ବିଏଡ୍ କରିଥିବା ପିଲାଙ୍କୁ ଏହି ପରୀକ୍ଷା ଦେବା ପାଇଁ ସୁଯୋଗ ମିଳୁଥିଲା। ଏହି ପରିବର୍ତ୍ତନ ଫଳରେ ୩ ହଜାରରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟରତ ଓଡ଼ିଶା ସ୍ପେଶାଲ୍ ଏଜୁକେଶନ୍ ଫେଡେରେଶନ୍ (ଓଏସ୍ଏଫ୍ଇଡି)ର ସମ୍ପାଦକ ଆୟୁଷ ଚୌଧୁରୀ କହିଛନ୍ତି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘ ପକ୍ଷରୁ ୪ର୍ଥ ବାର୍ଷିକ ରାଜ୍ୟସ୍ତରୀୟ ଅଧିବେଶନ, ସ୍ଥାନ: ଭଞ୍ଜ କଳା ମଣ୍ଡପ, ସମୟ: ସକାଳ ୯ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସଂସ୍କୃତି ବିହାର, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ୱେଲଫେୟାର ଆସୋସିଏଶନ୍ ଏବଂ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ଆସୋସିଏଶନ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୁମ୍ବିନୀ ହଲ୍, ହୋଟେଲ ଶୀତଲ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୪୫।

### ବାଲେଶ୍ୱର
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା-୨୦୨୬, ସ୍ଥାନ: ସିଂଲା, ବାଲେଶ୍ୱର, ସମୟ: ସକାଳ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍), ସ୍ଥାନ: ଦରଖୋଳି ଖେଳପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥଙ୍କ ୨୪ ବେଶ ଦର୍ଶନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବିଷ୍ଣୁପୁର ମକରମେଳା ପଡ଼ିଆ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କାଳିଆଖିଆ ସରକାରୀ ବିଦ୍ୟାଳୟ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଗତି ମଞ୍ଚ ପକ୍ଷରୁ ବନ୍ଧୁମିଳନ ପର୍ବ, ସ୍ଥାନ: ଷ୍ଟେଶନ ପରିସର, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଖଇରା ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ, ସ୍ଥାନ: ରେଳ ଷ୍ଟେଶନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ୬ ଧାନମଣ୍ଡିର ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସେବା ସମବାୟ ସମିତି ପରିସର, ସମୟ: ମଧ୍ୟାହ୍ନ ୧୨ଟା।

### ଭଦ୍ରକ
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଦୁର୍ଗାକଲ୍ୟାଣ ମଣ୍ଡପ, ବାସୁଦେବପୁର, ସମୟ: ସକାଳ ୯ଟା।
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଆର୍‌ଏମ୍‌ସି ଗୋଦାମ ପରିସର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ବନ୍ଧୁମିଳନ ସମାରୋହ, ସ୍ଥାନ: ଡିଗିପୋଖରୀ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଗାନ୍ଧୀନଗର, ପାଳିଆବିନ୍ଧା, ନିଶ୍ଚନ୍ତପୁର, ମଙ୍ଗଳପୁର, ବାମନବିନ୍ଧା, ଚାରିତରଫ ସମବାୟ ସମିତି କାର୍ଯ୍ୟାଳୟ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଘଣ୍ଟେଶ୍ୱର ଅପର୍ତ୍ତିଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଦିବାକର ମେମୋରିଆଲ ଆନ୍ତଃରାଜ୍ୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ନୀଳମଣି ମିନିଷ୍ଟାଡିୟମ୍, ଶୁଙ୍ଗୁଡ଼ା, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ ହାଇସ୍କୁଲ, ସମୟ: ଅପରାହ୍ନ ୩ଟା।
- ଭଦ୍ରକ ସାଂସ୍କୃତିକ ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

### କେନ୍ଦୁଝର
- ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା, ସ୍ଥାନ: ଏଆର୍‌ଟିଓ କାର୍ଯ୍ୟାଳୟ, ବଡ଼ବିଲ, ସମୟ: ସକାଳ ୭ଟା।

### ମୟୂରଭଞ୍ଜ
- ଷ୍ଟେଶନ ଆଥଲେଟିକ ଆସୋସିଏନ ପକ୍ଷରୁ ରୟାଲ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ସ୍ନାତକ ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, କୁଆମରା, ସମୟ: ପୂର୍ବାହ୍ନ ୧୦ଟା।
- ମାରସିଙ୍ଗା ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ, ମାରସିଙ୍ଗା ଜୟପୁର, ଗୋପବନ୍ଧୁନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମୋହନପୁର ଆଶ୍ରମ ବିଦ୍ୟାଳୟ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଟିକାୟତପୁର ଏସ୍‌ଏସ୍‌ଡି ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଟିକାୟତପୁର, ଆରପଟା, ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ 'ଉମଙ୍ଗ'-୨୦୨୬, ସ୍ଥାନ: ପିସିପୁର ସରକାରୀ ଉପ୍ରା ବିଦ୍ୟାଳୟ, ବାରିପଦା, ସମୟ: ଅପରାହ୍ନ ୪ଟା।

### ବ୍ରହ୍ମପୁର
- ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ ଉଦଘାଟନ, ସ୍ଥାନ: ଗୋପାଳ କୃଷ୍ଣ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୪୫।

### ଗଞ୍ଜାମ
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବୁଗୁଡ଼ା ବ୍ଲକ ତାଲସାକର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ସୌରଭ ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା, ମା ମାଳିଖୋଲା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

### କନ୍ଧମାଳ
- ମଶାଲ ଶୋଭାଯାତ୍ରା, ସ୍ଥାନ: ଫୁଲବାଣୀ ନାରାୟଣୀ ମନ୍ଦିର, ସମୟ: ସକାଳ ୯ଟା।
- ଜିଲ୍ଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ, ସ୍ଥାନ: ଫୁଲବାଣୀସ୍ଥିତ କରୋନେଶନ ପଡ଼ିଆ, ସମୟ: ସକାଳ ୯ଟା।
- ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ : ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଡ଼ଗାଁ, ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- କନ୍ଧମାଳ ମହୋତ୍ସବ, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

### ଢେଙ୍କାନାଳ
- ନବଜ୍ୟୋତି ଯୁବକ ସଂଘର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ଅନନ୍ତପୁର କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ ଟା।

### ଜଗତ୍‌ସିଂହପୁର
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଥରବନ୍ଧ ନେହେରୁବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ନୋଡାଲଉଚ୍ଚ ବିଦ୍ୟାଳୟ, କୋରୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାନ: ବୋଧେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶ୍ରୀଚନ୍ଦନପୁର, ମହାକାଳପଡ଼ା, ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବେଲାରପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡ଼ିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

### ଯାଜପୁର
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଟାଉନ ପ୍ରଶାସନିକ ଭବନ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ବଡ଼ଚଣା ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବଡ଼ଚଣା ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୫ଟା।

### ନୟାଗଡ଼
- ନୟାଗଡ଼ ଜିଲ୍ଲାସ୍ତରୀୟ ୭ମ ସ୍କାଉଟ୍ ଗାଇଡ୍ କ୍ୟାମ୍ପୋର ଉଦ୍‌ଯାପନ ଦିବସ, ସ୍ଥାନ: ନୂଆଗାଁ ବ୍ଲକ ଡିମିରିପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ଦିବସରେ ତମାଣ୍ଡୋ କ୍ରିକେଟ କ୍ଲବ ବନାମ ବ୍ରହ୍ମପୁର କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ବଡ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟର ଜଟଣୀ ବନାମ ଭୁବନେଶ୍ୱର, ସ୍ଥାନ: ଖଣ୍ଡପଡା ବ୍ଲକ ଅଫିସ ସମ୍ମୁଖ ପଡିଆ, ସମୟ: ଅପରାହ୍ନ ୩ଟାରୁ ରାତ୍ର ୮ଟା।
- ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ସୋରଣ ବନାମ ଇଟାମାଟି, ସ୍ଥାନ: ଖଣ୍ଡପଡା ବ୍ଲକ ଅଫିସ ସମ୍ମୁଖ ପଡିଆ, ସମୟ: ଅପରାହ୍ନ ୪ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ଼ ନିଉଟାଉନ ସ୍ଥିତ ପିଡବ୍ଲୁଡି ଲେନ୍‌ର ନୟାଗଡ଼ ପ୍ୟାଲେସ, ସମୟ: ଅପରାହ୍ନ ୪ଟା।
- ରଣପୁର ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ରଣପୁର ବାଘ ସାମନ୍ତ ପଡିଆ, ସମୟ: ସନ୍ଧ୍ୟା ୬ଟା।

### ରାୟଗଡ଼ା
- ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଚନ୍ଦ୍ରପୁର, କଦମା, ସମୟ: ପୂର୍ବାହ୍ନ ୧୦ଟା।

## ରାଜ୍ୟବାସୀଙ୍କ ଶୁଭେଚ୍ଛା ସେବା ପାଇଁ ଉତ୍ସାହ ବଢ଼ାଇବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୧ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ବାର୍ତ୍ତା ଆସିଛି। ମୁଖ୍ୟମନ୍ତ୍ରୀ ସମସ୍ତ ଶୁଭେଚ୍ଛା ବାର୍ତ୍ତାକୁ ସାଦରେ ଗ୍ରହଣ କରି ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟବାସୀଙ୍କ ଏହି ଶୁଭେଚ୍ଛା ଓ ଆଶୀର୍ବାଦ ମୋତେ ରାଜ୍ୟର ସେବା କରିବା ପାଇଁ ଆହୁରି ଉତ୍ସାହ ପ୍ରଦାନ କରିବ। ଲୋକଙ୍କ ମୁଖ୍ୟ ସେବକ ଭାବେ ଓଡ଼ିଶାର ବିକାଶ ସହିତ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଉପରେ ସେ ସବୁ ସମୟରେ ଗୁରୁତ୍ୱ ଦେଇଆସିଛନ୍ତି। ଏହି ସ୍ନେହ, ଶ୍ରଦ୍ଧା ରାଜ୍ୟବାସୀଙ୍କ ସେବାପାଇଁ ତାଙ୍କର ମନୋବଳକୁ ଆହୁରି ଦୃଢ଼ କରିବ ବୋଲି ସେ କହିଛନ୍ତି। ୨୦୩୬ ସୁଦ୍ଧା ଆମର ଯେଉଁ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ରହିଛି, ତାହା ହାସଲ ପାଇଁ ଆପଣମାନଙ୍କ ସ୍ନେହ, ଶୁଭେଚ୍ଛା ଓ ଆଶୀର୍ବାଦ ଆମକୁ ଆହୁରି ଶକ୍ତି ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ ସହିତ କେତୁ ଯୁକ୍ତ ହୋଇଥିବାରୁ ସନ୍ତାନଙ୍କ ଯୋଗୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଜୀବନରେ ଅଶାନ୍ତି ଉପୁଜିପାରେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହିତ ସ୍ଥଗିତ କାମକୁ ଆରମ୍ଭ କରିପାରନ୍ତି। ବିଶେଷତଃ ଦ୍ୱିଜା ନକ୍ଷତ୍ର ଆଜି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ** ପାପଗ୍ରହ ଅଷ୍ଟମସ୍ଥ ହୋଇ ଧନଭାବକୁ ପ୍ରଭାବିତ କରୁଥିବାରୁ ଟଙ୍କା ପଇସା ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ। ବନ୍ଧୁଙ୍କ ଅସୁବିଧାକୁ ସୁଧାରିବା ପରିପ୍ରେକ୍ଷୀରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ରହିପାରନ୍ତି। ତୃତୀୟସ୍ଥାନ ରାହୁଙ୍କ ଦୃଷ୍ଟିରେ ଥିବାରୁ ଭ୍ରାତୃ ସମ୍ପର୍କରେ ସମସ୍ୟା ସୃଷ୍ଟିହେବ।

**ମିଥୁନ** ଧନାଧିପ ତୃତୀୟରେ ପାପଯୁକ୍ତ କାରଣରୁ ଅର୍ଥସମ୍ପର୍କୀୟ କଳହଜନିତ ମନ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଘର ଖର୍ଚ୍ଚ ଦି'ଗୁଣା ହୋଇପାରେ। ମୃଗଶିରା ନକ୍ଷତ୍ର ସକାଶେ ଋଣ କରାଇଦେବା ପାଇଁ ଜଣେ ବନ୍ଧୁ ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ** ଷଷ୍ଠାଧିପ ଦ୍ୱାଦଶସ୍ଥ ଯୋଗୁ ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିପାରେ। ଅଶ୍ଳେଷା ନକ୍ଷତ୍ରର ସ୍ୱାସ୍ଥ୍ୟ ଅବସ୍ଥା ନିମ୍ନଗାମୀ ହେବା କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସମସ୍ୟା ରହିଥିଲେ ମଧ ଆପଣଙ୍କ କର୍ମପ୍ରବାହ ଆଗକୁ ଗଡ଼ି ଚାଲିବାରେ କୌଣସି ପ୍ରତିବନ୍ଧକ ରହିବନାହିଁ। ପାରିବାରିକ ସୌହାର୍ଦ୍ଦ୍ୟ, ସାମାଜିକ ସମ୍ମାନ ଓ ଆର୍ଥିକସ୍ଥିତି ମନ୍ଦ ହେବନାହିଁ।

**ସିଂହ** ଶନିଙ୍କ ଦୃଷ୍ଟିଜନିତ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ନ ହୋଇପାରେ। ପରିବାରରେ ସନ୍ତାନଙ୍କ ସମସ୍ୟା, ପରୀକ୍ଷାରେ ସାକ୍ଷାତ୍‌କାରଜନିତ ସାମୟିକ ମାନସିକ ଅସ୍ଥିରତା ସୃଷ୍ଟିହେବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ବିବାଦୀୟ ପରିସ୍ଥିତି ନିୟନ୍ତ୍ରଣରେ ରହିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାର ସୁଯୋଗ ମିଳିବ। ବୈଷୟିକ ଅଭିବୃଦ୍ଧି ଘଟିବ।

**କନ୍ୟା** ଚତୁର୍ଥଭାବରେ ଏକାଧିକ ଗ୍ରହ ପାରିବାରିକ ଜୀବନରେ ହଟଚମଟ ସୃଷ୍ଟି କରିପାରନ୍ତି। ଗାଡ଼ିମୋଟର ଚାଳନାରେ, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ, ନିର୍ମାଣକ୍ଷେତ୍ରରେ ସତର୍କ ରହିବା ଭଲ ହେବ। ଲାଭାଧିପ ବ୍ୟୟଭାବରେ ଅବସ୍ଥାନ କରୁଥିବାରୁ କିଛି ପାଇବାକୁ ଯାଇ କିଛି ହରାଇବାକୁ ପଡ଼ିପାରେ।

**ତୁଳା** ଆପଣଙ୍କ ରାଶି ପାଇଁ ଆଜିର ଗ୍ରହସ୍ଥିତି ଅନୁକୂଳ ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ। ନିଜ ଲୋକଙ୍କ ଅପେକ୍ଷା ବାହାର ଲୋକଙ୍କ ସହ ସମ୍ପର୍କ ଦୃଢ଼ୀଭୂତ ହେବ। ସାହିତ୍ୟ, ସଙ୍ଗୀତ, ମନୋରଞ୍ଜନ କାର୍ଯ୍ୟରେ ପ୍ରଶଂସିତ ହେବେ। କିନ୍ତୁ ସ୍ୱାତୀ ନକ୍ଷତ୍ର ଦୂରଯାତ୍ରାରୁ ଦୂରେଇ ରହିବାକୁ ମନସ୍ଥ କରିପାରନ୍ତି।

**ବିଛା** ଉଚ୍ଚାରୋହୀ ମଙ୍ଗଳଙ୍କ ଯୋଗୁ ଆଜି ଦୈହିକ, ମାନସିକ ଓ ଆର୍ଥିକ ଦିଗଟି ଭଲ ରହିବ। କିନ୍ତୁ ସ୍ୱଜନ ବିବାଦ, ପଡ଼ୋଶୀଙ୍କ ଅପପ୍ରଚାର ଏବଂ କର୍ମକ୍ଷେତ୍ରରେ ଉଦାସୀନତା ଲାଗିରହିବ। ଅନ୍ୟମାନଙ୍କ ସକାଶେ ନିଜକୁ ସନ୍ତୁଳିତ ହେବାକୁ ପଡ଼ିପାରେ। ସାଙ୍ଗଠନିକ କାର୍ଯ୍ୟରେ, ରାଜନୀତିରେ, ଆନୁଷ୍ଠାନିକ କାମରେ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ଆଜିର ଗ୍ରହଯୋଗ ଆପଣଙ୍କୁ ବିବାଦ ସମାଧାନରେ, କ୍ରୟବିକ୍ରୟର ମଧ୍ୟସ୍ଥତାରେ ସଫଳତା ପ୍ରଦାନ କରିବ। ଚନ୍ଦ୍ର ଓ କେତୁ ପ୍ରଭାବରେ କୂଟନୈତିକ ଆଲୋଚନାରେ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ। ଅନାବଶ୍ୟକ କଥାବାର୍ତ୍ତା ବିବାଦର କାରଣ ହେବ। ଦୈହିକ ସୁସ୍ଥତା, ଆର୍ଥିକ ଅଭିବୃଦ୍ଧି ଓ ଲକ୍ଷ୍ୟହାସଲରେ ଆନନ୍ଦ ଅନୁଭବ କରିପାରନ୍ତି।

**ମକର** ରବିଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରେ ବିଶିଷ୍ଟବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ଶୁକ୍ରଙ୍କ ଶୁଭଦୃଷ୍ଟିରୁ ମନୋରଞ୍ଜନର ମଉକା ଜୁଟିପାରେ। ପ୍ରତ୍ୟାବର୍ତ୍ତନ ପଥରେ ମୂଲ୍ୟବାନ ଜିନିଷ କିଣିବାକୁ ମନ ବଳାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସଙ୍ଗକୁ ସହଜରେ କାମ ମଧ ହାସଲ କରିପାରିବେ।

**କୁମ୍ଭ** ଏକାଦଶସ୍ଥ ପାପଗ୍ରହ ଆପଣ ଠିକ୍ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପକାଇପାରନ୍ତି। ବିଶେଷ ଶ୍ରମ ଓ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ହୋଇପାରେ। କର୍ମକ୍ଷେତ୍ରରେ ଭାବିଚିନ୍ତି ସତର୍କତାମୂଳକ ପଦକ୍ଷେପ ନ ନେଲେ ପରେ ପସ୍ତେଇବାକୁ ପଡ଼ିବ। ବ୍ୟବସାୟିକ ଉତ୍କର୍ଷତା ସହ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବାର ସୌଭାଗ୍ୟ ଅର୍ଜନ କରିବେ।

**ମୀନ** ବୃହସ୍ପତିଙ୍କ ସୁପ୍ରଭାବରେ ଆରୋଗ୍ୟଲାଭ, କାର୍ଯ୍ୟସିଦ୍ଧି, ସଫଳ ଆଲୋଚନା ମାନସିକ ସ୍ଥିତିକୁ ଦୃଢ଼ୀଭୂତ କରିବ। କର୍ମ କ୍ଷେତ୍ରରେ ନିଚଜାତିର ବ୍ୟକ୍ତିଙ୍କ ସହ ଉଚ୍ଚବାଚ ଘଟିପାରେ। ଆଜିର ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ରାଜନୈତିକ, ସାମାଜିକ, ପ୍ରଶାସନିକ ଓ ଅର୍ଥନୈତିକ ସ୍ଥିତି ବାଧାପ୍ରାପ୍ତ ହେବନାହିଁ।

ଆଜି ଜନୁଆରୀ ୭ ତାରିଖ, ମାଘ କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ବୁଧବାର। ରାଶିନକ୍ଷତ୍ର-ଦିବା ଘ.୧୧.୫୭ମି. ଗତେ, ପୂର୍ବାଫାଲଗୁନୀ/ସିଂହ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୬ମି. ଗତେ ଘ.୦୮.୩୭ମି. ମଧ୍ୟେ, ଘ.୧୦.୪୭ମି. ଗତେ ଘ.୧୧.୫୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୧୪ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଝାରସୁଗୁଡ଼ାରେ ୭୨ବର୍ଷର...

କୋରାପୁଟରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଅପରପକ୍ଷେ ଝାରସୁଗୁଡ଼ାରେ ତାପମାତ୍ରା ୭୨ବର୍ଷର ରେକର୍ଡ ଭାଙ୍ଗିଛି। ମଙ୍ଗଳବାର ଏଠାରେ ସର୍ବନିମ୍ନ ତାପମାତ୍ରା ୫.୧ ଡିଗ୍ରୀ ସେଲ୍‌ସିୟସ ରହିଥିବାବେଳେ ସ୍ୱାଭାବିକ ତାପମାତ୍ରାଠାରୁ ୬.୭ ଡିଗ୍ରୀ କମ୍ ରହିଥିବା ପାଣିପାଗ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ତଥ୍ୟ ଅନୁଯାୟୀ, ୧୯୮୬ ଜାନୁଆରୀ ୬ରେ ଝାରସୁଗୁଡ଼ାରେ ତାପମାତ୍ରା ୬.୧, ୨୦୨୦ ଡିସେମ୍ବର ୨୧ରେ ୫.୮, ୨୦୨୩ ଜାନୁଆରୀ ୭ରେ ୫.୬ ଏବଂ ୨୦୨୫ ଜାନୁଆରୀ ୯ରେ ୬ ଡିଗ୍ରୀ ସେଲ୍‌ସିୟସ ରହିଥିବାବେଳେ ମଙ୍ଗଳବାର ୫.୧ ଡିଗ୍ରୀ ରେକର୍ଡ କରାଯାଇଛି। ଝାରସୁଗୁଡ଼ା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପାରଦ ଖସିବା ସହିତ ଅସହ୍ୟ ଶୀତ ଅନୁଭୂତ ହେଉଛି। ମଙ୍ଗଳବାର ଭୋରଠାରୁ ରାଜଧାନୀ ଭୁବନେଶ୍ୱରରେ ୧୦ରୁ ୧୫କି.ମି ବେଗରେ ମୁଖ୍ୟତଃ ଉତ୍ତର-ଉତ୍ତରପୂର୍ବ ଦିଗରୁ ଥଣ୍ଡା ପବନ ପ୍ରବାହ ହେତୁ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇଥିଲା। ବିଭାଗ ପକ୍ଷରୁ ରେକର୍ଡ ହୋଇଥିବା ତଥ୍ୟ ଅନୁଯାୟୀ, ଗତ ୨୪ ଘଣ୍ଟାରେ ରାଜ୍ୟର ୧୧ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୬.୬ଡିଗ୍ରୀ ସେଲ୍‌ସିୟସ ରହିଥିବାବେଳେ ଜି.ଉଦୟଗିରି ଓ କିରେଇରେ ୬.୮, ଦାରିଙ୍ଗବାଡ଼ିରେ ୭.୫, ସୁନ୍ଦରଗଡ଼ରେ ୭.୬, ସେମିଳିଗୁଡ଼ାରେ ୮.୫, ବଲାଙ୍ଗୀରରେ ୮.୮, କେନ୍ଦୁଝରରେ ୯, ସୋନପୁରରେ ୯.୧ ଏବଂ ଢେଙ୍କାନାଳରେ ୯.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି କଟକରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀକୁ ଖସିଛି। ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୧୨.୯ ଡିଗ୍ରୀ ରେକର୍ଡ ହୋଇଛି। ଏହାବ୍ୟତୀତ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାକୁ ଘନ କୁହୁଡ଼ି ନେଇ ସତର୍କ ସୂଚନା ଜାରି କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅବେଳରେ ଆଲିଙ୍ଗନ
ଚାହିଁଲେ ପତି
ଦିନବେଳେ ଲଜ୍ଜାକର
କହିଲେ ସତୀ ।**

ଦାମ୍ପତ୍ୟ ଜୀବନରେ ସ୍ୱାମୀ ସ୍ତ୍ରୀଙ୍କ ମଧରେ ପ୍ରେମ ଯେତେ ନିବିଡ଼ ହେଲେ ସୁଦ୍ଧା ତାହା ଦିନବେଳେ ସମ୍ପାଦିତ ହେବା ଅତ୍ୟନ୍ତ ଲଜ୍ଜାକର ହୋଇଥାଏ। ସତୀ ଏବଂ ସାଧ୍ୱୀ ପତ୍ନୀ ଏହାକୁ ଆଦୌ ପ୍ରଶ୍ରୟ ଦିଅନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଇଲା ସଂକ୍ରାନ୍ତି ନାନୀ
ସାଙ୍ଗରେ ପୂନିଆଁ ପରବ ଘେନି ।**

ରଜକୁ ଏଠାରେ ସଂକ୍ରାନ୍ତି ନାନୀ ବୋଲି ଦର୍ଶାଯାଇଛି। ସାଧାରଣତଃ ରଜ ସଂକ୍ରାନ୍ତି ପରେ ବର୍ଷର ପୁନେଇଁ ପରବ ଆରମ୍ଭ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଦୋଷୀଙ୍କୁ ମୃତ୍ୟୁ...

ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଚଳାଇଥିଲା। ତଦନ୍ତରେ ପ୍ରଶାନ୍ତଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଅଧିକ ପଚରାଉଚରା କରିଥିଲା। ପ୍ରଶାନ୍ତ ପୀଡ଼ିତାଙ୍କୁ ବଳାତ୍କାର ଏବଂ ହତ୍ୟା କରିଥିବା କହିଥିଲେ। ପ୍ରଥମେ ଏକ ବେଲ୍ଟରେ ପୀଡ଼ିତାଙ୍କୁ ଶ୍ୱାସରୁଦ୍ଧ କରିଥିଲେ। କାଳେ ସେ ବଞ୍ଚିଯାଇଥିବେ ଭାବି ପୁଣି ଏକ ବଡ଼ ପଥର ପୀଡ଼ିତାଙ୍କ ମୁଣ୍ଡ ଉପରେ କଚାଡ଼ି ହତ୍ୟା କରିଥିବା ସେ ସ୍ୱୀକାର କରିଥିଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ପୀଡ଼ିତାଙ୍କ ଜେଜେବାପାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଦଫା ୧୪୦(୧)/୬୫(୨)/୬୬ବିଏନ୍‌ଏସ୍/୬ପୋକ୍ସୋ ଆକ୍ଟରେ ଏକ ମାମଲା(ନଂ.୨୮/୨୦୨୪) ରୁଜୁକରି ଅଧିକ ତଦନ୍ତ ଚଳାଇଥିଲା। ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରି ପକାଇଥିଲା। ପୋଲିସ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଥିଲା। ବରଗଡ଼ ଏସ୍‌ପି ପି.ଏସ୍. ମୀନା ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ତତ୍କାଳୀନ ପଦ୍ମପୁର ଥାନା ଅଧିକାରୀ ମମତା ନାଏକ ତଦନ୍ତ ଅଧିକାରୀଭାବେ ରହିଥିଲେ। ଘଟଣା ଘଟିବାର ୨୦ଦିନ ମଧ୍ୟରେ ପୋଲିସ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା ଏବଂ ଏହା ପରେ ବିଚାର ପ୍ରକ୍ରିୟା ଆଗେଇ ଚାଲିଥିଲା। ସାକ୍ଷ୍ୟ ଗ୍ରହଣ ସହ ବଳିଷ୍ଠ ପ୍ରମାଣ ମିଳିବା ପରେ ଗତ ଡିସେମ୍ବର ୨୬ରୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତକରି ସାରିଥିଲେ। ମଙ୍ଗଳବାର ଦଣ୍ଡବିଧାନର ଶୁଣାଣି ରହିଥିଲା। ତେବେ ଅଭିଯୁକ୍ତଙ୍କୁ କେଉଁ ଦଣ୍ଡ ମିଳିବ, ତାକୁ ସମସ୍ତେ ଚାହିଁ ବସିଥିଲେ। ଏପରିକି କୋର୍ଟକୁ ପୀଡ଼ିତାଙ୍କ ପରିବାର ଲୋକେ ମଧ୍ୟ ଆସିଥିଲେ। ମୃତ୍ୟୁ ଦଣ୍ଡାଦେଶ ମିଳିବା ପରେ ଏଭଳି ରାୟକୁ ସମସ୍ତେ ସ୍ୱାଗତ କରିଛନ୍ତି। ଏନେଇ ପୀଡ଼ିତାଙ୍କ ମା' କହିଛନ୍ତି, ଝିଅକୁ ଅମାନୁଷିକଭାବେ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିବା ଯୋଗୁ ବିଚାରପତିଙ୍କୁ କୋଟି କୋଟି ଜୁହାର। ତେବେ ଯେଉଁଦିନ ଅଭିଯୁକ୍ତଙ୍କୁ ଫାଶୀ ଦିଆଯିବ, ସେହିଦିନ ତାଙ୍କ ଝିଅର ଆତ୍ମାକୁ ଶାନ୍ତି ମିଳିବ ବୋଲି କାନ୍ଦିକାନ୍ଦି ପୀଡ଼ିତାଙ୍କ ମା' କହିଛନ୍ତି। ସେହିପରି ସ୍ଥାନୀୟ ସରପଞ୍ଚ ଦିଲୀପ ବେହେରା କହିଛନ୍ତି, ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦେବାକୁ ଅଞ୍ଚଳବାସୀ ଆରମ୍ଭରୁ ଦାବି କରି ଆସିଥିଲେ। ଆଜି ସେହି ନ୍ୟାୟ ମିଳିଛି। ଏଭଳି ଦଣ୍ଡବିଧାନ ହେଲେ ଆଉ କେହି ସେଭଳି ଘୃଣିତ କାର୍ଯ୍ୟ କରିବାକୁ ସାହସ କରିବେ ନାହିଁ ବୋଲି ବେହେରା କହିଛନ୍ତି।

## ମାର୍ଚ୍ଚ ୮ ସୁଦ୍ଧା ସଜାଡ଼...

ପ୍ରଥମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶିକ୍ଷା ଓ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଇଛି। ଏହି କ୍ରମରେ ଆସନ୍ତା ମାର୍ଚ୍ଚ ୮ ପୂର୍ବରୁ ଯେପରି ସମସ୍ତ ବାଳିକା ବିଦ୍ୟାଳୟ ଅଥବା ମହାବିଦ୍ୟାଳୟରେ ଶୌଚାଳୟ ପ୍ରସ୍ତୁତ ହେବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ମୁଖ୍ୟ ସଚିବ କହିଛନ୍ତି। ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶନାମାକୁ ନେଇ ଚଳିତମାସ ୩ରେ ଏକ ନିର୍ଦ୍ଦେଶନାମା ସଂପୃକ୍ତ ବିଭାଗୀୟ ସଚିବଙ୍କୁ ପ୍ରଦାନ କରାଯାଇଛି। ସେଥିମଧ୍ୟରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଲାଗି ଶିଶୁବାଟିକା ତଥା ପ୍ରାକ୍ ଶିକ୍ଷାନୁଷ୍ଠାନ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଖୁସିକେନ୍ଦ୍ର ଭାବେ କାର୍ଯ୍ୟ କରିବାକୁ କୁହାଯାଇଛି। ଏହାସହିତ ଶିଶୁମାନଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ରରେ ଖେଳନାଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ମନୋରଞ୍ଜନ ସାମଗ୍ରୀ ରହିବ। କିଛି କିଛି ସମୟରେ ଶିଶୁମାନଙ୍କୁ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରକୁ ପରିଭ୍ରମଣ କରାଇ ଆନନ୍ଦ ଜନ୍ମାଇବାକୁ ପଡ଼ିବ। ଏକାଠି ବସି ଟିଫିନ୍ ଭୋଜନ କରିବେ। ଶିଶୁମାନଙ୍କ ମଧ୍ୟରେ ପୋଷଣ ପ୍ରତିଯୋଗିତା ମଧ କରାଯାଇପାରିବ। ଏହିଭଳି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଙ୍କ ବିଦ୍ୟାଳୟ ପ୍ରତି ଆଗ୍ରହ ଜନ୍ମାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଦିଆଯାଇଥିବା ପରାମର୍ଶରେ ପ୍ରାଥମିକ ବିଦ୍ୟାଳୟସ୍ତରରେ ଇଣ୍ଟରନେଟ୍, ବିଜ୍ଞାନ ଉପକରଣ, ଆଇସିଟି ଲ୍ୟାବ୍ ପ୍ରଭୃତି ବ୍ୟବସ୍ଥା ରହିବାକୁ କୁହାଯାଇଛି। ବିଦ୍ୟାଳୟରେ ଯେପରି ଅଙ୍ଗନୱାଡି କେନ୍ଦ୍ର ଚାଲିପାରିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦେବାକୁ ହେବ। ଯେଉଁ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସୁଛନ୍ତି ସେମାନଙ୍କର ଏବଂ ସେମାନଙ୍କ ଅଭିଭାବକଙ୍କ ମାନସିକତା ପରୀକ୍ଷା କରାଯିବ। ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଏବଂ ଗୋଟିଏ ଶ୍ରେଣୀରେ କେତେ ପିଲା ପଢ଼ିପାରିବେ ତାହାର ନିର୍ଦ୍ଦିଷ୍ଟତା ରହିବ। ମଧ୍ୟମ ପାଠ ପଢ଼ିବା ପର୍ଯ୍ୟନ୍ତ ଶିଶୁମାନଙ୍କ ସାଇକୋଲୋଜି ପରୀକ୍ଷା କରାଯିବ। ସବୁଠାରୁ ବଡ଼କଥା ହେଲା, ଗ୍ରାମାଞ୍ଚଳ ବିଦ୍ୟାଳୟରେ ଯେପରି ସହରାଞ୍ଚଳ ସୁବିଧା ରହିବ ତାହାକୁ ଦୃଷ୍ଟିଦେବାକୁ ହେବ। ସେହିପରି ମହାବିଦ୍ୟାଳୟସ୍ତରରେ ଉଚ୍ଚଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି।

ସେଥିମଧ୍ୟରେ ଶିଳ୍ପ-ଶିକ୍ଷା ମଧ୍ୟରେ ସହଯୋଗ ସୁଦୃଢ଼ କରିବା, ଇର୍ଣ୍ଟର୍ନଶିପ୍ ଓ ଆପ୍ରେଣ୍ଟିସିପ୍ ବ୍ୟବସ୍ଥାକୁ ଶକ୍ତ କରିବା ସହିତ କୃଷି ଉଚ୍ଚ ଶିକ୍ଷା ପରିବେଶର ଭବିଷ୍ୟତ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ କୁହାଯାଇଛି। ଏହାସହିତ ଇନ୍‌କ୍ୟୁବେଶନ୍ ସେଣ୍ଟର ମାଧ୍ୟମରେ ରାଜ୍ୟ ପ୍ରାଯୁକ୍ତିକ ସଂସ୍ଥାଗୁଡ଼ିକର ନବୋନ୍ମେଷ ପରିବେଶକୁ ଶକ୍ତ କରିବା, ୧୦ଟି ଉଚ୍ଚଶିକ୍ଷା ଅନୁଷ୍ଠାନକୁ ମଡେଲ୍ ଫିନିସିଂ ସ୍କୁଲ୍ ଭାବେ ଉନ୍ନତ କରିବା ଓ ଆତ୍ମହତ୍ୟା ରୋକିବା ପାଇଁ ମାନସିକ ପରାମର୍ଶ ସେବା ପ୍ରଦାନ କରିବା ଭଳି ବ୍ୟବସ୍ଥା ଆପଣାଇବାକୁ ଉଚ୍ଚଶିକ୍ଷା ବିଭାଗକୁ କୁହାଯାଇଛି।

## ଗାନ୍ଧୀଙ୍କ ନାଁରେ...

ଯୋଗୁ ବିଭିନ୍ନ ସମୟରେ ଏହିସବୁ ଯୋଜନା ସଫଳ ହୋଇପାରିନାହିଁ। ଗରିବ ଓ ଶ୍ରମିକମାନଙ୍କ ପାଇଁ ଏହା କେବେ ଫଳପ୍ରଦ ହୋଇପାରି ନ ଥିଲା। ୨୦୦୫ରେ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା (ଏନ୍‌ଆରଇଜିଏସ୍) ଆରମ୍ଭ କରାଯାଇଥିଲା। ଗତ ୨୦ ବର୍ଷ ଧରି ସାରା ଦେଶରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ୨୦୦୯ରେ ଉକ୍ତ ଯୋଜନାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତ ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ନାମିତ କରାଯାଇଥିଲା। ମାତ୍ର ଏହାର ମୌଳିକ ଢାଞ୍ଚାରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା। ଗାନ୍ଧୀଙ୍କ ନାମକୁ ବ୍ୟବହାର କରି ରାଜନୈତିକ ଫାଇଦା ଉଠାଇବାକୁ ଉପା ସରକାର ଏହି ଯୋଜନା କାର୍ଯ୍ୟ କରିଥିଲା। ଏଥିରେ ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ଦେବା ପାଇଁ ନିୟମ ଥିଲେ ମଧ ବାସ୍ତବରେ କେବଳ ୫୦ ଦିନ କାମ ମିଳୁଥିଲା। ସେହିପରି ଯେଉଁ ଭତ୍ତା ଦିଆଯାଉଥିଲା ତାହା ଅତ୍ୟନ୍ତ ନଗଣ୍ୟ ଥିଲା। ଉକ୍ତ ଯୋଜନାରେ ବିଭିନ୍ନ ରାଜ୍ୟରେ ସେତେବେଳେ ଦୁର୍ନୀତି ମଧ ଦେଖିବାକୁ ମିଳିଥିଲା। ମିଛ ମଷ୍ଟରରୋଲ୍ ଦେଖାଇ ମୃତ ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଯୋଡ଼ିଦିଆଯାଇଥିଲା। ମଜୁରି ପ୍ରଦାନରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଥିଲା। ଉପା ସରକାର ସମୟରେ ଯୋଜନାବଦ୍ଧ ଭାବେ ଏସବୁ ଦୁର୍ନୀତି ହୋଇଥିଲା। ବିହାରରେ ୬୦୦୦ କୋଟି ଓ ଉତ୍ତରପ୍ରଦେଶରେ ୧୦ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିଲା। ଓଡ଼ିଶା ମଧ ଏଥିରୁ ବାଦ୍ ପଡ଼ି ନ ଥିଲା। ୨୦୧୨ରେ ସମ୍ବଲପୁରରେ କେତେଜଣ ମୃତବ୍ୟକ୍ତି, ରୋଗୀ ଏବଂ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ନାମରେ ମଜୁରି ଟଙ୍କା ଉଠାଯାଇଥିଲା। ମଷ୍ଟରରୋଲ୍‌ରେ ମିଛ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥିଲା। କିଛି ରାସ୍ତା କାମ ଆଦୌ କରା ନ ଯାଇ ଅର୍ଥ ହଡ଼ପ କରାଯାଇଥିଲା। ଏନ୍‌ଆରଇଜିଏସ୍‌ରେ ଋତୁକାଳୀନ ସମସ୍ୟା ଉପରେ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିଲା ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ଟେକ୍ନୋଲୋଜିକୁ ବ୍ୟବହାରକରି ଏସବୁ ଦୁର୍ନୀତି ରୋକିବା ଏବଂ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଭିବି ଜି ରାମ ଜି ବିଲ୍' ପ୍ରଣୟନ କରିଛନ୍ତି। ଗ୍ରାମ ସ୍ୱରାଜ ଆଣିବା ପାଇଁ ଗାନ୍ଧୀଙ୍କ ଯେଉଁ ସ୍ୱପ୍ନ ଥିଲା ତାକୁ ଠିକ୍ ଭାବେ କାର୍ଯ୍ୟକାରୀକରି ବିକଶିତ ଆଡ଼କୁ କିପରି ଅଗ୍ରସର ହେବା ସେନେଇ ନୂତନ ଯୋଜନାରେ ବ୍ୟବସ୍ଥା କରାଯାଇଛି। କର୍ମନିଯୁକ୍ତିର ଅବଧିକୁ ୧୦୦ ଦିନରୁ ବୃଦ୍ଧି କରାଯାଇ ୧୨୫ ଦିନ କରାଯାଇଛି। ଆର୍ଥିକ ଦୁର୍ବଳ ଗ୍ରାମାଞ୍ଚଳର ଏକ ପରିବାର ଏବେ ୧୨୫ ଦିନ ନିଯୁକ୍ତି ପାଇବାକୁ ହକ୍‌ଦାର ବୋଲି ସ୍ପଷ୍ଟ କରାଯାଇଛି। କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚାଷ ସମୟରେ ଓ ଅମଳ ସମୟରେ ଏହି କାମ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏହାଦ୍ୱାରା କୃଷିକ୍ଷେତ୍ରରେ ଶ୍ରମିକ ଅଭାବ ସମସ୍ୟା ଦୂରହେବ ଏବଂ ଅଯଥା ମଜୁରି ବଢ଼ିବା ସମସ୍ୟା ବନ୍ଦ ହେବ। ଫଳରେ ଆଉ କେହି ବି ଠକି ସେହି ସମୟରେ କାମ ହେଉଛି ବୋଲି କହି ଦୁର୍ନୀତି କରିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ରବି ନାରାୟଣ ନାୟକ, ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ବିଧାୟକ ବାବୁ ସିଂ, ଆଶ୍ରିତ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର...

ପାଇଁ ପ୍ରାର୍ଥନା କରୁଛି। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି, ଆପଣଙ୍କ ଶୁଭେଚ୍ଛା ପାଇଁ ଧନ୍ୟବାଦ। ଆପଣଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନ ଅଧିକ ଉତ୍ସର୍ଗୀକୃତ ଭାବରେ ଓଡ଼ିଶାବାସୀଙ୍କ ସେବା କରିବାରେ ତାଙ୍କ ସଂକଳ୍ପକୁ ଅଧିକ ଦୃଢ଼ କରିଚାଲିଛି ବୋଲି ସେ ଲେଖିଛନ୍ତି।

## ସରକାର ଲଗାଇଲେ...

କର୍ମଚାରୀ, ଟେକ୍ନିସିଆନ, ଶ୍ରେଣୀ-୩ ଓ ୪ କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ରାଜ୍ୟର ସରକାରୀ ହସ୍ପିଟାଲ ଓ ଡିସ୍‌ପେନ୍‌ସାରିଗୁଡ଼ିକରେ ଚିକିତ୍ସା ସେବା ଓ ପରିଚାଳନା ସହ ସଂପୃକ୍ତ ସେବା/ନିଯୁକ୍ତିରେ କାମ ବନ୍ଦ କରି ଆନ୍ଦୋଳନ କରିବାକୁ ନିଷେଧ କରିଛନ୍ତି, ଯାହାଦ୍ୱାରା ରାଜ୍ୟର ସ୍ୱାସ୍ଥ୍ୟସେବା ଅବ୍ୟାହତ ରହିବ ଏବଂ ଲୋକେ ବିଶେଷ ଭାବେ ଉପକୃତ ହୋଇପାରିବେ। ମାତ୍ର ଡାକ୍ତର ସଂଘ ପକ୍ଷରୁ କେତେକ ଦାବି ନେଇ ଏବେ ଆନ୍ଦୋଳନ ଚାଲୁରହିଛି। ଏହାଦ୍ୱାରା ଜନସାଧାରଣ ସ୍ୱାସ୍ଥ୍ୟସେବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଓଡ଼ିଶା ଜରୁରୀ ସେବା ଆଇନ-୧୯୮୮(ଓଡ଼ିଶା ଆଇନ-୯, ୧୯୯୨) ର ଧାରା-୩ର ଉପଧାରା(୧) ସହ ଧାରା-୨ ଦ୍ୱାରା ପ୍ରଦତ୍ତ କ୍ଷମତାର ବ୍ୟବହାର କରିଛନ୍ତି। ଫଳରେ ଉପରୋକ୍ତ ବର୍ଗର ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀମାନେ ଯେପରି ଆନ୍ଦୋଳନକୁ ନ ଓହ୍ଲାଇବେ ତାକୁ ଦୃଷ୍ଟିରେ ରଖି ଏହି ଜରୁରୀ ନିର୍ଦ୍ଦେଶନାମା ଜାରି କରାଯାଉଛି। ଏହି ଆଦେଶ ଆସନ୍ତା ୬ ମାସ ପାଇଁ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ ସ୍ୱତନ୍ତ୍ର ସଚିବ ଦର୍ଶାଇଛନ୍ତି।

पेट्रोलियम एवं प्राकृतिक गैस मंत्रालय
भारत सरकार
MINISTRY OF PETROLEUM AND NATURAL GAS
GOVERNMENT OF INDIA
सत्यमेव जयते

# ଭାରତ ଆରମ୍ଭ କରିଛି ନିଜର ହାଇଡ୍ରୋକାର୍ବନ୍ ସାମର୍ଥ୍ୟକୁ ବିସ୍ତାରିତ କରିବାର ଯୁଗ

**ଓପନ୍ ଏକରେଜ୍ ଲାଇସେନ୍ସିଂ ପ୍ରୋଗ୍ରାମ୍ (ଓଏଏଲ୍‌ପି), ଡିସ୍କଭର୍ଡ ସ୍ମଲ୍ ଫିଲ୍ଡ୍ସ (ଡିଏସ୍ଏଫ୍) ଏବଂ କୋଲ୍ ବେଡ୍ ମିଥେନ୍ (ସିବିଏମ୍) ବ୍ଲକ୍‌ଗୁଡ଼ିକ ଲାଗି ବିଡ୍ ଦାଖଲ ସମ୍ପର୍କିତ ଘୋଷଣା**





"ଭାରତ କେବଳ ଯେ ନିଜର ବିକାଶକୁ ଆଗକୁ ବଢ଼ାଉଛି ତାହା ନୁହେଁ ବରଂ ଦୁନିଆର ବିକାଶର ମଧ ନେତୃତ୍ୱ ନେଉଛି, ଯେଉଁଥିରେ ଶକ୍ତି କ୍ଷେତ୍ରର ଭୂମିକା ମହତ୍ତ୍ୱପୂର୍ଣ୍ଣ ।"

**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

## ଐତିହାସିକ ସଂସ୍କାର

- ସବୁ ପ୍ରକାର ମିନେରାଲ ଅଏଲ୍ ଅପରେଶନ୍ ତଥା ସ୍ୱେଶାଲ ପେଟ୍ରୋଲିୟମ୍ ଲିଜ୍ ପାଇଁ ଏକକ ଲିଜ୍
- ୩୦ ବର୍ଷ ପର୍ଯ୍ୟନ୍ତ ଅବଧି ଯାଏ ଲିଜ୍, ଯାହାକୁ ଫିଲ୍ଡର ଅର୍ଥନୈତିକ ଜୀବନ ପର୍ଯ୍ୟନ୍ତ ବଢ଼ାଯାଇପାରିବ
- ସାଧାରଣ ଭିତ୍ତିଭୂମିର ବିକାଶ ଏବଂ ଶେୟାରିଂ
- ସମୟବଦ୍ଧ ସ୍ୱୀକୃତି ସହ ସହଜ ପ୍ରକ୍ରିୟା
- ବ୍ୟାପକ ଶକ୍ତି ପ୍ରକଳ୍ପଗୁଡ଼ିକର ବିକାଶ ପାଇଁ ଅନୁମତି
- ଆଇନ ବଦଳିବା କ୍ଷେତ୍ରରେ ସୁରକ୍ଷା
- ବୈଦେଶିକ ନିବେଶକଙ୍କ ସହ ମଧ୍ୟସ୍ଥତା ଯୋଗୁ ନିରପେକ୍ଷ ଫୋରମ୍
- ଅଣ-ଅପରାଧୀକରଣ - କାରାଦଣ୍ଡର ବ୍ୟବସ୍ଥା ନାହିଁ
- ବିବାଦ ସମାଧାନ ପାଇଁ ଏକ ପ୍ରଭାବୀ ବ୍ୟବସ୍ଥା

## ବିଡିଂ ରାଉଣ୍ଡ

### ଓଏଏଲ୍‌ପି ବିଡ୍ ରାଉଣ୍ଡ - X

**୧୩ଟି ସେଡିମେଣ୍ଟ୍ରି ବେସିନ୍‌ରେ ୨୫ଟି ବ୍ଲକ୍,**
୧.୮୩ ଲକ୍ଷ ବର୍ଗ କିମିରେ ବ୍ୟାପ୍ତ ଅଧିକାଂଶ ଅଫ୍‌ଶୋର୍ ।

### ଡିସ୍କଭର୍ଡ ସ୍ମଲ୍ ଫିଲ୍ଡ ରାଉଣ୍ଡ - IV

**୯ଟି କଣ୍ଟ୍ରାକ୍ଟ ଏରିଆରେ ୫୫ଟି ଡିସ୍କଭରି,**
~୨୦୦ ମିଲିୟନ୍ ଟନ୍ ତୈଳ ସମତୁଲ୍ୟ (ଏମ୍ଏମ୍‌ଟିଓଇ)

### ସ୍ୱେଶାଲ କୋଲ୍ ବେଡ୍ ମିଥେନ୍ ବିଡ୍ ରାଉଣ୍ଡ ୨୦୨୫ ଏବଂ ୨୦୨୬

**୫,୬୨୦ ବର୍ଗ କିମିରେ ବ୍ୟାପ୍ତ ୧୬ଟି ବ୍ଲକ୍,**
ଆନୁମାନିକ ସମ୍ବଳ: ~୨୭୪ ବିଲିୟନ କ୍ୟୁବିକ୍ ମିଟର (ବିସିଏମ୍)

IEW

**ଇଣ୍ଡିଆ ଏନର୍ଜି ୱିକ୍, ଗୋଆରେ**
**ଡିଜିଏଚ୍ ଷ୍ଟଲ୍ ପରିଦର୍ଶନ କରନ୍ତୁ**
**(୨୭-୩୦ ଜାନୁଆରୀ, ୨୦୨୬)**



ଭାରତର ଶକ୍ତି ବିକାଶ ଗାଥାରେ ଯୋଗ ଦିଅନ୍ତୁ

**ଅନ୍ୱେଷଣ । ଆବିଷ୍କାର । ଉତ୍ପାଦନ**

For more information, visit mopng.gov.in or dghindia.gov.in

For more information, visit mopng.gov.in (or) dghindia.gov.in

DGH

Follow us at :

“ମଣିଷକୁ ତା’ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ। ତା’ ସହ ବିଶ୍ୱ-ଐକ୍ୟ ଓ ସଂହତି ଆଣିବାରେ ତତ୍ପର ହେବାକୁ ପଡିବ। ମଣିଷ ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। ମଣିଷକୁ ତା’ର ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ଚାଲିବାକୁ ହେବ। ତା’ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧାତ୍ମିକ ଆନନ୍ଦ। -ଶ୍ରୀଅରବିନ୍ଦ



# ୧୦୫ ଘାଟ

ଭାରତରେ ଗତ କିଛି ବର୍ଷ ହେବ ସୃଷ୍ଟି କରାଯାଇଥିବା ସାମାଜିକ, ଅର୍ଥନୈତିକ, ଧାର୍ମିକ ଓ ରାଜନୈତିକ ବିଭାଜନ ବିଷୟରେ ୬ ଜାନୁଆରୀ ଏହି ସ୍ତମ୍ଭରେ ‘ଶିକ୍ଷିତ ଦେଶବିରୋଧୀ’ ଶୀର୍ଷକରେ ଲେଖା ପ୍ରକାଶ କରିଥିଲୁ। ଏହି ଦିନ ଆଉ ଏକ ବିଭାଜନ ନେଇ ଉତ୍ତରାଖଣ୍ଡରୁ ଖବର ମିଳିଛି। ତାହା ହେଲା ଜଳଘାଟ ବିଭାଜନ। କେତେକ ସନ୍ନ୍ୟାସୀ ଓ ଶ୍ରୀଗଙ୍ଗା ସଭାର କର୍ମକର୍ତ୍ତା ଉଠାଇଥିବା ଦାବି ପରିପ୍ରେକ୍ଷୀରେ ଏବେ ଉତ୍ତରାଖଣ୍ଡ ସରକାର ତୀର୍ଥକ୍ଷେତ୍ର ହରିଦ୍ୱାର ଓ ତା’ର ଆଖପାଖ ଅଞ୍ଚଳରେ ଅଣହିନ୍ଦୁମାନଙ୍କ ପ୍ରବେଶ ଉପରେ ନିଷେଧାଦେଶ ଲଗାଇବା ଲାଗି ଚିନ୍ତା କରୁଛନ୍ତି। ଗଙ୍ଗାନଦୀ କୂଳରେ ଥିବା ହରିଦ୍ୱାରରୁ ଋଷିକେଶ ପର୍ଯ୍ୟନ୍ତ ୧୦୫ ଘାଟ ଅଛି। ୨୦୨୭ ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତିରୁ ଅର୍ଦ୍ଧ-କୁମ୍ଭ ଥିବାରୁ ତା’ ପୂର୍ବରୁ ନଗରର ପବିତ୍ରତା ବଜାୟ ରଖିବା ପାଇଁ ଏଭଳି ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଛି। ତେବେ ଏଠାକୁ କେଉଁ ଅଣହିନ୍ଦୁ ଯାଆନ୍ତି, ତାହାର କୌଣସି ତଥ୍ୟ ମିଳିପାରୁ ନାହିଁ। ଉପରଲିଖିତ ନିଷ୍ପତ୍ତିକୁ ସିଦ୍ଧ କରିବା ଲାଗି ଇତିହାସର ସାହାରା ମଧ୍ୟ ନିଆଯାଇଛି। କୁହାଯାଉଛି ଋଷିକେଶ ଓ ହରିଦ୍ୱାରର ପବିତ୍ରତା ରକ୍ଷା କରିବା ଉଦ୍ଦେଶ୍ୟରେ ପଣ୍ଡିତ ମଦନମୋହନ ମାଲବ୍ୟ ଓ ବ୍ରିଟିଶ୍ ସରକାରଙ୍କ ମଧ୍ୟରେ ୧୯୧୬ରେ ହୋଇଥିବା ଏକ ଚୁକ୍ତି ଅନୁଯାୟୀ ବର୍ତ୍ତମାନ ତାହାକୁ ଅନୁସରଣ କରାଯିବ। ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ବୋଲି ଏବେକାର ଭାଜପା ରାଜ୍ୟ ସରକାର ଦାବି କରୁଛନ୍ତି। ଆଜିର ପରିସ୍ଥିତିରେ ସରକାରଙ୍କର ସବୁ ବିବୃତିକୁ ବିଶ୍ୱାସ କରିଗଲେ ପରବର୍ତ୍ତୀ ସମୟରେ ତାହା ଅସତ୍ୟ ବୋଲି ପ୍ରମାଣ ହୋଇପାରେ। ଇଣ୍ଟରନେଟ୍‌ରେ ଅନେକ ଖୋଜିବା ସତ୍ତ୍ୱେ ଉତ୍ତରାଖଣ୍ଡ ସରକାରଙ୍କ ଦ୍ୱାରା ଉଲ୍ଲିଖିତ ଏହି ୧୯୧୬ ଚୁକ୍ତି ସମ୍ପର୍କରେ କୌଣସି ବାସ୍ତବ ତଥ୍ୟ ଆମର ହସ୍ତଗତ ହୋଇପାରି ନାହିଁ। ତଥାପି ଯଦି ଆଜିର ସରକାରଙ୍କ ଦାବିକୁ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରାଯାଏ, ତା’ ହେଲେ ଉପୁଜୁଥିବା ପରିସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇପାରେ। ଯଦି ଚିନ୍ତା କରାଯାଉଥିବା ସରକାରଙ୍କ ନିୟମକୁ କାର୍ଯ୍ୟକାରୀ କରାଯାଏ, ତେବେ ସମ୍ପୃକ୍ତ ଅଞ୍ଚଳରେ ସାମାଜିକ ଅସଙ୍ଗତି ସୃଷ୍ଟି ହେବାର ଆଶଙ୍କା ରହୁଛି।

ଉପରଲିଖିତ ଖବରରୁ ଖିଅଟାଣି ଆଲୋଚନା କଲେ ଯାହା ସମସ୍ତଙ୍କ ପାଇଁ ଚିନ୍ତା ସୃଷ୍ଟି କରିବା କଥା, ତାହା ହେଲା ଯୋଜନା କରିଦେଉଥିବା ବର୍ଗ ଭବିଷ୍ୟତକୁ ଅନିଷା କରୁନାହାନ୍ତି। ସମ୍ଭବତଃ ସେଥିପାଇଁ ଦେଶବାସୀଙ୍କୁ କ୍ଷତି ସହିବାକୁ ପଡୁଛି। କେନ୍ଦ୍ରରେ କଂଗ୍ରେସ ସରକାର ଅମଳରେ ଅନେକ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଅଘଟଣ ପରେ ରେଡ୍ ଆଲର୍ଟ ଜାରି କରାଯାଉଥିଲା, ହେଲେ ପରବର୍ତ୍ତୀ ସମୟରେ ତାହାର କିଛି ପ୍ରଭାବ ପଡୁ ନ ଥିଲା। ଆତଙ୍କବାଦୀ କାର୍ଯ୍ୟରେ ମୁସଲମାନଙ୍କ ସମ୍ପୃକ୍ତି ଥିଲେ ମଧ୍ୟ ନେତୃତ୍ୱ ନେଉଥିବା ମୁସଲମାନ ନେତା ତାହାକୁ ବିରୋଧ କରିବାକୁ ଆଗେଇ ଆସୁ ନ ଥିଲେ। ଫଳରେ ଆତଙ୍କବାଦୀ କାର୍ଯ୍ୟରେ ବିରାମ ଲାଗୁ ନ ଥିଲା। ଉପା ସରକାରର ପତନ ପରେ ମୁସଲମାନ ସମ୍ପ୍ରଦାୟକୁ ଭାରତରେ ଅନେକ ବିପଦ ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ପଡ଼ୋଶୀ ବାଂଲାଦେଶରେ ଦୀର୍ଘ ଶାସନ କରିଥିବା ଆୱାମି ଲିଗ୍ ଦଳ ଓ ତା’ର ନେତା ଶେଖ୍ ହାସିନାଙ୍କ ରାଜୁତି ସମୟରେ ସେଠାକାର ସଂଖ୍ୟାଲଘୁ ହିନ୍ଦୁ ନାଗରିକ ବାଂଲାଦେଶ ମୁସଲମାନଙ୍କ ଉପରେ ଯଥେଷ୍ଟ ଚାପ ପକାଇବା ସହିତ ହିଂସା ମଧ୍ୟ ଘଟାଉଥିଲେ। ହାସିନାଙ୍କର ବାଂଲାଦେଶରୁ ପଳାୟନ ପରେ ସେଠାକାର ସଂଖ୍ୟାଲଘୁ ହିନ୍ଦୁ ଏବେ ଅସୁରକ୍ଷିତ ପରିସ୍ଥିତିରେ ପଡ଼ିଯାଇଛନ୍ତି। ଏହି ପରିସ୍ଥିତିକୁ ଅଧିକ ଜଟିଳ କରିବାରେ ଭାରତର ଭୂମିକା ଗୌଣ ନୁହେଁ। ବାଂଲାଦେଶ ହିନ୍ଦୁଙ୍କର ଦୌରାତ୍ମ୍ୟ ପଛରେ ଭାରତର ଶକ୍ତି ମନୋବଳ ଯୋଗାଉଥିଲା। ଆଜିର ପରିସ୍ଥିତିରେ ସେମାନଙ୍କୁ ସୁରକ୍ଷା ଦେବାର ଶକ୍ତି ଭାରତ ପାଖରେ ନାହିଁ। ଅନ୍ୟପଟେ ବାଂଲାଦେଶରେ ଘୃଣିତ ଶେଖ୍ ହାସିନାଙ୍କୁ ଭାରତରେ କେନ୍ଦ୍ର ସରକାର ଖୋଲାଖୋଲି ଆଶ୍ରୟ ଦେଇଛି। ଏହି ପରିପ୍ରେକ୍ଷୀରେ ସଦ୍ୟ ଆଉ ଏକ ଘଟଣାକୁ ଦେଖାଯାଉ। ବାଂଲାଦେଶ କ୍ରିକେଟର ମୁସ୍ତାଫିଜୁର ରହମନଙ୍କୁ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଆଇପିଏଲ୍ ପାଇଁ ନିଲାମ କରି ନେଇଥିଲା। ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ହେଉଥିବାରୁ ତାଙ୍କୁ ତୁରନ୍ତ ଟିମ୍‌ରୁ ବାହାର କରାଯାଉ ବୋଲି ଚାପ ପଡ଼ିବା ପରେ ଏହାର ମାଲିକ ଶାହରୁଖ୍ ଖାନ୍ କ୍ରିକେଟର ମୁସ୍ତାଫିଜୁରଙ୍କୁ ଅବ୍ୟାହତି ଦେଇଛନ୍ତି। ଏଠି ପ୍ରଶ୍ନ ଉଠୁଛି, ଶାହରୁଖ ସିଧାସଳଖ ମୁସ୍ତାଫିଜୁରଙ୍କୁ ତାଙ୍କ ଦଳ ପାଇଁ କିଣି ନ ଥିଲେ। ସମସ୍ତ ଖେଳାଳି ବୋର୍ଡ ଅଫ୍ କଣ୍ଟ୍ରୋଲ ଫର୍ କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ) ପାଖରେ ପଞ୍ଜୀକୃତ ହୋଇଥାଆନ୍ତି। ସେମାନଙ୍କ ମଧ୍ୟରୁ ପ୍ରତିଭାବାନ୍ ଖେଳାଳିଙ୍କୁ ଦଳଗୁଡ଼ିକ ବାଛିଥାଆନ୍ତି। ଏବେ ବିସିସିଆଇର ସଭାପତି ମିଥୁନ ମାନହସ ଅଛନ୍ତି। ତେବେ ମୁସ୍ତାଫିଜୁରଙ୍କୁ ଭାରତରେ ଖେଳିବା ପାଇଁ କାହାର ହାତ ଥିବ ତାହା ସମସ୍ତେ ଜାଣିଛନ୍ତି। ବାଂଲାଦେଶରେ ହିନ୍ଦୁବିରୋଧୀ କାଣ୍ଡରେ ସମ୍ପୃକ୍ତ କ୍ରିକେଟରଙ୍କୁ ଟାଣିବା ଗ୍ରହଣୀୟ ହେଉ ନାହିଁ। ଯଦି ଜଣେ ଖେଳାଳିଙ୍କ ପାଇଁ ଏଭଳି ଚାପ ପଡୁଛି, ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହାସିନାଙ୍କୁ ଭାରତରେ ସୁରକ୍ଷିତ ରଖିବା ଅନାବଶ୍ୟକ ବୋଲି କେତେକ ମହଲରେ ଆଲୋଚନା ହେଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ମୁସ୍ତାଫିଜୁରଙ୍କୁ ଖେଳରୁ ବାଦ୍ ଦେବା ପରେ ବାଂଲାଦେଶ ସରକାର ସେଠାରେ ଆଇପିଏଲ୍ ପ୍ରସାରଣକୁ ବନ୍ଦ କରିବା ସହ ଆସନ୍ତା ଫେବୃଆରୀରେ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତ ମାଟିରେ ଖେଳିବ ନାହିଁ ବୋଲି କହିଛି। ଜଣେ ଖେଳାଳି ପାଇଁ ବାଂଲାଦେଶ ତତ୍କ୍ଷଣାତ୍ ବଡ଼ ନିଷ୍ପତ୍ତି ନେଇଯାଉଥିବା ବେଳେ ଭାରତ ଅନେକ କ୍ଷେତ୍ରରେ ଦୃଢ଼ତାର ସହ କିଛି ପଦକ୍ଷେପ ନେଇପାରୁ ନ ଥିବାରୁ ଅନ୍ତର୍ଜାତୀୟ ସ୍ତରରେ ନିଜର ଶକ୍ତି ଦେଖାଇପାରୁ ନାହିଁ। ଯଦି ଭାରତ ପ୍ରକୃତ ଉନ୍ନତି ଦିଗରେ ସଘନ ପ୍ରୟାସ କରି ଆଗକୁ ଯାଇପାରନ୍ତା, ସବୁ ପଡ଼ୋଶୀ ରାଷ୍ଟ୍ର ଭାରତକୁ ଅନୁସରଣ କରିବାକୁ ବାଧ୍ୟ ହୁଅନ୍ତେ। ଅପରପଟେ ଭାରତ ତା’ର ସଂକୀର୍ଣ୍ଣ ଓ ପିଲାଳିଆମି ମାନସିକତା ପ୍ରଦର୍ଶନ କରୁଥିବାରୁ କ୍ଷୁଦ୍ର ପଡ଼ୋଶୀ ରାଷ୍ଟ୍ର ମଧ୍ୟ ନାଲିଆଖି ଦେଖାଇପାରୁଛି।

# ପ୍ରମୁଖ ଲେଖନୀରୁ ନାରୀସ୍ୱର



ଡ. ସାରଦା ପ୍ରସାଦ କର

ସାହିତ୍ୟ ଆକାଶର ପ୍ରାଜ୍ଞ, ବିଜ୍ଞ, ବିଶେଷଜ୍ଞଗଣ- ଉଇଲିଅମ ସେକ୍ସପିଆର, ଲିଓ ଟଲଷ୍ଟୟ, ଅରନେଷ୍ଟ ହେମିଙ୍ଗ୍‌ୱେ କିମ୍ବା, ଭାରତୀୟ ଆଦର୍ଶ ଚେତନ ଭଗତ ପ୍ରମୁଖଙ୍କ ଲେଖାରେ ମହିଳା ସ୍ୱରକୁ ଯେଉଁ ଢଙ୍ଗରେ ସଂକଳନ କରାଗଲା ତାହା ସବୁ ସଂକ୍ଷିପ୍ତ ସଂସ୍କରଣ ହୋଇଗଲା। କିନ୍ତୁ ମହିଳା ଜଣେ ଯେତେବେଳେ ମହିଳାର କଥା ଲେଖନୀ ମାଧ୍ୟମରେ ପ୍ରକାଶ କଲା ତା’ ଭିତର ସଂଗୁପ୍ତ ବ୍ୟଥା-ବେଦନା ଧରାପଡ଼ିଲା।

ନାରୀ ସ୍ୱରର ଉପସ୍ଥାପିକା ଭାବରେ ଆମେ ମାରୀ ଓଲଷ୍ଟନ କ୍ରାଫ୍ଟଙ୍କୁ ବିଶ୍ୱର ବରିଷ୍ଠ ଲେଖିକା ବିଜୟ ଟିକା ପିନ୍ଧାଇସାରିଛୁ। ୧୭୯୨ ମସିହାରୁ ମାରୀ କ୍ରାଫ୍ଟଙ୍କ ପୁସ୍ତକ ‘ଏ ଭିଣ୍ଡିକେଶନ ଅଫ୍ ଦ ରାଇଟ୍ସ ଅଫ୍ ଓମେନ’କୁ ନାରୀ ସ୍ୱରର ଆଦ୍ୟ ଝଙ୍କାର ହିସାବରେ ଗ୍ରହଣ କରିସାରିଛୁ। କିନ୍ତୁ ମୋର ଅନ୍ତର୍ଦୃଷ୍ଟିରେ ତତ୍କାଳୀନ ପୁରୁଷକୈନ୍ଦ୍ରିକ ଇଂରେଜୀ ସମାଜରେ ଓ ମୋର ଭାବନା ପଥରେ ଯେଉଁ ନାରୀ ଚରିତ୍ରଟି ପଥାରୂଢ଼ ହୋଇ ଠିଆ ହୁଅନ୍ତି ସେ ହେଉଛନ୍ତି ଆନି ଏଲିଅଟ୍, ଜାନେ ଅଷ୍ଟିନ ମହୀୟସୀଙ୍କ ୧୮୧୭ ମସିହାର ଶେଷ ଉପନ୍ୟାସ ‘ପର୍ଶୁଏସନ’ ମାଧ୍ୟମରେ। ପୁରୁଷ କହିଲେ, କ୍ଷମତାର ଧ୍ରୁବୀକରଣ ଆଉ ମହିଳା କହିଲେ, ଚାରିକାନ୍ଥ ଆବଦ୍ଧ ବେସାହାରା ଦରିଦ୍ର ମାନସିକତାଟିଏ। ଜାନେ ଅଷ୍ଟିନ୍ ପୁଣି ଆନିଙ୍କ ମାଧ୍ୟମରେ ସୂଚାଇଦେଲେ, ଯଦି ତାଙ୍କୁ କେହି ଜଣଙ୍କ ସ୍ୱରଟିଏ ଦିଆଯାଆନ୍ତା ତେବେ ସେ ପୁରୁଷର ନାରୀଟିଏ ପ୍ରତି ରହିଥିବା ମାନସିକତାରେ ପରିବର୍ତ୍ତନ କରିପାରନ୍ତେ। ଯେଉଁ ସମୟରେ ଏ କଥାଟି ଲେଖିଲେ ସେହି ସମୟରେ ନାରୀକୁ ଚର୍ଚ୍ଚର ଅନୁମତି ପତ୍ରର ଆବଶ୍ୟକତା ଥିଲା। ଏ କଥାଟି ଛୋଟିଆ ହୋଇପାରେ ହେଲେ କୌଣସି ସ୍ୱାଧୀନତା ସଂଗ୍ରାମର ନିର୍ଣ୍ଣାୟକ ସ୍ୱର ଠାଇଁ କମ୍ ନ ଥିଲା।

ଆମେରିକୀୟ ମହିଳା ସ୍ୱର ଉତ୍ଥାପିକାଙ୍କ ମଧ୍ୟରେ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସରେ ରୁଚି ରଖୁଥିବା ଊନବିଂଶ ଶତାବ୍ଦୀର ଲେଖିକା ଲୁସିଆନାର କେଟ୍ ଚୋପିନ ଲେଖାର ଗାମ୍ଭୀର୍ଯ୍ୟତା ପାଇଁ ସମସାମୟିକ ସମାଜରେ ସମାଲୋଚିତ ହୋଇଛନ୍ତି। ଅବିଗେଲ ଆଦାମ୍‌ସ, ଚାର୍‌ଲୋଟ୍ ପର୍କିନ୍‌ସ ଓ ଆଲିସ ୱାକର ପ୍ରମୁଖ ଫେମିନିଷ୍ଟ ବାର୍ତ୍ତାବହମାନେ ସମାନ ଅଧିକାର, ଆର୍ଥିକ ସ୍ୱାଧୀନତା ଓ ଶୋଷଣ ଏବଂ ପୁରୁଷ ଯୌନ ପିପାସା ନିକଟରେ ନାରୀ ଏକ ଅବଦମିତ ଚରିତ୍ରକୁ ନିନ୍ଦା କରିଛନ୍ତି। ଉର୍ଦ୍ଦୁ ଭାଷାରେ ଇସ୍‌ମତ ଚୁଘତାଇଙ୍କ ‘ଲିହାଫ’, ବୁଢ଼ା ନବାବ ସାହେବଙ୍କ ବୈବାହିକ ବନ୍ଦୀଶାଳାରେ ବେଗମ ଜାନଙ୍କ ଆଦ୍ୟ ଯୌବନ ଲୁଣ୍ଠିତ ହେବାକୁ ରକ୍ଷଣଶୀଳ ସମାଜରେ ଚୁଘତାଇଙ୍କ ଖଣ୍ଡା ଖେଳ କହିପାରିବା। ଝିଅ, ପଣ୍ୟଦ୍ରବ୍ୟ ନୁହେଁ। ଜାତିଭେଦରୁ ଜାତ ‘ରୁଦାଲୀ’ ମାନେ ଉଚ୍ଚବଂଶଜଙ୍କ ମୃତ୍ୟୁରେ କାନ୍ଦିବା ପାଇଁ ଭଡ଼ାରେ ଆସିବା ଏକ ଭଡ଼ାଟିଆ ସଂସ୍କୃତି କହି




ଘୃଣ୍ୟ ପ୍ରଥାଚାର ଉପରେ ଭାରି ପଡ଼ିଲେ ମହାଶ୍ୱେତା ଦେବୀ। ମଧ୍ୟ ଭାରତରୁ ରାଜତନ୍ତ୍ରର ସମାପ୍ତି ହୋଇଛି ହେଲେ ‘ରଇ’ ନାଚରେ ସାମିଲ ହେଉଥିବା ବେଡ଼ିଆ ଜାତିର ଝିଅ ମହିଳାଙ୍କ ପାଦରୁ ବେଡ଼ି କାଢ଼ିବାକୁ ସଚେତନତାର ବାର୍ତ୍ତା ଆଜିଯାଏ ପହଞ୍ଚି ପାରୁନି ତାଙ୍କ ନିକଟରେ। ବାର୍ ହୋଟେଲରେ ନାଚବାଲୀ ଜୀବନର ପରମ୍ପରା ଉର୍ଦ୍ଧ୍ୱରେ ଶିକ୍ଷା ସମ୍ମାନ ଭଳି ମୌଳିକ ଆବଶ୍ୟକତା ଥିବା କଥାଟି ପହଞ୍ଚିପାରନ୍ତା ଯଦି ଅଗ୍ରଦୂତ ହୁଅନ୍ତେ ଲେଖିକାମାନେ।

ଉଭୟ ମାଲୟାଲମ ଆଉ ଇଂରାଜୀରେ ଗଦ୍ୟ ଆଉ ପଦ୍ୟ ଧାରାର ସଂରଚନା କଲେ କମଳା ଦାସ ; ଲେଖିଲେ - ମହିଳାଟିଏ ଭାଙ୍ଗିଦେଇପାରିବ ପାରିବାରିକ ବୋଝ ଓ ଯୌନାଚାରର ବେଡ଼ି। ପଛରେ ପଡ଼ିନାହାନ୍ତି ଓଡ଼ିଆ କଥା କାରିଗର ବୀଣା ମହାନ୍ତି, ‘ପାଟଦେଈ’ରେ ଶାଶୁଘରୁ ବିତାଡ଼ିତ ପାଟ ଚରିତ୍ରକୁ ବଞ୍ଚିବା ଶିଖାଇଛନ୍ତି ବାପଘରେ, ସାମାଜିକ ଟାହିଟାପରା ମଧ୍ୟରେ। ତୁରନ୍ତ ପୋଲିସ ସହାୟତା ପାଇଁ ଜାତୀୟ ଜରୁରୀ ନମ୍ବର-୧୧୨, ଦେୟମୁକ୍ତ ଓମେନ୍ସ ହେଲ୍ପଲାଇନ-୧୮୧, ସରକାରୀ ଆବାସସ୍ଥଳୀ ‘ସ୍ୱଧାର ଗୃହ’ ଭଳି ବ୍ୟବସ୍ଥା ମହିଳାଟିକୁ ଭିତରୁ ସଶକ୍ତ କରିପାରୁନି ଆମ ଜଳବାୟୁରେ, ପାଟଦେଈଙ୍କ ସଂଖ୍ୟା ବଢୁଛି। ମାନବିକତା ଶୃଙ୍ଖଳିତ ନ ହେବା ଯାଏ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ପୁରୁଷର ନଟରାଜ କାମନା, ଅବଳା ଭାବନା କି ରଙ୍ଗଭେଦର ଘୃଣା ଭାବନାକୁ ଶେଷ କରିବା ଅସମ୍ଭବ।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜଣେ ସଚେତନ ଅନୁରାଗୀ ତଥା ସ୍ୱଷ୍ଟବାଦୀ ଜାନେ ଇଅର(୧୮୪୭) ଚରିତ୍ର ଚାର୍‌ଲୋଟ୍ ବ୍ରଣ୍ଟିଙ୍କୁ ବିଶ୍ୱର ପ୍ରଥମ ମହିଳା ଫେମିନିଷ୍ଟ ଗୌରବ ଆଣିଦେଲା। ବିଂଶଶତାବ୍ଦୀ ପ୍ରାରମ୍ଭରେ ଓଡ଼ିଆ ଭାଷାରେ ‘କାଳିବୋହୂ’ ଉପନ୍ୟାସ ଡାକ୍ତର କୁନ୍ତଳା କୁମାରୀ ସାବତଙ୍କୁ ମହିଳାଙ୍କ ପାଇଁ ମହିଳା ସ୍ୱରର ଆଦ୍ୟ ବାର୍ତ୍ତାବହଙ୍କ ମଧ୍ୟରେ ଜଣେ ବୋଲି ଚିହ୍ନିତ କଲା। ଉଭୟ ବ୍ରଣ୍ଟି ଆଉ ସାବତଙ୍କ ଜୀବଦ୍ଦଶା ମାତ୍ର ୩୮ ବର୍ଷରେ ସୀମିତ ହେଲେ ଜଣେ ଚଉକାନ୍ଥର ଆବଦ୍ଧ ଭାଙ୍ଗି ମହିଳାଙ୍କୁ ବାହାରକୁ ନେବାକୁ ଯେମିତି ପ୍ରତିବଦ୍ଧ ଅନ୍ୟ ଜଣେ ପରଦା ଚିରି ଘୃଣ୍ୟ ପ୍ରଥାରୁ ମୁକ୍ତିର ସନ୍ଦେଶ ପାଇଁ ଜନ୍ମ ଯେମିତି। ଗତ ସେପ୍ଟେମ୍ବରରେ ଉଦୟପୁର ବଲ୍ଲଭନଗର ପୋଲିସ ଥାନା ଅଧୀନ କାଳିବୋହୂ ଲକ୍ଷ୍ମୀର ସ୍ୱାମୀ କିଶନ ତାକୁ ନିଆଁରେ ଜଳେଇବା ଥିଲା ଛାତିଥରା। ଗୋରା ହେବାପାଇଁ ବଜାରରୁ କୌଣସି ଗୋଟେ ପ୍ରସାଧାନ ଆଣି ଲକ୍ଷ୍ମୀର ଦେହରେ ମାଲିସକରି ଧୂପ ନିଆଁର ଚେଙ୍କ ଲଗେଇଥିଲା କିଶନ। ପ୍ରଥମରୁ ଏସିଡ୍ ଗନ୍ଧ ହେବାରୁ ଲକ୍ଷ୍ମୀ ବିରୋଧ କରିଥିଲେ ବି ଶୁଣିବାକୁ କେହି ନ ଥିଲେ। କାଳୀ ମା’ ତାରନ୍ତି, ଆମେ କାଳି ବୋହୂକୁ ମାରନ୍ତି। କୁନ୍ତଳା କୁମାରୀମାନେ ଏ ଦିଗରେ ସଚେତ ମନ ହୋଇ କଲମକୁ ଗତିଶୀଳ କରାଇବା ଜରୁରୀ ହୋଇପଡ଼ିଛି।

ଆବେଗ ଭରା ନାରୀ ଜୀବନରୁ ମୁକ୍ତି, ସଂଗୃହୀତ ପ୍ରବନ୍ଧ ‘ସେନ୍‌ସିବଲ ସେଂସୁଆଲିଟି’ ଜରିଆରେ ଇଂରାଜୀରେ, ସମ୍ପାଦିକା ତଥା ଲେଖିକା ସରୋଜିନୀ ସାହୁ ସ୍ୱୀକାରକଲେ ଯେ ଫେମିନିଜମ୍ କହିଲେ ପୁରୁଷ ବିରୋଧରେ ଜୟଯାତ୍ରା ନୁହେଁ ବରଂ ପୁରୁଷ ସହ ସମକକ୍ଷ ଜୀବନଯାତ୍ରା, ଉନ୍ମୁକ୍ତ ଯୌନ ନିରପେକ୍ଷତା। ସୁନୀତା ଉଇଲିଅମ୍ସ କେବେ ମହାକାଶକୁ କେବେ ସମୁଦ୍ରକୁ ଲମ୍ଫମାରି ଦେଖାଇଦେଲେ ଯେ ନାରୀର ସମକକ୍ଷ ଜୀବନ ବଞ୍ଚିବା ପୁରୁଷର ଜୟଯାତ୍ରାରେ ବାଧକ ନୁହେଁ ବରଂ ସାମାଜିକ ଉତ୍ଥାନରେ ସହାୟକ।

ଭାରତୀୟ-ଆମେରିକୀୟ ଝୁମ୍ପା ଲାହିରି ଇଟାଲୀ ଭାଷାରେ ଚିତ୍ରଣକଲେ ଗୌରୀ ଚରିତ୍ରକୁ। ‘ଇନ୍ ଅଦର ୱାର୍ଡସ’ରେ ଆଖି ସାମ୍ନାରେ ସ୍ୱାମୀ ଉଦୟନର ହତ୍ୟା ପରେ ଗୌରୀକୁ ସାହସର ସହ ସାମାଜିକ ଦାୟିତ୍ୱ ଉଠାଇବାକୁ ଶକ୍ତି ଦେଲେ। ବୁକର ପୁରସ୍କାର ବିଜୟିନୀ ଅରୁନ୍ଧତୀ ରାୟ ସୋଫି ମଲ ଚରିତ୍ର ଜରିଆରେ ‘ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ’କୁ ସଜାଇଲେ ନାରୀ ଅଧିକାର ପୁସ୍ତିକା। ଅବିବାହିତା ତାମିଲ ବ୍ରାହ୍ମଣୀ ଅଖିଳା ଚରିତ୍ର ଜରିଆରେ କେରଳୀ ଲେଖିକା ଅନିତା ନାୟାର ‘ଲେ କୁପ’ ସୃଷ୍ଟି କଲେ। ପାରିବାରିକ ବୋଝରେ ଭାରାକ୍ରାନ୍ତ ହେବା ଅପେକ୍ଷା ଜଣେ ମହିଳାର ଅନୁଭୂତିକୁ ସମ୍ମାନ ମିଳିବା ଉଚିତ। ଶୋଭା ଦେଙ୍କ ଲେଖାରେ ପ୍ରକାଶିତ ହେଲା ମହିଳାଙ୍କ ବୈବାହିକ ଜୀବନର ସତ୍ୟତା। ‘ଦି ଥାଉଜାଣ୍ଡ ଫେସେସ୍ ଅଫ୍ ନାଇଟ’ ବା ରାତିର ହଜାରେ ମୁହଁ, ଗିଥା ହରିହରନ ଇଂରାଜୀରେ ବୁଝେଇଦେଲେ ପୁରାତନ ଓ ଆଧୁନିକ ସ୍ପର୍ଶରେ ବଦଳୁଥିବା ନାରୀ ଜୀବନ। ଏମାନେ ସମସ୍ତେ ଏକ ନିଆରା ସ୍ୱର ସମର୍ପଣ କରିଛନ୍ତି, ନାରୀକୁ ଶକ୍ତିମାନ-ଗତିମାନ କରିବା ପାଇଁ।

ସିଦ୍ଧାନ୍ତରେ ଏହା ସ୍ପଷ୍ଟ କରାଯାଇପାରେ ଯେ ନାରୀ ପାଇଁ ଅବିନଶ୍ୱର ସ୍ୱର ନାରୀ ହିଁ ନିଖୁଣ ଭାବେ ଗାଇପାରେ। ସନ୍ଥପୁରୁଷ ସେହି ଯୁଗାବ୍ଦ ଯୋଦ୍ଧା ଭୀମ ଭୋଇଙ୍କ କରକମଳ ନିଃସୃତ ପବିତ୍ର ଶବ୍ଦ ଏଠାରେ ପ୍ରଯୁଜ୍ୟ-‘ଯେସନେକ ଜଳ ପବନର ଭେଦ ନାହିଁ, ପୁରୁଷ ଯେଠିକି ଯିବ ନାରୀ ଯିବ ତହିଁ।’ ନାରୀ, ପୁରୁଷ ସହ ସମରଥା ହେଉ, ଦୁର୍ଜୟୀ-ଦିଗ୍‌ବିଜୟୀ ହେଉ, ନାରୀ କାଳଜୟୀ ହେଉ। ନାରୀ ପୁରୁଷ ପାଇଁ ସମ୍ଭାବନାର ଜୟଯାତ୍ରା ହେଉ, ତା’ର ଭାବନା, ଚେତନା ପୁରୁଷକୁ ସମଦର୍ଶୀ-ପ୍ରିୟଦର୍ଶୀ-ଦୂରଦର୍ଶୀ କରୁ।

**ଡାକବଙ୍ଗଳାଛକ, ପୁରୁଣାଭୁବନେଶ୍ୱର**
**ମୋ : ୮୨୪୯୮୨୭୧୪୮**

# ଆମେରିକାର ଭେନେଜୁଏଲା ଆକ୍ରମଣ



ଡ. ବିମଳ ଷଡ଼ଙ୍ଗୀ

ଆମେରିକା ୩ ଜାନୁଆରୀ ୨୦୨୬ରେ ଭେନେଜୁଏଲା ଉପରେ ସଂଘଟିତ ଆକ୍ରମଣ କରିଛି। ସ୍ଥାନୀୟ ସମୟ ଅନୁସାରେ ମଧ୍ୟରାତ୍ରି ପ୍ରାୟ ୨ଘଟିକା ସମୟରେ ଭେନେଜୁଏଲାର ରାଜଧାନୀ କାରାକାସ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସେନା ଅଧିକୃତ, ବନ୍ଦର, ସଞ୍ଚାର ଓ ଯୋଗାଯୋଗ ଆଦି ଅନୁଷ୍ଠାନ ଉପରେ ଆମେରିକା ସେନାର ଡ୍ରୋନ୍ ଦ୍ୱାରା ଆକ୍ରମଣ ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦାର ବିଷୟ। ତା’ ସହ ଅନ୍ୟାନ୍ୟ ସ୍ଥାନରେ ଆମେରିକାର ଏକାଧିକ ବିସ୍ଫୋରଣ ଦ୍ୱାରା ଭେନେଜୁଏଲାର ବ୍ୟାପକ କ୍ଷତି ଘଟିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ଓ ଘୋଷଣା ଅନୁସାରେ ତାଙ୍କ ସେନା ଭେନେଜୁଏଲାର ରାଷ୍ଟ୍ରପତି ନିକୋଲସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ଧରି ନେଇଛନ୍ତି ଓ ତାଙ୍କୁ ଭେନେଜୁଏଲାରୁ ବାହାର ଦେଶକୁ ନେଇଯାଇ ଏକ ଅଜ୍ଞାତ ସ୍ଥାନରେ ବନ୍ଦୀ କରିଛନ୍ତି ଯାହା କୌଣସି ରାଷ୍ଟ୍ର ଉପରେ ଅନ୍ୟାୟ ଆକ୍ରମଣ ରୂପେ ଧରାଯାଏ। ଏହି ଆକ୍ରମଣ ଯୋଗୁ ଅନ୍ତର୍ଜାତୀୟ ଆଇନ ଓ ସାର୍ବଭୌମ ଭଳି ବିଷୟରେ ବିବାଦ ସୃଷ୍ଟି ହୋଇଛି। ପୃଥିବୀର ଅନେକ ଦେଶ ଏହି ଘଟଣାକୁ ଗମ୍ଭୀର ଭାବେ ଦେଖୁଛନ୍ତି। କିଛି ଆମେରିକା ଗୋଡ଼ାଣିଆ ଦେଶ ଏହି ଆକ୍ରମଣକୁ ଅନୁମୋଦନ କରୁଥିବା ସ୍ଥଳେ ବହୁ ଦେଶ ଏହାକୁ ଆଇନ ଓ ସୁରକ୍ଷା ଉଲ୍ଲଂଘନ ବୋଲି ବିବେଚନାକରି ତୀବ୍ର ନିନ୍ଦା କରିଛନ୍ତି। ରୁଷିଆ ଏବଂ ଚାଇନା ଏହାକୁ ଅନ୍ତର୍ଜାତୀୟ ଆଇନ ଉଲ୍ଲଂଘନ ଏବଂ ଆକ୍ରମଣ ବୋଲି ବିବେଚନା କରିଛନ୍ତି। ମେକ୍ସିକୋ ଓ ବ୍ରାଜିଲ ଏହାକୁ ଗମ୍ଭୀରତାର ସହ ନେଇ ମଧ୍ୟସ୍ଥ ପ୍ରସ୍ତାବ ଦେଇଛନ୍ତି।

ଭେନେଜୁଏଲା ସରକାର ଏହି ଆକ୍ରମଣକୁ ଦେଶର ସାର୍ବଭୌମତ୍ୱ ଉପରେ ଆମେରିକାର ଆକ୍ରମଣ ବୋଲି ବର୍ଣ୍ଣନା କରବା ସହ ଏହାକୁ ଜାତୀୟ ସଙ୍କଟ ଭାବରେ ଘୋଷଣା କରିଛନ୍ତି। ଦେଖିବାକୁ ଗଲେ ଆମେରିକାର ଏହି ଆକ୍ରମଣ ପଛରେ ଅନେକ କାରଣ ରହିଛି। ଆମେରିକା ନିଜର ଆର୍ଥିକ ଲକ୍ଷ୍ୟରେ ଭେନେଜୁଏଲା ଉପରେ ଆକ୍ରମଣ କରିଥିବା କୁହାଯାଉଛି। କାରଣ ଭେନେଜୁଏଲା ଏକ ଲମ୍ବା ସମୟ ଧରି ରୁଷିଆ,ଚାଇନା,ଇରାନ ଆଦି ଦେଶ ସହ ସୁସମ୍ପର୍କ ରଖିବା ସହିତ କ୍ୟୁବା ଭଳି ସୋସିଆଲିଜମ୍ ନୀତି ଅନୁସରଣ କରିଆସିଛି, ଯାହା ଆମେରିକାର ରାଜନୈତିକ ନୀତି ସହ ମେଳଖାଇ ନ ଥାଏ। ଆମେରିକାର ଦାବି ଅନୁସାରେ, ମାଦୁରୋ ଏବଂ ତାଙ୍କ ସ୍ତ୍ରୀ ଉଭୟଙ୍କୁ ‘ନାର୍କୋ ଟେରୋରିଜମ୍’ଓ ଅନ୍ୟାନ୍ୟ ଅଭିଯୋଗ ଆଧାରରେ ବନ୍ଦୀ ରଖାଯାଇଛି ଏବଂ ଭେନେଜୁଏଲାରେ ସେହି ଦୃଷ୍ଟିରୁ ଆକ୍ରମଣ କରାଯାଇ ସେମାନଙ୍କୁ ଦେଶରୁ ବାହାରକୁ ନିଆଯାଇଛି, ଯାହା ଅତ୍ୟନ୍ତ ଭିତ୍ତିହୀନ। ମାତ୍ର ଲୁକ୍କାୟିତ ଏହାର ଅନ୍ୟତମ ମୁଖ୍ୟ କାରଣ ଭେନେଜୁଏଲା ବିଶ୍ୱର ସବୁଠାରୁ ଅଧିକ ତେଲ ଗଚ୍ଛିତ ଥିବା ଦେଶଗୁଡ଼ିକ ମଧ୍ୟରୁ ଗୋଟିଏ ଦେଶ ଭାବରେ ଗଣାଯାଏ। ଆରବ ଓ ଆମେରିକାର ତୈଳ ରିଜର୍ଭଠାରୁ ମଧ୍ୟ ଅଧିକ। ମାତ୍ର ନିଜର ଅଧିକ ଗାଢ଼ ଅଶୋଧିତ ପ୍ରାକୃତିକ ତୈଳକୁ ଶୋଧନ କରିବା



ପାଇଁ ଆବଶ୍ୟକ ବୈଷୟିକ ଜ୍ଞାନର ଅଭାବ ଯୋଗୁ ଆଜି ଭେନେଜୁଏଲା ଗରିବୀ ସହ ସଂଗ୍ରାମ କରୁଛି। ଏହି ଅଶୋଧିତ ତୈଳକୁ ଆୟତ୍ତ କରିବା ପାଇଁ ଆମେରିକାର ଲୋଭ ରହିଛି। ଏହାସହ ନିଜର ଆର୍ଥିକ ବିକାଶ ଓ ଶକ୍ତି ସୁରକ୍ଷା ଏ ଆକ୍ରମଣ ପଛରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନକରେ। ପ୍ରକାଶ ଥାଉ କି ଅତୀତରେ ଇରାକ ,ଲେବାନନ୍ ,ତୁର୍କୀ,ଆଫଗାନିସ୍ତାନ ଆଦି ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପକରି ଆମେରିକା କେବଳ ତୈଳ ପାଇଁ ସେ ଦେଶଗୁଡ଼ିକୁ ନଷ୍ଟ କରିଛି। ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ଭାରତ ବିରୋଧୀ କାର୍ଯ୍ୟକଳାପ ବୃଦ୍ଧିକରାଇ ଅସ୍ଥିରତା ସୃଷ୍ଟି କରିଚାଲିଛି। ନିକଟରେ ବାଂଲାଦେଶରେ ସେଖ୍ ହାସିନା ସରକାରର ପତନ ଓ ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ଆମେରିକାର ପ୍ରଚ୍ଛନ୍ନ ହାତ ରହିଥିବା କୁହାଯାଉଛି। ନିଜର ଆର୍ଥିକ ବଳ ଓ ପ୍ରତିରକ୍ଷା ସାମଗ୍ରୀ,ତୈଳ ଆଦି ଅନ୍ୟାନ୍ୟ ଦ୍ରବ୍ୟ ବିକ୍ରୟ ସହ ସାରା ବିଶ୍ୱକୁ ନିଜ ଆଜ୍ଞାଧୀନ କରିବାକୁ ଆମେରିକାର ପ୍ରୟାସ ଜାରି ରହିଛି ଯାହା ଟ୍ରମ୍ପଙ୍କ ଶାସନ କାଳରେ ଅଧିକ ସ୍ପଷ୍ଟ ହୋଇଛି। ପ୍ରକାଶ ଥାଉକି ଦକ୍ଷିଣ ଆମେରିକା ମହାଦେଶର ଉତ୍ତର ଅଞ୍ଚଳରେ କାରିବିଆନ ସାଗର କୂଳରେ ଅବସ୍ଥିତ ଏହି ସ୍ୱାଧୀନ ରାଷ୍ଟ୍ର ଭେନେଜୁଏଲା। ଏହାର ପୂର୍ବରେ ଗୁଏନା, ପଶ୍ଚିମରେ କଲମ୍ବିଆ,ଦକ୍ଷିଣରେ ବ୍ରାଜିଲ ଓ ଉତ୍ତରରେ କାରିବିଆନ ସାଗର ରହିଛି। ନିଜର ବିପୁଳ ତୈଳ ଭଣ୍ଡାର, ଆଣ୍ଡିଜ୍ ପର୍ବତମାଳାର ଅଂଶ ଓ ଓରିନୋକୋ ନଦୀ ପାଇଁ ଏହା ସୁପ୍ରସିଦ୍ଧ। ମୁଖ୍ୟତଃ ୟୁରୋପୀୟ, ସ୍ପାନିଶ୍, ଇଟାଲିଆନ,ଆଫ୍ରିକୀୟଙ୍କ ସହିତ କିଛି ମୂଳ ଅଧିବାସୀ ଭେନେଜୁଏଲାରେ ବସବାସ କରନ୍ତି, ଯେଉଁ ବିଭିନ୍ନତା ଭେନେଜୁଏଲାକୁ ସାଂସ୍କୃତିକ ଭାବେ ଋଦ୍ଧିମନ୍ତ କରିଛି। ଭେନେଜୁଏଲାର ଲୋକମାନେ ଅତିଥି ପ୍ରିୟ। ସମସ୍ୟା ସତ୍ତ୍ୱେ ସେମାନେ ସଙ୍ଗୀତ, ନୃତ୍ୟ ଓ ଉତ୍ସବକୁ ଛାଡ଼ି ଦେଇନାହାନ୍ତି। ଭେନେଜୁଏଲାର ଲୋକମାନେ ନୃତ୍ୟ, ଫୁଟ୍‌ବଲ ଓ ବେସ୍‌ବଲକୁ ଆଦର କରନ୍ତି। ସଂସ୍କୃତି ସେମାନଙ୍କ ଜୀବନରେ ମନୋବଳ ରକ୍ଷାର ଉପାୟ। ଗତ ୨ ଦଶକ ଧରି ମୁଦ୍ରାସ୍ଫୀତି, ଚାକିରି ଅଭାବ,ଖାଦ୍ୟ ଓ ଔଷଧ ସଙ୍କଟ ସତ୍ତ୍ୱେ ଭେନେଜୁଏଲାର ଲୋକମାନେ ପରସ୍ପରକୁ ସହାୟତା କରୁଛନ୍ତି। ଅନେକେ ଦେଶ ଛାଡ଼ି ଯାଇଥିଲେ ମଧ୍ୟ ଦେଶକୁ ଭୁଲିନାହାନ୍ତି, ଯାହା ସେମାନଙ୍କ ମାନବୀୟ ଶକ୍ତିର ପ୍ରମାଣ।

ଗୁରୁତ୍ୱପୂର୍ଣ୍ଣ କଥା ଭେନେଜୁଏଲାର ସାଧାରଣ ଲୋକ ଯୁଦ୍ଧ ଚାହାନ୍ତି ନାହିଁ। ସେମାନେ ଶାନ୍ତି, ସ୍ଥିରତା ଓ ସାଧାରଣ ଜୀବନ ବିତାଇବାକୁ ପସନ୍ଦ କରନ୍ତି। ମାତ୍ର ଆମେରିକା ଦ୍ୱାରା ଆକ୍ରମଣ, ଅବରୋଧ ଓ ହସ୍ତକ୍ଷେପରେ ସର୍ବାଧିକ କଷ୍ଟ ସେମାନେ ଭୋଗୁଛନ୍ତି। ସମସ୍ତ କଷ୍ଟ ସତ୍ତ୍ୱେ ଭେନେଜୁଏଲାର ଲୋକମାନେ ଏକ ନୂତନ ଭବିଷ୍ୟତର ଆଶା ଛାଡ଼ିନାହାନ୍ତି। ଶିକ୍ଷା, କାର୍ଯ୍ୟ ଓ ଶାନ୍ତିର ସ୍ୱପ୍ନ ଦେଖୁଛନ୍ତି, ସେମାନେ ସଂଘର୍ଷରେ ବଞ୍ଚି ରହିଥିବା ସାଧାରଣ ମଣିଷ। ସମସ୍ୟା ସତ୍ତ୍ୱେ ମଧ୍ୟ ସେମାନେ ମାନବୀୟତା, ସଂସ୍କୃତି ଓ ଆଶାକୁ ଜୀବନ୍ତ ରଖିଛନ୍ତି। ଆମେରିକା ଦ୍ୱାରା ଏପରି ଏକ ସଂସ୍କୃତି ଓ ସଭ୍ୟତାକୁ ନଷ୍ଟ କରିବାର ମସୁଧା ଅତ୍ୟନ୍ତ ନିନ୍ଦନୀୟ ଓ କ୍ଷୋଭର ବିଷୟ।

**ମୋ: ୯୪୩୭୧୨୩୮୯୨**

## ଏଇ ଭାରତରେ

ଅଧିକ ଅମଳକ୍ଷମ ଧାନଚାଷ ଆରମ୍ଭ ହେବା ଅପରଠାରୁ ସମୟକ୍ରମେ ଦେଶୀ ତଥା ପାରମ୍ପରିକ ବିହନ ଲୋପ ପାଇବାରେ ଲାଗିଛି। ତେବେ ସାମ୍ବାଦିକ ଏମ୍.ଜେ. ପ୍ରଭୁ ଦେଶୀଧାନ ଚାଷ କରିବା ସକାଶେ ତାମିଲନାଡୁ ଛେଙ୍ଗାଲପାଟୁ ଜିଲାର ପ୍ରାୟ ୩୦ଟି ଗାଁର ୮୦୦ କୃଷକଙ୍କୁ ସାହାଯ୍ୟ କରୁଛନ୍ତି। ସେ ହିନ୍ଦୁ ଖବରକାଗଜରେ କୃଷି ସମ୍ପର୍କିତ ଖବର ସଂଗ୍ରହ ଦାୟିତ୍ୱରେ ଥିବା ସମୟରେ ଭାରତର କଶ୍ମୀରଠାରୁ କନ୍ୟାକୁମାରୀ ଯାଏ ବୁଲିବା ବେଳେ କୃଷକଙ୍କ ସମସ୍ୟା ଅନୁଭବ କରିଥିଲେ। ଏହି କ୍ରମରେ ସେ ବୁଡ଼ିଯାଉଥିବା ଦେଶୀଧାନ ସମ୍ପର୍କରେ ବିଶେଷ ତଥ୍ୟ ପାଇପାରିଥିଲେ। ଦେଶୀଧାନ ବିଲୁପ୍ତ ହେବା ଲକ୍ଷ୍ୟକରି ସେ ୨୦୧୫ରେ ସାମ୍ବାଦିକତା ଛାଡ଼ି ତାଙ୍କ ଗାଁ ମୋରାପ୍ପାକ୍କମକୁ ଫେରି ଚାଷ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଭୁ ଗ୍ରୀନ୍ କଜ୍ ଫାଉଣ୍ଡେଶନ ଗଠନ କରି ସେବେଠାରୁ ଦୁଇ ଦଶନ୍ଧି ହେଲା କୃଷକଙ୍କୁ ୧୩ଟି କିସମର ଦେଶୀଧାନ ଚାଷରେ ସହଯୋଗ କରିଆସୁଛନ୍ତି। ଗ୍ରୀନ୍ କଜ୍ ଫାଉଣ୍ଡେଶନ ସହଯୋଗରେ ଛେଙ୍ଗାଲପାଟୁ ଜିଲାର ବିଭିନ୍ନ ସ୍ଥାନରେ ଗୋଷ୍ଠିଭିତ୍ତିକ ସିଡ୍ ବ୍ୟାଙ୍କ ଖୋଲାଯାଇଛି। ଗୋଟିଏ ସିଡ୍ ବ୍ୟାଙ୍କ ପାଖାପାଖି ୬ରୁ ୭ଟି ଗାଁର ୧୮୦ରୁ ୨୧୦ କୃଷକଙ୍କୁ ୧୩ କିସମର ଦେଶୀ ଧାନବିହନ ଯୋଗାଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୭ ଜାନୁଆରୀ ୧୯୭୭

- ଜାତିସଂଘର ପୂର୍ବତନ ପାର୍ଲାମେଣ୍ଟ ସଭ୍ୟ କେ. ଏଲ୍. ଗୁପ୍ତାଙ୍କୁ ନିଃସର୍ତ୍ତ ଭାବେ ଅଟକ ବନ୍ଦୀତ୍ୱରୁ ଖଲାସ କରିଦିଆଯାଇଛି।
- ତ୍ରିପୁରାର ପାର୍ବତ୍ୟ ଅଞ୍ଚଳରେ ତୈଳ କର୍ପୋରେଶନ ପକ୍ଷରୁ ଖନନ କରାଯାଇଥିବା ଏକ କୂପରୁ ବାଷ୍ପ ବାହାରିବାରୁ ତୈଳ ରହିଥିବା ସୂଚନା ମିଳିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | 6 | |
| 7 | 8 | 3 | | | | | | |
| | 2 | | | | | | | |
| | | | 4 | | 5 | 6 | | |
| | | | | | 9 | | | |
| | 4 | 1 | 8 | | | | 5 | |
| | | 2 | | | 6 | | 1 | 9 |
| | 1 | | | 4 | | | | 8 |
| | 5 | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 6 | 7 | 8 | 2 | 3 | 9 | 4 |
| 8 | 2 | 4 | 3 | 9 | 1 | 5 | 6 | 7 |
| 9 | 3 | 7 | 5 | 6 | 4 | 2 | 1 | 8 |
| 6 | 8 | 5 | 2 | 3 | 7 | 9 | 4 | 1 |
| 4 | 1 | 3 | 9 | 5 | 8 | 6 | 7 | 2 |
| 7 | 9 | 2 | 1 | 4 | 6 | 8 | 3 | 5 |
| 5 | 6 | 8 | 4 | 1 | 3 | 7 | 2 | 9 |
| 3 | 7 | 1 | 8 | 2 | 9 | 4 | 5 | 6 |
| 2 | 4 | 9 | 6 | 7 | 5 | 1 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀ ଆମିଷ ବଜାର ଅବହେଳିତ

ମହାଶୟ,

ନିକଟ ଅତୀତରେ ପୁରୀ ଆମିଷ ବଜାରର ଆଧୁନିକୀକରଣ କରାଯାଇଥିଲା। ଏଥିପାଇଁ ସରକାରୀ ରାଜକୋଷରୁ ବହୁ ଅର୍ଥ ମଧ୍ୟ ଖର୍ଚ୍ଚ କରାଯାଇଥିଲା। କିନ୍ତୁ ଉକ୍ତ ଆମିଷ ବଜାର ଆଜି ଅବହେଳିତ। ଏହା ଦୂଷିତ ତଥା ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲିଛି। ଏଭଳି ପରିବେଶରେ ବ୍ୟବସାୟୀମାନେ ସର୍ବଦା ଆମିଷ ବିକ୍ରି କରୁଛନ୍ତି। ଏହାସହ ପ୍ରତିଦିନ ଆମିଷ ପାଇଁ ଆସୁଥିବା ପୁରୀ ସହରବାସୀ ଏଭଳି ଅସ୍ୱାସ୍ଥ୍ୟକର ବାତାବରଣ ମଧ୍ୟରେ ଚଳପ୍ରଚଳ ହେବା ପାଇଁ ବାଧ ହେଉଛନ୍ତି। ଆମିଷ ବଜାର ପରିପାର୍ଶ୍ୱରେ ଏବେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦାହୋଇ ପଡ଼ିରହୁଛି ଏବଂ ଦୁର୍ଗନ୍ଧ ବାହାରୁଛି। ଏହି ସମସ୍ୟା ପ୍ରତି କାହାର ବି ନିଘା ନାହିଁ। ଏଥିପ୍ରତି ପୌରସଂସ୍ଥାର ନିଦ ଭାଙ୍ଗୁନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ପୌର କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଏହି ଅଳିଆଗଦା ସବୁକୁ ତୁରନ୍ତ ଆମିଷ ବଜାର ପାର୍ଶ୍ୱରୁ ହଟାଯିବା ପାଇଁ ବ୍ୟବସ୍ଥା କରନ୍ତୁ। ଏହାର ନିରାକରଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଏବଂ ବ୍ୟବସାୟୀ ମଧ୍ୟ ସ୍ୱର ଉଠାଇବା ଆବଶ୍ୟକ।

**-ସୌମ୍ୟରାଜ ପଟ୍ଟନାୟକ, ବଡ଼ଶଙ୍ଖ, ରେଡ୍‌କ୍ରସ୍ ରୋଡ୍, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଖିମୟ ଦେହ ମମ
ଲାଗେ ମଧୁଲୀଟ ସମ
ସୁଷମାର ମଧୁପାନେ ରମଇଁ
ଅସ୍ଥିର ପାଦ ନାହିଁ ଗମଇ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପକ୍କା ସଡ଼କ ନିର୍ମାଣ ଦାବି



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଅଞ୍ଚଳବାସୀ।

**ବଇଣ୍ଠା, ୬।୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ପେଢ଼ିପଥର ପଞ୍ଚାୟତର ସାନହୁଲା କୋଡ଼ାସାହି ଠାରୁ ଭାୟା ଅଚୁତପୁର ଦେଇ ପେଢ଼ିପଥରକୁ ସଂଯୋଗ କରୁଥିବା ମାଟି ରାସ୍ତାକୁ ପକ୍କା କରିବା ପାଇଁ ସୋମବାର ଅଚୁତପୁର ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ସୁଶାନ୍ତ ସ୍ୱାଇଁ, ଦିଗାମ୍ବର ସାହୁ, ଅଭିମନ୍ୟୁ ସାହୁ, ଈଶ୍ୱର ଚନ୍ଦ୍ର ପ୍ରଧାନ ଭୁବନେଶ୍ୱରଠାରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଏହି ମାଟି ରାସ୍ତା ଦେଇ ପେଢ଼ିପଥର, ପଟାପଥର, ଅଚୁତପୁର, ସାନହୁଲା, ବରହମ, ଝିଲ୍ଲୀମୁଣ୍ଡା ଆଦି ଅଞ୍ଚଳବାସୀ ଯାତାୟାତ କରୁଛନ୍ତି। ରାସ୍ତା ମଝିରେ ଏକ ନାଳ ପଡୁଥିବା ବେଳେ ବର୍ଷା ଦିନେ ଯିବା ଆସିବା ସମ୍ଭବପର ହେଉନାହିଁ। ଉକ୍ତ ନାଳରେ ପୋଲ ସହ ରାସ୍ତା ପକ୍କା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସକାଳ ୯ଟା ୧୫ରେ ପତାକା ଉତ୍ତୋଳନ

## ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଅନୁଗୋଳ, ୬।୧ (ମାନସ ବିଶ୍ୱାଳ)**

୭୭ ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବ ଅନୁଗୋଳ ପିଟିସି ପଡିଆଠାରେ ଆୟୋଜନ କରାଯିବ। ଉକ୍ତ ଦିନ ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ରାମଧୁନ ଗାନ କରାଯାଇ ସହର ପରିକ୍ରମା କରାଯିବ। ବିଭିନ୍ନ ଅନୁଷ୍ଠାନରେ ସକାଳ ୭ଟା ୩୦ରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୯ଟା ୧୫ରେ ପିଟିସି ପଡ଼ିଆଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରିକୃତ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିବେ। ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଚଳିତ ମାସ ୧୫ ଓ ୧୬ ତାରିଖରେ ଏବଂ ପ୍ରି–ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତା ୧୬ ତାରିଖରେ ଅନୁଷ୍ଠିତ ହେବ। ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ଓ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକକ ଅଭିନୟ ପ୍ରତିଯୋଗିତା ସାଧାରଣତନ୍ତ୍ର ଦିବସ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ଅପରାହ୍ନ ୪ଟାରେ ଅନୁଷ୍ଠିତ ହେବ। ଏହାଛଡ଼ା ପରେଡ ଅଭ୍ୟାସ ୨୨, ୨୩ ଓ ୨୪ ତାରିଖରେ ପିଟିସି ପଡିଆରେ ସକାଳ ୮ଟାରେ ଅନୁଷ୍ଠିତ ହେବ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉପାସନା ପାଢ଼ୀ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଡିଏସ୍‌ପି (ଡିଆଇବି) ଚିତ୍ତ ରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, ସରକାରୀ ଓ ବେସରକାରୀ ବିଭାଗର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଖୋଲିଲାନି ରେଳ ଫାଟକ, ଉତ୍ତେଜନା

**ତାଳଚେର, ୬।୧ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ଘଣ୍ଟପଡ଼ା ହାଣ୍ଡିଧୁଆ ରେଳ ଫାଟକଠାରେ ମଙ୍ଗଳବାର ଟ୍ରେନ୍ ଯିବା ପରେ ମଧ୍ୟ ପଡ଼ିଥିବା ଫାଟକ ନ ଖୋଲିବାରୁ ଉତ୍ତେଜନା ଦେଖାଦେଇଥିଲା। ଦୀର୍ଘ ସମୟ ଧରି ବହୁ ଗାଡ଼ି ଓ ଆମ୍ବୁଲାନ୍ସ ଫାଟକ ନିକଟରେ ଅଟକି ରହିଥିଲା। ଏହାକୁ ନେଇ ଲୋକେ ହୋହଲ୍ଲା କରିବାରୁ ପୋଲିସ ଓ ରେଲୱେ କର୍ମଚାରୀ ପହଞ୍ଚି ଫାଟକ କାଟି ବାହାର କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ଟ୍ରେନ୍ ଆସିବା ପୂର୍ବରୁ ଉକ୍ତ ରେଳ ଫାଟକ ପକାଯାଉଥିବା ବେଳେ ଏକ ଟାଟା ଏସିଇ ଧସେଇ ପଶିଥିଲା। ଫଳରେ ଫାଟକର ଉପର ଭାଗ ଗାଡ଼ିରେ ବାଜି ଭାଙ୍ଗି ଯାଇଥିଲା। ଏଥିଯୋଗୁ ଟ୍ରେନ୍ ଯିବା ପରେ ମଧ୍ୟ ଫାଟକ ଖୋଲି ନ ଥିଲା। ସେହି ରାସ୍ତାର ଉଭୟ ପାର୍ଶ୍ୱରେ ଆମ୍ବୁଲାନ୍ସ ସହିତ ଶତାଧିକ ଲୋକ ଗାଡ଼ି ସହ ଅଟକି ରହିଥିଲେ। ଉତ୍ତେଜନା ଖବରପାଇ କୋଲିୟାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଦୀର୍ଘ ସମୟ ପରେ ରେଲୱେ କର୍ମଚାରୀ ପହଞ୍ଚି ଫାଟକକୁ କାଟି ବାହାର କରିଥିଲେ। ହାଣ୍ଡିଧୂଆଁ ଠାରେ ଓଭରବ୍ରିଜ୍ କାମ ସମ୍ପୂର୍ଣ୍ଣ ହୋଇଥିବାରୁ ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହେଉଛି।

# ସରକାରୀ ଓକିଲଙ୍କୁ ସମ୍ବର୍ଦ୍ଧିତ କଲା ଓକିଲ ସଂଘ



ସରକାରୀ ଓକିଲମାନଙ୍କୁ ଆଠମଲ୍ଲିକ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

**ବଇଣ୍ଠା, ୬।୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ସଦର ମହକୁମାଠାରେ ଥିବା ସିଭିଲ କୋର୍ଟର ବିଭିନ୍ନ ଅଦାଲତ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସରକାରଙ୍କ ଦ୍ୱାରା ଲ’ ଅଫିସର ଭାବେ ନିଯୁକ୍ତି ପାଇଥିବା ଆଠମଲ୍ଲିକ ଓକିଲସଂଘର ଆଇନଜୀବୀମାନଙ୍କୁ ମଙ୍ଗଳବାର ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଂଘର ତଳ ବାର୍‌ହଲଠାରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ସହଯୋଗୀ ଓକିଲ ଭାବେ ରାଜେଶ କୁମାର ମିଶ୍ର, ଅତିରିକ୍ତ ସରକାରୀ ନିବେଦନକାରୀ(ପ୍ଲିଡର)ଭାବେ ବିଦ୍ୟୁତ କୁମାର ପାଣିଗ୍ରାହୀ, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ଏନ୍‌ଡିପିଏସ୍)ଭାବେ ଅର୍ଜ୍ଜୁନ ରାଉଳ ଓ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର(ଏସ୍‌ସିଏସ୍‌ଟି)ଭାବେ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ସିଭିଲଜଜ୍ ସିନିଅର ଡିଭିଜନଙ୍କ ଅଦାଲତରେ ଅତିରିକ୍ତ ସରକାରୀ ନିବେଦନକାରୀ (ପ୍ଲିଡର) ଭାବେ ଆଇନଜୀବୀ ପୀତବାସ ସାହୁ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଭାବେ ଅନ୍ତର୍ଯ୍ୟାମୀ ରାଉଳ ନିଯୁକ୍ତି ପାଇଛନ୍ତି। ଓକିଲ ସଂଘର ବରିଷ୍ଠ ସଦସ୍ୟ ଅସିତ ରଞ୍ଜନ ଦେଓ, ଜିତେନ କୁମାର ମିଶ୍ର, ବାମନ କୁମାର ମିଶ୍ର, ବିଜୟ କୁମାର ମହାକୁଡ଼, ଗଣେଶ ଚନ୍ଦ୍ର କର୍ମୀ ଓ ସୁନୀଲ କୁମାର ଶାସନି ପ୍ରମୁଖ ଉପସ୍ଥିତ ରହି ନବନିଯୁକ୍ତ ଲ’ ଅଫିସରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମାଧବ ଚନ୍ଦ୍ର ସାହୁ, ଦିନେଶ କୁମାର ସିଂହ, ଲଲାଟେନ୍ଦୁ ଦାଶ, ଉଗ୍ରସେନ ସେଠୀ, ବିବେକାନନ୍ଦ ବେହେରା, ନାରାୟଣ ଦାଶ, ପ୍ରଭାକର କହଁର ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ପଞ୍ଚାୟତ ସଚେତନତା ରଥ ଶୁଭାରମ୍ଭ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

**ଅନୁଗୋଳ, ୬।୧ (ମାନସ ବିଶ୍ୱାଳ)**

ଜଳର ସୁପରିଚାଳନା ଓ ସୁବିନିଯୋଗ ପାଇଁ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ରାଜ୍ୟ ଜଳ ସମ୍ପଦ ବିଭାଗ ତରଫରୁ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଏହି ଉପଲକ୍ଷେ ଅନୁଗୋଳ ଜିଲା କାର୍ଯ୍ୟାଳୟ ପରିସରରୁ ବାହାରିଥିବା ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଚଳିତ ମାସରେ ଜିଲାର ସମସ୍ତ ବ୍ଲକ ମୁଖ୍ୟାଳୟ ସହିତ ଅନ୍ୟାନ୍ୟ ଜଳସେଚନ ବିଭାଜନ ଭ୍ରମଣ କରି ଜନସାଧାରଣଙ୍କୁ ସଚେତନ କରାଇବ। କାର୍ଯ୍ୟକ୍ରମରେ ଅନୁଗୋଳ ଜଳସେଚନ ବିଭାଗ କର୍ମଚାରୀ, ପାଣି ପଞ୍ଚାୟତ ସଦସ୍ୟ, ଉଠା ଜଳସେଚନ ବିଭାଜନ ନିର୍ବାହୀଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କୃତୀ ଆଥ୍‌ଲେଟଙ୍କୁ ଜିଲାପାଳଙ୍କ ସମ୍ବର୍ଦ୍ଧନା

**ଅନୁଗୋଳ, ୬।୧ (ଦିବ୍ୟଶାନ୍ତନୁ ନାଥ)**



ଜିଲାପାଳଙ୍କ ସହ ସମ୍ବର୍ଦ୍ଧିତ ଆଥ୍‌ଲେଟ ଓ ଅନ୍ୟମାନେ।

କଟକ ରିଜର୍ଭ ପୋଲିସ ପଡ଼ିଆରେ ଆୟୋଜିତ ୭୧ ତମ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଅନୁଗୋଳ ଆଥ୍‌ଲେଟମାନଙ୍କୁ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ସମ୍ବର୍ଦ୍ଧିତ କରିଛନ୍ତି। ଉଚ୍ଚ ଡିଆଁରେ ସ୍ୱର୍ଣ୍ଣପଦକ ପାଇଥିବା ସ୍ୱାଧୀନ ମାଝୀଙ୍କୁ ଜିଲାପାଳ ପ୍ରଶଂସା କରିଥିଲେ। ଦୁଷ୍ମନ୍ତ ପ୍ରଧାନ ୨୩ ବର୍ଷରୁ କମ୍ ୧୦ କି.ମି. ଦ୍ରୁତ ଚାଲି, ପ୍ରିୟବ୍ରତ ପ୍ରଧାନ ପୁରୁଷ ଜାଭେଲିନ ଓ ଡୁମଣି ହାଁସଦା ୧୬ ବର୍ଷରୁ କମ୍ ୬୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ରାଜଲକ୍ଷ୍ମୀ ବେହେରା ୧୬ ବର୍ଷରୁ କମ୍ ଜାଭେଲିନରେ ରୌପ୍ୟ ଏବଂ ପ୍ରଦୀପ ଗଡ଼ନାୟକ ୨୩ ବର୍ଷରୁ କମ୍ ୫ କି.ମି. ଦୌଡ଼ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମ୍ରିଗାଙ୍କ ଶେଖର ନାହାକ ୧୨ ବର୍ଷରୁ କମ୍ ୩୦୦୦ ମିଟର ଦୌଡ଼ ୧୨.୫ ମିନିଟରେ ସମ୍ପୂର୍ଣ୍ଣ କରିଥିବାରୁ ତାଙ୍କୁ ସ୍ୱତନ୍ତ୍ର ରୂପେ ପୁରସ୍କୃତ କରାଯାଇଥିଲା। ସରସ୍ୱତୀ ଖୁଣ୍ଟିଆ ୬ କି.ମି. କ୍ରସ୍ କଣ୍ଟ୍ରି ରାଜ୍ୟସ୍ତରୀୟ ଦୌଡ଼ ପାଇଁ ମନୋନୀତ ହୋଇଥିବାରୁ ତାଙ୍କୁ ଜିଲାପାଳ ଶୁଭେଚ୍ଛା ଜଣାଇଥିଲେ। ବିଶିଷ୍ଟ ଖେଳାଳି ନୀଳମଣି ଦାସଙ୍କୁ ଜିଲା କ୍ରୀଡ଼ା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାରୋହରେ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଡା. ଗୌର ଗୋବିନ୍ଦ ସାମନ୍ତ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ, ସଂସଦର ବରିଷ୍ଠ ସଦସ୍ୟ କିଶୋର କର, ପ୍ରଦୀପ ଦେବତା, ରୁଚିର ଦାସ, ରମେଶ ସାହୁ, ବସନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଜିଲାସ୍ତରୀୟ ନିଯୁକ୍ତି ମେଳା

**ଅନୁଗୋଳ, ୬।୧ (ମାନସ ବିଶ୍ୱାଳ)**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଆନୁକୂଲ୍ୟରେ ଜିଲା ପ୍ରଶାସନ ଏବଂ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ମିଳିତ ସହଯୋଗରେ ୭ ତାରିଖରେ ଏକ ଜିଲାସ୍ତରୀୟ ନିଯୁକ୍ତି ମେଳା ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହେବ। ଏହି ନିଯୁକ୍ତ ମେଳାରେ ଜିଲାର ସମସ୍ତ ବ୍ଲକ ଓ ୫ ସହରାଞ୍ଚଳର ୫ମ ଶ୍ରେଣୀଠାରୁ ସ୍ନାତକ, ଆଇଟିଆଇ ଏବଂ ଡିପ୍ଲୋମା ପାସ୍ କରିଥିବା ୧୮ରୁ ୩୫ ବର୍ଷ ବୟସ୍କ ପ୍ରାର୍ଥୀମାନେ ଅଂଶଗ୍ରହଣ କରିବା ସହ ଦକ୍ଷତା ବିକାଶ ତାଲିମ ପାଇଁ ଆବେଦନ କରିପାରିବେ। ମେଳାରେ ଜିଲା, ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତି ପାଇଁ ଘରୋଇ ସଂସ୍ଥାଗୁଡିକର ନିଯୁକ୍ତି ଦାତା ଓ ଦକ୍ଷତା ବିକାଶ ତାଲିମ ପ୍ରଦାନକାରୀ ସଂସ୍ଥାମାନେ ଯୋଗଦେବାର ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତୀତ ଅନୁଗୋଳ ଆଖପାଖରେ ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନଗୁଡ଼ିକରେ ଥିବା ଭେଣ୍ଡରଗୁଡିକ ଦ୍ୱାରା ପରୋକ୍ଷ ନିଯୁକ୍ତି ସୁଯୋଗ ପ୍ରଦାନ କରାଯିବ। ଇଚ୍ଛୁକ ପ୍ରାର୍ଥୀମାନେ ନିଜର ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାର କାର୍ଡ ଓ ଓ ପାସପୋର୍ଟ ଫଟୋ ସହିତ ଉକ୍ତ ନିଯୁକ୍ତି ମେଳାରେ ନିର୍ଦ୍ଧାରିତ ତାରିଖରେ ସକାଳ ୧୦ ଘଟିକାଠାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ଯୋଗଦେଇ ନିଯୁକ୍ତ ତଥା ଦକ୍ଷତା ବିକାଶ ତାଲିମର ସୁଯୋଗ ନେଇପାରିବେ।

# ଟ୍ରାଫିକ୍ ଜାମ୍, ଜରୁରୀ ସେବା ବାଧାପ୍ରାପ୍ତ

**ସନ୍ତ୍ରୀଛକ, ୬।୧ (ସନ୍ତୋଷ ପରିଡ଼ା)**

୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ବଣ୍ଣଁରପାଳ ବ୍ଲକ ବୁଢ଼ାପଙ୍କ ଗେଟ୍ ନିକଟରୁ ବଣ୍ଣଁରପାଳ



ଥାନା ପର୍ଯ୍ୟନ୍ତ କିଛିଦିନ ହେବ ଟ୍ରାଫିକ ଜାମ୍ ଦେଖାଦେଉଛି। ଫଳରେ ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, କଟକ–ସମ୍ବଲପୁର ୫୫ନଂ. ଜାତୀୟ ରାଜପଥରେ ଅନୁଗୋଳ ସହର ଭିତରେ ଦିନବେଳା ଭାରିଯାନ ଚଳାଚଳକୁ ଅନୁମତି ଦିଆଯାଉ ନାହିଁ। ଏଥିପାଇଁ ବାଇପାସ୍ ରାସ୍ତା ନିର୍ମାଣ କରାଯାଇଛି। ସେହିପରି ୧୪୯ ନଂ. ଜାତୀୟ ରାଜପଥର ଅବସ୍ଥା ଖରାପ ଓ ଭାରିଯାନ ପ୍ରବେଶ ଉପରେ କଟକଣା ଲଗାଯାଇଥିବାରୁ ଏହି ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେଉଛି। ସ୍ଥାନୀୟ ଅଞ୍ଚଳର କେହି ଜରୁରୀ କାମରେ ବାହାରିଲେ ୨ କିଲୋମିଟର ରାସ୍ତା ପାରିହେବାକୁ ୨ଘଣ୍ଟା ଲାଗୁଛି। ଏପରିକି ସ୍କୁଲ କଲେଜ ଓ ବିଭିନ୍ନ ଜରୁରିକାଳୀନ ଗାଡ଼ିଗୁଡ଼ିକ ଯିବାଆସିବାରେ ବାଧା ଉପୁଜୁଛି। ଏହି ସମସ୍ୟାର ସମାଧାନ ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ଅଭିମନ୍ୟୁ ସେନାପତି, ସୁଦର୍ଶନ ଭୂତିଆ, କନ୍ଦର୍ପ ପରିଡ଼ା, ପ୍ରଫୁଲ୍ଲ କୁମାର ସିଂହ, ମହେନ୍ଦ୍ର ଦଳବେହେରା, ରମେଶ ବେହେରା, ବୁଲୁ ସାହୁ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

## ବେଆଇନ ଜମି ବିକ୍ରି ଓ ଗଛ କାଟିବା ଅଭିଯୋଗ

**ବନ୍ତଳା, ୬।୧ (ସୁଶିତ ସାହୁ)**

ଅନୁଗୋଳ ବ୍ଲକ ଛେଳିଆପଡ଼ା ଗ୍ରାମର ୭ଟି ୱାର୍ଡକୁ ନେଇ ଗଠିତ କମିଟିକୁ ନ ଜଣାଇ ଏକ ସରକାରୀ ଜମିକୁ ବିକ୍ରି ଓ ବେଆଇନ ଗଛ କଟାଯାଇଥିବା ଅଭିଯୋଗ ହୋଇଥିବା ବେଳେ ଏହାକୁ ନେଇ ୪ଟି ୱାର୍ଡକୁ ନେଇ ଗଠିତ କମିଟିର ଗାଁ ସଭାପତି ଓ ସମ୍ପାଦକଙ୍କୁ ଶନିବାର ଗ୍ରାମବାସୀ ଅଟକ ରଖିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିବାବେଳେ ବନ୍ତଳା ବନ ବିଭାଗ ଓ ପୋଲିସ ଅଟକଙ୍କୁ ଉଦ୍ଧାର କରିଥିଲା। ଏହି ବେଆଇନ ଗଛକଟା ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ସମ୍ପୃକ୍ତ ୭ଟି ୱାର୍ଡର ଶତାଧିକ ଲୋକ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଗାଁର ଦାସରଥି ବେହେରା, ଦିଲୀପ ବେହେରା, ସିପୁନ ମହାନ୍ତି, ଶ୍ରୀତମ ନାଥ, ସୁରେନ୍ଦ୍ର ବାରିକ, ଦାମୋଦର ବାରିକ, ଲୋକନାଥ ନାଥ, ମଣ୍ଟୁ ନାହକ, ଆରତ ସାହୁ, ସୁଧାକର ସାହୁ, ସୁରଥ ପ୍ରଧାନ, ଦୀପକ ପ୍ରଧାନ, ରଞ୍ଜନ ସ୍ୱାଇଁ, ପ୍ରଦୀପ ସ୍ୱାଇଁ ପ୍ରମୁଖ ବନ୍ତଳା ରେଞ୍ଜର, ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ।

ଅଭିଯୋଗରେ ଦର୍ଶାଯାଇଛି, ଗ୍ରାମର ୧୧ଟି ୱାର୍ଡ ମଧ୍ୟରୁ ୪ଟି ୱାର୍ଡକୁ ନେଇ ଏକ ଗ୍ରାମ କମିଟି ରହିଥିଲାବେଳେ ଅନ୍ୟ ୭ଟି ୱାର୍ଡକୁ ନେଇ ଅନ୍ୟ ଏକ କମିଟି ଗଠନ କରାଯାଇଛି। ଶନିବାର ସକାଳୁ ୪ଟି ୱାର୍ଡକୁ ନେଇ ଗଠିତ କମିଟିର ସଭାପତି ଓ ସମ୍ପାଦକ ପ୍ରାୟ ୧ ଏକରରୁ ଅଧିକ ଥିବା ଏକ ଗୋଚର ଜମିରୁ ୨୭ଟି ତାଳଗଛ, ୧୦ଟି ଶାଗୁଆନ ଗଛ ସହ ଅନ୍ୟାନ୍ୟ ୨୫/୩୦ଗଛ କାଟି ଦେଇଥିବା ଖବରପାଇ ଗାଁର ଅନ୍ୟ ୭ଟି ୱାର୍ଡର ଲୋକେ ବିରୋଧ କରିଥିଲେ। ସଭାପତି ଓ ସମ୍ପାଦକଙ୍କୁ ଅଟକ ରଖି ବନ୍ତଳା ବନ ବିଭାଗ ଓ ଅନୁଗୋଳ ପୋଲିସକୁ ଖବର ଦେଇଥିଲେ। ଖବରପାଇ ବନ ବିଭାଗ ଓ ପୋଲିସ ପହଞ୍ଚି ବୁଝାଶୁଝା କରି ଅଟକଙ୍କୁ ଉଦ୍ଧାର କରିଥିଲା। ଜଣେ ବାହାର ଲୋକଙ୍କୁ ଗୋଚର ଜମି ବିକ୍ରି ସହ ବେଆଇନ ଭାବେ ଗଛ କାଟି ଦିଆଯାଇଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ଅପରପକ୍ଷରେ ୪ଟି ୱାର୍ଡ କମିଟିର ଲୋକମାନେ ସଭାପତି ଓ ସମ୍ପାଦକଙ୍କ ସପକ୍ଷରେ ବାହାରି ମଙ୍ଗଳବାର ଏକ ଦାବିପତ୍ର ପ୍ରଶାସନକୁ ପ୍ରଦାନ କରିଛନ୍ତି। ଗାଁ ବୈଠକର ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନିଆଯାଇଥିବା ସେମାନେ ଦର୍ଶାଇଛନ୍ତି।

# କୋଇଲା ଖଣି ବନ୍ଦ ଦାବିରେ ଗଣବିକ୍ଷୋଭ

**ଛେଣ୍ଡିପଦା, ୬।୧ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଥିବା କୋଇଲା ଖଣିଗୁଡିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବିରେ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଞ୍ଚ ଆବାହକ ଉଦୟନାଥ ବେହେରାଙ୍କ ତତ୍ତ୍ୱାବଧାନରେ ହାଣ୍ଡିଗୋଡା, ମାଛକୁଟା, ସାଲୁଇଖମଣ ଆଦି ୭ଟି ପଞ୍ଚାୟତର ପ୍ରାୟ ୧ ହାଜରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଛେଣ୍ଡିପଦା ଡାକ ବଙ୍ଗଳାଠାରୁ ଶୋଭାଯାତ୍ରାରେ ବାହାରି ଏହି ବିକ୍ଷୋଭକାରୀମାନେ ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ବାହାର ରାଜ୍ୟର ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରାୟ ୭ଟି କୋଇଲା ଖଣି ଖୋଳାଯିବ। ଏହାଦ୍ୱାରା ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଇବ। ଚାଷ, ବାସଗୃହ, ଜଙ୍ଗଲ, ବିଦ୍ୟାଳୟ, ଜଳସେଚନ ପ୍ରକଳ୍ପ ତଥା ଜଳଉତ୍ସଗୁଡ଼ିକ ପ୍ରଭାବିତ ହେବ। ଛେଣ୍ଡିପଦା ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କମ୍ପାନୀ ସ୍ୱାର୍ଥ ପାଇଁ ଜୋର ଜବରଦସ୍ତ ବେଆଇନ ଭାବେ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ କରାଯାଉଛି। ଏ ନେଇ କ୍ଷତିଗ୍ରସ୍ତ ପ୍ରଜା ଆନ୍ଦୋଳନକୁ ଓହ୍ଲାଇ ଲଢେଇ କରୁଥିବା ସୁରକ୍ଷାମଞ୍ଚ ଆବାହକ ସସ୍ମିତା ବେହେରା ପ୍ରକାଶ କରିଥିଲେ। ପରେ ଏକ ୧୨ ଦଫା ଦାବି ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଛେଣ୍ଡିପଦା ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଏହି ଆନ୍ଦୋଳନରେ ମଞ୍ଚ ସମ୍ପାଦକ ବିଶ୍ୱାମିତ୍ର ସାହୁ, ପରିବେଶବିତ୍ ଡ. ବିଶ୍ୱଜିତ, ସଦସ୍ୟା ସସ୍ମିତା ବେହେରା, ଏସ୍‌ୟୁସିଆଇ ନେତା ରଣଜିତ୍ ପ୍ରଧାନ, ଉଦୟନାଥ ବେହେରା, ତାଳଚେର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦିଗାମ୍ବର ଗଡ଼ନାୟକଙ୍କ ସମେତ ବହୁ ଜନ ସାଧାରଣ ସାମିଲ ହୋଇଥିଲେ। ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟଙ୍କ ନେତୃତ୍ୱରେ ଫୋର୍ସ ମୁତୟନ କରାଯାଇଥିଲା।

# ସାମାଜିକ କର୍ମୀଙ୍କ ପିତୃ ବିୟୋଗ



ନରେଶ ଚନ୍ଦ୍ର ସାହୁ।

**ସନ୍ତ୍ରୀଛକ, ୬।୧ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଣ୍ଣଁରପାଳ ବ୍ଲକ ଅନ୍ତର୍ଗତ ମହୀଧରପୁର ଅଞ୍ଚଳର ଯୁବ ସାମାଜିକ କର୍ମୀ କ୍ଷୀରୋଦ କୁମାର ସାହୁଙ୍କ ପିତା ନରେଶ ଚନ୍ଦ୍ର ସାହୁ (୬୦)ଙ୍କ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ନରେଶ ସମଗ୍ର ଅଞ୍ଚଳର ଜଣେ କର୍ମଠ, ନିଷ୍ଠାବାନ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ରୂପେ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ମିଳିବା ପରେ ଆତ୍ମୀୟସ୍ୱଜନଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମହୀଧରପୁର ସ୍ଥିତ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ପୁତ୍ର କ୍ଷୀରୋଦ ମୁଖାଗ୍ନି ଦେଇଥିଲେ।

# ଯାତ୍ରା ଖଳନାୟକ ଜ୍ଞାନରଞ୍ଜନ ସାହୁଙ୍କ ପରଲୋକ

**ଭୁବନ, ୬।୧ (ବିପିନ ବିହାରୀ ସେଠୀ)**



ଯାତ୍ରା ଖଳନାୟକ ଜ୍ଞାନରଞ୍ଜନ ସାହୁ।

ଯାତ୍ରା ଖଳନାୟକ ଜ୍ଞାନରଞ୍ଜନ ସାହୁ (୪୫)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ୬ ନମ୍ବର ୱାର୍ଡ ନିବାସୀ ଜ୍ଞାନରଞ୍ଜନ ବର୍ଷେ ହେବ ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ ଥିଲେ। ସେ ଅନେକ ଯାତ୍ରା ପାର୍ଟିରେ ଅଭିନୟ କରିଥିଲେ। ଚଳିତବର୍ଷ କଳିଙ୍ଗ ଗଣନାଟ୍ୟ ପାଇଁ ଚୁକ୍ତିବଦ୍ଧ ହୋଇଥିଲେ ହେଁ ଆଖଡ଼ା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ସେବେଠାରୁ ସେ ଚିକିତ୍ସାଧୀନ ଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାତିରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଯାତ୍ରା କଳାକାର ମହଲ ସହ ଭୁବନ ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି, କଳାକାର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବାପା, ଭାଇ, ଭାଉଜ ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# ଏଏସ୍‌ଆଇଙ୍କୁ ହତ୍ୟା ଧମକ

**ବଇଣ୍ଠା, ୬।୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ହଣ୍ଡପା ଥାନା ଏଏସ୍‌ଆଇ ପ୍ରକାଶ ବାରିକ (୫୩)ଙ୍କୁ ଅନୁଗୋଳ ଜିଲା ହେଡକ୍ୱାର୍ଟର୍ସ ହାବିଲଦାର ହଣ୍ଡପା ଥାନା ବିଡ଼ିସିଙ୍ଗ ଗ୍ରାମର ଅଜିତ କୁମାର ସାହୁ ହତ୍ୟା ଧମକ ସହ ଥାନା ଭିତରେ ଗାଳିଗୁଲଜ କରିଥିବା ପ୍ରକାଶ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୫/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ଅଜିତ ତାଙ୍କ ସ୍ତ୍ରୀଙ୍କ ସହ ଝଗଡ଼ା କରୁଥିବା ନେଇ ଥାନାକୁ ସୂଚନା ଆସିବା ପରେ ପୋଲିସ ଟିମ୍ ପହଞ୍ଚି ଅଜିତଙ୍କୁ ଥାନାକୁ ଆଣି ବୁଝାଶୁଝା କରୁଥିଲେ। ହେଲେ ଅଜିତ ସେଠାରେ ପ୍ରକାଶଙ୍କୁ ଗାଳିଗୁଲଜ ସହ ହତ୍ୟା କରିବା ପାଇଁ ଧମକ ଦେଇଥିବା ଅଭିଯୋଗ ହୋଇଛି।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଶୋକସଭା

**ଛେଣ୍ଡିପଦା, ୬।୧ (ଅଜିତ୍ ଧଳ)**



ଅନୁଗୋଳ ଜିଲା ଦୁର୍ଗାପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ସାହୁଙ୍କ ବିୟୋଗରେ ସୋମବାର ବିଦ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋକସଭାରେ ଦୁର୍ଗାପୁର ଗ୍ରାମ ସଭାପତି ଗୋବିନ୍ଦ ଶତପଥୀ, ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ମଞ୍ଜୁବାଳା ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସାହୁ, ଓଷ୍ଟା ବ୍ଲକ ସଭାପତି ବିଶ୍ୱରଞ୍ଜନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ପ୍ରଧାନ, ପୁରାତନ ଛାତ୍ର ସଂସଦ ସଭାପତି ଅସିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶୋକବ୍ୟକ୍ତ କରିବା ସହ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ।

# କୁମ୍ଭୀର ଗଣନାବେଳେ ଚାଲିଛି ଭୋଜି

## ସାତକୋଶିଆରେ ସୁରକ୍ଷା ବ୍ୟବସ୍ଥା ଢିଲା

**ଅନୁଗୋଳ, ୬।୧ (ଦିବ୍ୟଶାନ୍ତନୁ ନାଥ)**



ନଦୀ କୂଳରେ ପିକ୍‌ନିକ୍ କରୁଛନ୍ତି ପର୍ଯ୍ୟଟକ।

ଅନୁଗୋଳ ଜିଲା ସାତକୋଶିଆ ବନଖଣ୍ଡରେ ୪ ତାରିଖଠାରୁ ଆରମ୍ଭ ହୋଇଛି କୁମ୍ଭୀର ଗଣନା। ଅଭୟାରଣ୍ୟ ମଧ୍ୟରେ ଥିବା ବିଭିନ୍ନ ଜଳାଶୟ ଓ ମହାନଦୀ ଗଣ୍ଡରେ ୮ ତାରିଖ ଯାଏ ଏହି ଗଣନା କାର୍ଯ୍ୟକ୍ରମ ଚାଲୁରହିବ। ଏହି କୁମ୍ଭୀର ଗଣନା ପ୍ରକ୍ରିୟାକୁ ବାଧାମୁକ୍ତ କରିବାକୁ ସାତକୋଶିଆ ବନଖଣ୍ଡ ପକ୍ଷରୁ ପର୍ଯ୍ୟଟକ ଏବଂ ସାଧାରଣ ଲୋକଙ୍କ ଗତିବିଧି ଉପରେ କେତେକ କଟକଣା ଜାରି କରାଯାଇଛି। ଏଥିସହ ନଦୀରୁ ମାଛ ଧରିବାକୁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ମଧ୍ୟ ବାରଣ କରାଯାଇଛି। ଏପରିକି ମହାନଦୀ ଏବଂ ଶିଶୁପଥର ଜଳଭଣ୍ଡାର ମଧ୍ୟରେ କୌଣସି ପ୍ରକାର କାର୍ଯ୍ୟକଳାପ ନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏତେ ସବୁ କଟକଣାକୁ କଡ଼ାକଡ଼ି ପାଳନ କରାଯାଉ ନ ଥିବାରୁ ପର୍ଯ୍ୟଟକମାନେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିବା ସହ ଭୋଜିଭାତ କରୁଥିବା ଅଭିଯୋଗ ହେଉଛି। ମହାନଦୀର ବର୍ତ୍ତମାନ ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳ ବଳଦମଡ଼ା କିଛିବର୍ଷ ହେବ ଘଡ଼ିଆଳ କୁମ୍ଭୀରଙ୍କ ପ୍ରାକୃତିକ ଆବାସସ୍ଥଳୀ ପାଲଟିଛି। ଏଠାରେ କୁମ୍ଭୀର ଅଣ୍ଡାଦାନ କରୁଛନ୍ତି। ହେଲେ ଉକ୍ତ ସ୍ଥାନ ସହ ଆଖପାଖ ଅଞ୍ଚଳରେ ପର୍ଯ୍ୟଟକମାନେ ପିକ୍‌ନିକ୍ କରିବା ସହ ସାଉଣ୍ଡ ବଜାଇ ନାଚଗୀତ କରୁଥିବା ଦେଖାଯାଇଛି। ଏ ସମ୍ପର୍କରେ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର କହିଛନ୍ତି, କେତେଜଣ ଅମାନିଆ ପର୍ଯ୍ୟଟକ ଭୋଜିସ୍ଥଳ ଛାଡ଼ି ନଦୀ ପାଖରେ ଭୋଜିଭାତ କରୁଥିବା ଜଣାପଡ଼ିଛି। ପର୍ଯ୍ୟଟନ ଋତୁରେ ଉକ୍ତ ଅଞ୍ଚଳରେ ଅଧିକ ସୁରକ୍ଷା ବ୍ୟବସ୍ଥା କରାଯିବ।

# ଦିବ୍ୟାଙ୍ଗ ଯୁବତୀଙ୍କୁ ଗଣବଳାତ୍କାର

ରାୟଗଡ଼ା/ଗୁଡ଼ାରି,୬।୧(ଅଶିଷ ରଞ୍ଜନ ପଣ୍ଡା/ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲ୍ଲାରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଛି। ଜଣେ ୧୮ବର୍ଷୀୟା ଦିବ୍ୟାଙ୍ଗ ଯୁବତୀ ମାନସିକ ଦୁର୍ବଳଗ୍ରସ୍ତ ଥିବାରୁ ଏହାର ଫାଇଦା ଉଠାଇ ସୋମବାର ଅପରାହ୍ନ ପ୍ରାୟ ୪ଟାରେ ୩ ଜଣ ଯୁବକ ତାଙ୍କୁ ବାଇକ୍‌ରେ ଉଠାଇନେଇ ଗଣବଳାତ୍କାର କରିଛନ୍ତି। ରାୟଗଡ଼ା ଜିଲ୍ଲା ଗୁଡ଼ାରି ଥାନା ଅନ୍ତର୍ଗତ ନାଉରା ଗାଁରେ ଏଭଳି ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଝିଅକୁ ଉଲଗ୍ନ ଅବସ୍ଥାରେ ଉଦ୍ଧାରକରି ମା' ଘରକୁ ନେବା ପରେ ଗୁଡ଼ାରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁଡ଼ାରି ପୋଲିସ କେସ୍ ନଂ. ୨/୨୬ରେ ମାମଲା ରୁଜୁକରିଛି। ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ୩ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଗୁଡ଼ାରି ଥାନା ଆଇଆଇସି ସର୍ମିତା ସ୍ୱାଇଁ ସୂଚନା ଦେଇଛନ୍ତି। ଏ ନେଇ ପୀଡ଼ିତାଙ୍କ ଡାକ୍ତରୀ ମାଇନା ପାଇଁ ଗୁଣପୁର ଉପଖଣ୍ଡ ମେଡିକାଲକୁ ନେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ମହିଳାଙ୍କ ସୁରକ୍ଷା ପ୍ରତି ପ୍ରଶ୍ନ ଉଠିଛି। ପୀଡ଼ିତାଙ୍କ ମା'ଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ୩ ଝିଅ ଗାଁ ନିକଟରେ ଲିଜ୍ ନେଇଥିବା କପାବାଡ଼ିକୁ ସୋମବାର କପା ତୋଳିବା ପାଇଁ ଯାଇଥିଲେ। ଦିନ ପ୍ରାୟ ୨ଟା ବେଳେ କାମ ସରିଥିବା ପରେ ବଡ଼ ଝିଅକୁ କାଠ ନେଇ ଘରକୁ ଆଗରେ ଯିବା ପାଇଁ କହିଥିଲେ। ତେବେ ସେ ଘରକୁ ଫେରି ଝିଅକୁ ନ ପାଇ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ପରେ ଭାଲିଆଡାଙ୍ଗ ନିକଟରେ ଝିଅକୁ ଉଲଗ୍ନ ଅବସ୍ଥାରେ ବସି କାନ୍ଦୁଥିବା ଦେଖିବାକୁ ପାଇଥିଲେ। ଏହାପରେ ଝିଅକୁ ଲୁଗା ପିନ୍ଧାଇ ଘରକୁ ଆଣିବା ପରେ ଝିଅ ମା'ଙ୍କୁ ସମସ୍ତ ଘଟଣା ବିଷୟରେ କହିଥିଲା ବୋଲି ସେ କହିଛନ୍ତି। ସିନ୍ତାଲଗୁଡ଼ା ଗ୍ରାମର ମଣ୍ଟୁ ଶବର, ଅଜିତ ଶବର ଓ ସୁକାନ୍ତ ଶବର ଝିଅକୁ ମୋଟରସାଇକେଲରେ ଉଠାଇନେଇ ନିକଟସ୍ଥ ଭାଲିଆଡାଙ୍ଗକୁ ନେଇ ଯାଇଥିଲେ। ସେଠାରେ ଝିଅକୁ ଜଣକ ପରେ ଜଣେ ୩ ଜଣ ବଳାତ୍କାର କରିଥିଲେ। ଝିଅ ମାନସିକ ବିକାରଗ୍ରସ୍ତ ହୋଇଥିବାର ଫାଇଦା ଉଠାଇ ୩ଯୁବକ ଏହି କାଣ୍ଡ ଭିଆଇଥିବା ପୀଡ଼ିତାଙ୍କ ମାଆ ଲିଖିତ ଅଭିଯୋଗ କରିଛନ୍ତି।

# ଏଆଇ, ରୋବୋଟିକ୍ସ ପ୍ରଶିକ୍ଷଣନେବେ ସ୍କୁଲ ପିଲା

ଭୁବନେଶ୍ୱର,୬।୧ (ଅନୁରାଧା ମହାରଣା)

ଅନ୍ଧାରୁଆରିତ ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଅଧୀନ ଓକାଲ୍ ତରଫରୁ ସରକାରୀ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା, ଆଇଓଟି, ରୋବୋଟିକ୍ସ ତଥା ସାଇବର ସିକ୍ୟୁରିଟି ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୃତ୍ରିମ ବୁଦ୍ଧିମତ୍ତାକୁ ପାଠ ପଢ଼ିବା ତଥା ଭବିଷ୍ୟତ ଗଠନରେ ବ୍ୟବହାର କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ଡ. ମହାଲିଙ୍ଗ ପରାମର୍ଶ ଦେଇଥିଲେ।

# ଦୁର୍ଘଟଣାରେ ସାମ୍ବାଦିକାଙ୍କ ସମେତ ୨ ମୃତ

## ପିପିଲି ଜମାଲପୁର ହାଇୱେରେ ସ୍କୁଟିକୁ ପିଟିଲା ବସ

ପିପିଲି,୬।୧(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)



ଶୀଳା ପଟ୍ଟନାୟକ

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ପିପିଲି ଥାନା ଅନ୍ତର୍ଗତ ମଙ୍ଗଳପୁର ନିକଟ ଜମାଲପୁର ଶିଡ଼ିଠାରେ ଏକ ସ୍କୁଟିକୁ ବସ୍ ଧକ୍କା ଦେବା ଫଳରେ ସ୍କୁଟିରେ ଥିବା ମହିଳା ସାମ୍ବାଦିକାଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭୁବନେଶ୍ୱରର ଏକ ଘରୋଇ ଗଣମାଧ୍ୟମର ସାମ୍ବାଦିକା ଶିଳା ପଟ୍ଟନାୟକ(୪୦) ଓ ଘାଟିକିଆ ଖଣ୍ଡଗିରିର ସିପିକା ନାୟକ (୩୬)। ସୂଚନା ମୁତାବକ, ଶିଳା ଏବଂ ତାଙ୍କ ସାଙ୍ଗ ମିଶି ମଙ୍ଗଳବାର ଭୁବନେଶ୍ୱରରୁ ଏକ ସ୍କୁଟି (ଓଡି-୩୩-ଏକ୍ସ-୦୦୮୧) ଯୋଗେ ପୁରୀ ଅଭିମୁଖେ ଯାଉଥିଲେ। ଜମାଲପୁର ଶିଡ଼ିଠାରେ ଜାତୀୟ ରାଜପଥ ଉପରେ ପଡ଼ିଥିବା ବାଲିରେ ଭାରସାମ୍ୟ ହରାଇ ସେମାନେ ପଡ଼ିଯାଇଥିଲେ। ସେହି ସମୟରେ ପଛପଟୁ ଦ୍ରୁତଗତିରେ ଯାଉଥିବା 'ଶାରଳା' ନାମକ ଏକ ଘରୋଇ ବସ୍ (ଓଡି-୦୨-ଡିବି-୧୧୯୯) ସ୍କୁଟି ଉପରେ ଯାଇଥିଲା। ଫଳରେ ଘଟଣାସ୍ଥଳରେ ଶୀଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣଙ୍କର ମଙ୍ଗଳପୁର ମେଡିକାଲରେ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଲାଗି ରହିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଜଣେ ମହିଳାଙ୍କୁ ନିକଟସ୍ଥ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ, ଏସ୍‌ଆଇ ସୁରମା ସ୍ୱାଇଁ, ନାରାୟଣ ବେହେରା ଓ ସାତଶଙ୍ଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡ଼ା ପ୍ରମୁଖ ପହଞ୍ଚି ଟ୍ରାଫିକ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିଥିଲେ। ପିପିଲି ପୋଲିସ ମଙ୍ଗଳପୁର ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରିଛି। ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭର ସାକ୍ଷୀଗୋପାଳ ଥାନାରେ ଅଟକ ରହିଥିବା ସହ ବସ୍‌କୁ ଜବତ କରାଯାଇଛି। ମୃତ ସିପିକା ନାୟକଙ୍କ ସ୍ୱାମୀ ପ୍ରଦୀପ୍ତ ରାଉତଙ୍କ ଲିଖିତ ଅଭିଯୋଗକ୍ରମେ ପିପିଲି ଥାନାରେ ନଂ.୧୫/୨୬ରେ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପିସିସି ସଭାପତି ଭକ୍ତ ଚରଣ ଦାସ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକପ୍ରକାଶ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ରାଜପଥ ଉପରକୁ ବାଲି ଆସିଲା କେଉଁଠୁ? ଏନ୍‌ଏଚ୍‌ଆଇ ପକ୍ଷରୁ ୨୪ଘଣ୍ଟିଆ ୱାର୍କ ପାଟ୍ରୋଲିଂ କରାଯାଉଥିବାବେଳେ ଦୀର୍ଘ ୮ଘଣ୍ଟା ଧରି ରାଜପଥ ଉପରେ ଏତେ ପରିମାଣର ବାଲି ପଡ଼ିରହିଲା କିପରି? ଏହାସହିତ ପୋଲିସ ପକ୍ଷରୁ ହାଇୱେ ପାଟ୍ରୋଲିଂ କରାଯାଉଥିବାବେଳେ ପୋଲିସ କେମିତି ବାଲି ସମ୍ପର୍କରେ ଜାଣିପାରିଲା ନାହିଁ? ଏଭଳି ଅନେକ ପ୍ରଶ୍ନ ବୁଦ୍ଧିଜୀବୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ କରିଛି।


## INTEGRATED TRIBAL DEVELOPMENT AGENCY, GUNUPUR

No. 26/VII-99/2026(Tender) Date: 03.01.2026

**CORRIGENDUM**

**BID ID No. ITDAGNP - 04/2025-26 dtd. 23.12.2025**

**No.CAD-2927** : The Bid ID No. ITDA GNP- 04/2025-26 dtd. 23-12-2025 published vide No. 3302 dtd. 23-12-2025 at sl. No. 8 of other detail shown as availability of Tender online for Bidding from 28-12-2025 at 10.00 AM to 11-01-2026 up to 5.00 P.M., last date & time of seeking tender clarification 11.01.2026 up to 5.00 PM and Date & time of Opening of tender 12-01- 2026 at 11.00 Hrs. is hereby cancelled due to technical problem.

Sd./- Project Administrator, I.T.D.A, Gunupur

OIPR-26072/11/0014/2526

## GOVT. OF ODISHA DEPARTMENT OF WATER RESOURCES

No.A-1216

Office of the Additional Chief Engineer Vansadhara Nagabali Basin, Paralakhemundi

(email Id: se_sicpkd@yahoo.com)

**e-Procurement Notice No.ACE, VNB-02/2025-26**

| | | | |
|---|---|---|---|
| 1. | Type of Works | : | Flood Protection Works |
| 2. | Total Number of Packages | : | 2 (Two) Nos. |
| 3. | Estimated Cost | : | Rs.201.71 Lakhs to 328.30 Lakhs |
| 4. | Bid Identification No. | : | ACE, VNB (RID)- 01/2025-26 and ACE, VNB (RID)- 02/2025-26 |
| 5. | Period of Completion | : | Mentioned in Col.No. 7 of NIT |
| 6. | Availability & submission of bids online | : | From 11.00 AM of 07.01.2026 to 5.00 PM of 21.01.2026 |
| 7. | Date of Opening of Technical Bids | : | 22.01.2026 at 11.00 AM in the O/o the Additional Chief Engineer, Vansadhara Nagabali Basin, Paralakhemundi |
| 8. | Procurement Officer | : | Additional Chief Engineer, Vansadhara Nagabali Basin, Paralakhemundi |
| 9. | Further details can be seen from Govt. Website www.tendersorissa.gov.in and any addendum/ corrigendum/ cancellation will be published in the said website. | | |

Sd./- Additional Chief Engineer, Vansadhara Nagabali Basin, Paralakhemundi

OIPR-32417/11/0015/2526

## Bhubaneswar Smart City Limited

5th Floor, BMC-ICOMC Tower, Bhoi Nagar, Unit-9, Bhubaneswar-751022, E-mail Id : bbsr.bscl@gmail.com, CIN : U74990OR2016PLC020016

Telephone : 0674-2548428, Fax : 0674-2540811

No.30/BSCL/2026 Dt.03.01.2026

**TENDER CALL NOTICE**

**No.C-1991** : Bhubaneswar Smart City Limited (BSCL) inviting the following tender under National competitive through e-procurement.

| Sl. No. | Name of the work | Bid Identification No. | Availability of Tender Document | |
|---|---|---|---|---|
| | | | From | To |
| 1 | Selection of agency for Design, Supply, Execution of Landscape Development & Streetscape Design along Janpath Road including Maintenance, Bhubaneswar | BSCL/29/2026 Dated 03.01.2026 | **05.01.2026 17.00 Hrs.** | **20.01.2026 17.00 Hrs.** |

Further details can be seen from website www.tendersodisha.gov.in. Any Corrigendum or Addendum, if any will not be published in newspaper and can only be seen in the above-mentioned website.

Sd./- General Manager (Engg.) Bhubaneswar Smart City Limited

OIPR-13070/11/0018/2526

## GOVERNMENT OF ODISHA OFFICE OF THE EXECUTIVE ENGINEER RURAL WORKS DIVISION-II, KENDRAPARA

No.O-1903

eerw_kendraparat@yahoo.co.in

**'E' PROCUREMENT NOTICE NO. RWD-II/KPD-16/25-26 DTD 29.12.2025**

1 Name of work : Road work in the District of Kendrapara for the year 2025-26
2 Total No. of Work : 1 No. Road
3 Estimated Cost : Rs.47.90 lakhs (Approx.)
4 Period of Completion : As specified in the Annexure
5 Class of contractors : B Class
6 Cost of Tender Paper : Cost of Tender paper is to be remitted ONLINE as specified in column - 3 of the Annexure
7 Detail projects : As specified in the Annexure

**Other details as follows :**

a) Procurement Officer : Superintending Engineer, Rural Works Division-II, Kendrapara
b) Availability of tender online & submission of bid : 09.01.2026 at 11:00 A.M. to 19.01.2026 up to 5:00 P.M.
c) Last date & time of seeking of tender clarification : 17.01.2026 up to 5:00 P.M.
d) Technical Bid Opening : 20.01.2026 at 11.00 A.M.
e) Date of lottery : 28.01.2026 at 11:30 A.M.

**Further details can be seen from the Govt. website www.tendersorissa.gov.in**

Sd./- Superintending Engineer, Rural Works Division-II, Kendrapara

OIPR-25098/11/0033/2526

## OFFICE OF THE GENERAL MANAGER WATCO DIVISION, ROURKELA, ODISHA

No.C-1953

Ph.No.0661-2664791 (O), e-mail:gmwatcorkl@gmail.com

No.5639/ Date 29.12.2025

NATIONAL COMPETITIVE BIDDING THROUGH e-Procurement Identification No.GM_WATCORKL-20/2025-26 dt.29.12.2025

1. No. of the Work : Up-gradation of existing 250 KVA transformer to 350 KVA at clear water pump house Ranibandh Rajgangpur
2. Type of Bid : Single Bid System
3. Estimated Cost : Rs.10.49 lakh
4. Period of Completion : 2 (Two Months)
5. Date & time of availability of bid document in the portal : From 11.00 A.M. of 06.01.2026 to 5.00 P.M. of 15.01.2026
6. Last date/Time of receipt of Bids in the Portal : 5.00 P.M. of 15.01.2026
7. Date & Time of opening of Bids: 16.01.2026 at 12.30 P.M.
8. Name & Address of the Officer Inviting Bid : General Manage, WATCO Division, Rourkela

The bidders have to participate in ONLINE bidding only. For details can be seen from the Government website www.tendersorissa.gov.in or http://tenders.ori.nic.in.

Sd./- (ER. Alekh Dalai) GENERAL MANAGER, WATCO DIVISION, ROURKELA

OIPR-13211/11/0014/2526

## OFFICE OF THE PRINCIPAL GOVT. WOMEN'S COLLEGE, PURI

**QUOTATION CALL NOTICE No.13/Date 3.01.26**

No.N-242: Sealed quotations are invited from reputed and reliable Firms/Suppliers for procurement of Text and Reference Books worth Rs.11,25,000/- for the College Library for UG & PG students as per CBCS and NEP-2020 syllabus. The firms must posses valid GST Registration, Up-to-date IT Clearance and other statutory documents. Last date of submission of quotation is 20.01.2026 through Speed/Registration post only. And the date of opening is 21.01.2026. The door delivery cost will be borne by the suppliers. The undersigned reserves the right to accept or reject any or all quotations without assigning any reason. For details and list of books please visit the college website www.gwcpuri.org.in.

Sd./- Principal Govt.Women's College, Puri

OIPR-27217/11/0001/2526

## OFFICE OF THE PANCHAYAT SAMITI : KALYANSINGHPUR

DIST - RAYAGADA, PIN CODE - 765016, ODISHA

E-mail : ID : ori-kalyansinghpur@nic.in

Letter No.3623/2025 Date : 31.12.2025

**CORRIGENDUM**

**No.i-455** : Consequent upon tender notification No.3605, dtd.29.12.2025 ralating to tender call notice of BDO, Kalyansinghpur towards construction of "Gram Panchayat Level Federation (GPLF) Building" work (Civil) in Kalyansinghpur Block.

The following modification has been made in the following manner.

| Description | Previously made | Presently modified |
|---|---|---|
| Class of Contractor | D & C | C & B |
| Date & Time of available in website and receipt online | 11:00 Hrs of 02.01.2026 to 17:00 Hrs of 16.01.2026 | 11:00 Hrs of 04.01.2026 to 17:00 Hrs of 16.01.2026 |

Sd./- Manisha Das. OAS-I (SB) Block Development Officer KALYANSINGHPUR

OIPR-19432/11/0006/2526

## ODISHA STATE SEEDS CORPORATION LIMITED

(A GOVERNMENT UNDERTAKING)

SANTARAPUR, BHUBANESWAR-751002

Tel-MD 0674-2340573, E-mail-mdosscltd456@gmail.com

**Tender Call Notice**

**For Construction of Dehumidified Refrigerated Seeds Store**

**No.CAD-2935:**

Interested tenderers can visit e-tendering website of Govt. of Odisha www.tenderodisha.gov.in to participate in the work of Dehumidified Refrigerated Seeds Store.

1. At Ekamra Chhak, Sarsara, Bargarh — NIT No.-OSSC/Engg-138/2025
2. At Shergarh, Balasore — NIT No.-OSSC/Engg-139/2025

The last date for uploading of tender to tender portal is dt.27.01.2026.

Sd./- Managing Director, OSSC Ltd. BSR

OIPR-01045/11/0130/2526

## GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, PHULBANI

No.O-1940

Phone : 06842-253708, E-mail : rw_phulbani@yahoo.co.in

**No. 37 RWDP, Dated the 03.01.2026**

**Government of Odisha e-Procurement Notice**

**Bid Identification No. Online Tender/15/SERWD PHULBANI/2025-26**

1. Name of the work : Road Work (01 No.)
2. Estimated cost : Rs.63.03 Lakhs
3. Period of completion : Two Calendar Months
4. Date & Time of availability of Bid documents in the Portal : From 07.01.2026 10.00 A.M. to 20.01.2026 upto 05.00 P.M.
5. Last Date / Time for receipt of Bids in the Portal : 20.01.2026 upto 5.00 P.M.
6. Name and address of the Officer Inviting Bid : Superintending Engineer, Rural Works Division, Phulbani

Further details can be seen from the e-procurement portal website **www.tendersodisha.gov.in**

Sd./- Superintending Engineer Rural Works Division Phulbani

OIPR-25077/11/0038/2526

## OFFICE OF THE DISTRICT PROJECT MANAGEMENT UNIT PM POSHAN (MDM) MAYURBHANJ

District Education Office, Murgabadi, Baripada, Mayurbhanj-757002

E-mail id- mdmmayurbhanj22@gmail.com

No.502 /MDM Date. 31.12.2025

**TENDER CALL NOTICE: 2026-27**

No.n-225: Sealed Tenders from the registered Transporter / Transporting Agent are invited for Transportation of Food Stuff from RRC-cum-DSC,PEG / OSWC / FCI Depots / Food Storage Depot, FCI / OSCSC Ltd. Depots to School points in PM-Poshan and MM Poshan Programme in the District of Mayurbhanj for one year 2026-27 .The tender papers / bid documents containing detailed specification with terms and conditions can be seen at the notice board of District Education Office, Mayurbhanj, DPO, SSA, Mayurbhanj, RTO Baripada, Collectorate, Mayurbhanj during the office hours. It can also be available at district Website https://mayurbhanj.odisha.gov.in only from 31.12.2025 to 26.02.2026 upto 4.00 AM/PM & the same shall be opened on 27.02.2026 at 11.00 AM/ PM at Office Chamber of the Collector & District Magistrate, Mayurbhanj.

Sd./- Collector & District Magistrate Mayurbhanj

OIPR-27201/11/0002/2526

## BHUBANESWAR DEVELOPMENT AUTHORITY

AKASH SHOVA BUILDING, SACHIVALAYA MARG, BHUBANESWAR-751001

Visit us at: http://www.bda.gov.in/

**1st Corrigendum**

Notice No.709/EE-II/BDA Date.26.12.2025

No.CAD-2929: With reference to the Notice No.682/E.E-II/BDA dt.09.12.2025 for the work "Selection of an Agency or Individual for Operation and Management of Parking Lot at Master Canteen" the following changes is made.

| Sl. No. | Particulars | Changes Made | | |
|---|---|---|---|---|
| 1. | Date | Bid has been extended upto 5.00 PM of 08.01.2026 instead of 5.00 P.M. of 26.12.2025 & Opened at 5.30 P.M. of 08.01.2026 instead of 11.30 A.M. of 29.12.2025 | | |
| 2. | Parking Area | Revised parking area may be read as 8060.00 Sqm. | | |
| 3. | Parking Base Rate | Revised | | |
| | Period | Cycle (Rs.) | Scooter/Motor Cycle (Rs.) | Car (Rs.) |
| | For upto 2 Hrs. | 2 | 5 | 15 |
| | For 2-6 Hrs. | 4 | 8 | 30 |
| | For 6-12 Hrs. | 6 | 10 | 40 |
| | For 12-24 Hrs. | 10 | 20 | 60 |
| | Beyond 24 Hrs/daily basis | 20 | 40 | 120 |
| | Monthly Charges | 150 | 250 | 1000 |
| 4. | Offset Price | Revised to INR 40,00,000.00 (Excluding GST 18% & TCS @ 2%) | | |

All other terms & conditions remain unchanged.

Sd./- Executive Engineer Division No.II, BDA

OIPR-13033/11/0448/2526

## Government of Odisha "e" Procurement of Notice

**Bid Identification No.02 of 2025-26**

No.H-49: (Ref-TCN No.224/dated 02.01.2026

| Sl. No. | Item | Details |
|---|---|---|
| 1 | The Sub-Collector-Titilagarh-cum-Chairman, RMC, Kantabanji invites percentage rate bids in Double Cover System in ONLINE MODE only for work as detailed below: | |
| 2 | Nature of the Work | Construction of building type works |
| 3 | No. of Work | 1 No. |
| 4 | Bid Cost | 10000.00 online transfer |
| 5 | Value of Tender | Rs.618.81 lakhs |
| 6 | Class of Contractor | "A" Class & Special Class |
| 7 | Availability of BID documents in the website | Dt.06.01.2026 to 22.01.2026 |
| 8 | Last date/time of Receipt of bids in the portal | Dt.22.01.2026 upto 5.00 P.M. |
| 9 | Date of Opening of Bid | Dt.27.01.2026 at 11.30 A.M. |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/Corrigendum/ Cancellation of the Tender etc can also be seen in the website: https://tendersorissa.gov.in. | |

Sd./- Sub-Collector, Titilagarh-Cum-Chairman, R.M.C. Kantabanji

OIPR-01509/11/0006/2526

## SAMBALPUR DEVELOPMENT AUTHORITY

SMC & SDA OFFICE BUILDING, DURGAPALI, SAMBALPUR-768006,

Email-Secretarysdasbp@gmail.com

**No.02/SDA., XVI-15/2025**

**Sambalpur dated the 02nd January, 2026**

**Quotation/Tender Call Notice-I**

**No.CAD-2920** : Sealed quotations/tenders are invited from interested reputed Travel Agencies/Tour operators/Individual for providing **1 (One) No. of Ertiga vehicle** having sitting capacity not more than 7 including driver, which shall conform to the Terms and conditions **(Annexure-A)** for official use in Sambalpur Development Authority (SDA) department/Office on monthly rent basis:

1. The Service provider shall have a valid GST registration to participated in the tendering.
2. The service provider, participating in the bidding process should be under the jurisdiction of Municipal Corporations, shall be registered on Gem Portal.
3. The vehicle must be in the road worthy condition, shall not be more than 2 years old as per the date of initial registration on the date of publication of this Advertisement and must have valid Registration certificate, Insurance Certificate, Fitness Certificate, pollution certificate, Valid Contract permit, proof of up-to-date Tax payment etc. mandatory for playing of Vehicle.
4. The Driver of the vehicle must have a valid driving licence for driving light transport passenger vehicle and should be sufficiently experienced in driving transport/ passenger vehicle.
5. The driver should be well behaved, gentle and obedient in nature.
6. A sum of **Rs. 22,500/-** shall be deposited by the intending bidder in shape of Account payee bank draft drawn in favour of the **Secretary, SDA** and submitted along with the tender as EMD. After completion of tender process, EMD shall be refunded to unsuccessful bidders.
7. The monthly rate of hire charge excluding GST be quoted separately, excluding fuel.
8. The Vehicle must achieve a fuel efficiency of **10 KM** per litre.
9. The details of the make and year of manufacture of the vehicle, registration no. mileage (KM covered per litre) and name of the driver, driving license No. and period of validity should be specifically provided in the general bid information to be furnished with the Quotation/Tender **(Annexure-B)**.
10. The quotation completed in all respect should reach the undersigned on or before **dt.15.01.2026** by **5.00 P.M.** through registered post only and shall be opened on the next day at **12.30 P.M.** in presence of the bidders or their authorized representatives.
11. The date of registration of vehicle shall be given priority i.e. vehicle having latest registration number on the date of advertisement shall be preferred.
12. The authority reserves the right to cancel any or all of the quotations without assigning any reason thereof.
13. The office, if required may negotiate on point no. 7as mentioned above, in the interest of this office, however it should be clear that, point no. 11 as mentioned above stands non-negotiable.
14. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available and can be downloaded from website www.sdasambalpur.com from date **05.01.2026** to date **15.01.2026**.

By order of the Vice-Chairman

Sd./- Secretary

OIPR-13240/11/0020/2526

## ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା



ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଚାଷୀ ଭାଇଭଉଣୀମାନଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା କଟକ ଜିଲ୍ଲାର କଟକ ସଦର ଉପଖଣ୍ଡ ଅନ୍ତର୍ଗତ କଟକ ସଦର, ମାହାଙ୍ଗା, ସାଲେପୁର, କଣ୍ଟାପଡ଼ା, ନିଶ୍ଚିନ୍ତକୋଇଲି, ନିଆଳି, ବାରଙ୍ଗ, ଟାଙ୍ଗୀ-ଚୌଦ୍ୱାରର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ୍ ଋତୁ ୨୦୨୫-୨୬ ବର୍ଷ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ସରକାର ଏଫ୍.ଏ.କ୍ୟୁ ମାନର ସାଧାରଣ ଧାନ ଓ ଗ୍ରେଡ୍ 'ଏ' ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ଯଥାକ୍ରମେ ଟ.୨୩୬୯/- ଓ ଟ.୨୩୮୯/- ଦରରେ ବିକ୍ରୟ କରିବା ପାଇଁ ମୂଲ୍ୟ ନିର୍ଦ୍ଧାରିତ କରିଛନ୍ତି । କଟକ ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ଜରିଆରେ ତା.୭.୧.୨୦୨୬ ରିଖ (ବୁଧବାର) ଠାରୁ ସିଧାସଳଖ ପଞ୍ଜୀକୃତ ହୋଇଥିବା ଚାଷୀ ଭାଇ ଭଉଣୀମାନଙ୍କଠାରୁ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଛି । ସରକାର ଚାଷୀମାନଙ୍କ ସୁବିଧା ନିମନ୍ତେ ଦେୟମୁକ୍ତ ନମ୍ବର ୧୯୬୭ ଜାରି କରିଛନ୍ତି, ଯାହାଦ୍ୱାରା ଚାଷୀ ଭାଇ ଓ ଭଉଣୀମାନେ ଧାନ ବିକ୍ରି ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟ ଉକ୍ତ ନମ୍ବରରୁ ପାଇପାରିବେ ।

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ. | ଧାନରେ ମିଶ୍ରିତ ବା ବାହ୍ୟ ପଦାର୍ଥ | ସର୍ବାଧିକ ପରିସୀମା (ଶତକଡା) |
|---|---|---|
| ୧. | କ) ବାଲି, ଗୋଡି, ମାଟି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ<br>ଖ) କାଠି, କୁଟା, ଧୁସ, ଅଗାଡି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧%<br>୧% |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା (*ଖରାପ, ପାଣିଫୁଲା ଏବଂ ପୋକା ୪% ମଧ୍ୟରେ ସୀମିତ କରିବା ଦରକାର) | ୫% |
| ୩. | ଅପରିପକ୍ୱ, ସବୁଜ, କଞ୍ଚା, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୪. | ଗ୍ରେଡ୍ 'ଏ' ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ 'ଏ' ଧାନ ନିମନ୍ତେ) | ୬% |
| ୫. | ଆର୍ଦ୍ରତା ବା ଜଳୀୟଅଂଶର ପରିମାଣ | ୧୭% |

ପାଇଥିବା SMS ସୂଚନା ମୁତାବକ ନିର୍ଦ୍ଧାରଣ ମଣ୍ଡିକୁ ଧାନ ଆଣିବାକୁ ଅନୁରୋଧ । ଚାଷୀଙ୍କୁ ଏଫ.ଏ.କ୍ୟୁ ଧାନର ସ୍ଥିରୀକୃତ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ଟ.୩୧୦୦/- । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଏଥର ମଣ୍ଡିରେ ଏଫ୍.ଏ.କ୍ୟୁ ଧାନ କ୍ରୟରେ କୌଣସି କଟ୍‌ନି ଛଟ୍‌ନିର ବ୍ୟବସ୍ଥା ନାହିଁ । DLPCର ନିଷ୍ପତ୍ତି ଅନୁସାରେ ଚାଷୀ ଭାଇ ଭଉଣୀମାନେ ନିଜ ନିଜର ବିକ୍ରିଯୋଗ୍ୟ ଧାନକୁ କେବଳ ଖୋଟ ଅଖାରେ ପୂରାଇ ମଣ୍ଡିକୁ ବିକ୍ରୟ ପାଇଁ ଆଣିବେ ।

**"ଚାଷୀର ସଚେତନତା ଆମର କାମ୍ୟ"**

ଉପଜିଲ୍ଲାପାଳ, କଟକ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା | ସୌଜନ୍ୟ:ନିୟନ୍ତ୍ରିତ ବଜାର କମିଟି, କେନ୍ଦୁପାଟଣା | ଜିଲ୍ଲା ପ୍ରଶାସନ, କଟକ

## Government Of Odisha Office of the Executive Engineer Rural Works Division-II, Nabarangpur, Umerkote

No.O-1848

e-mail - eerwukt@gmail.com & eerwukt@ymail.com

Letter No. : 5128 Date : 22.12.2025

**GePNIC e-Procurement Notice**

1. Name of the work : Road Works, 2. Total No. of works : 04 (Four) Nos., 3. Approx. Estimated Cost : Varies from 27.90 Lakhs to 73.95 Lakhs, 4. Class of Contractor : "B" & "C" Class of Contractor, 5. Period of completion : As per TCN

| Procurement officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Nabarangpur, Umerkote | Online Tender/17/RWD-UKT/2025-26 | 09.01.2026 at 11.00 A.M. | 19.01.2026 up to 5.00 P.M. | 17.01.2026 at 01.00 P.M. | 20.01.2026 at 11.00 A.M. | To be intimated separately to the qualified bidders |

Further details can be seen from the Government website www.tendersodisha.gov.in.

Sd./- Executive Engineer Rural Works Division-II, Nabarangpur, Umerkote

OIPR-25103/11/0035/2526

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ / ODISHA POWER TRANSMISSION CORPORATION LIMITED

( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ) Lifeline of Odisha (A Government of Odisha Undertaking)

No.CAD-2932

Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**NOTICE INVITING E-TENDER**

Bids are invited under single stage two part bidding system for

| E-Tender No. | Tender Description: | Estimated Cost |
|---|---|---|
| CPC-50/2025-26 | Engineering, Supply, Installation and Testing & Commissioning works for "Construction of 132kV SC line through Underground Cable with two number of spare cable from 132/33kV GSS Mancheswar to proposed RTSS Mancheswar along with 01 number of 132kV AIS bay extension at GSS Mancheswar" on Turnkey Contract Basis. **Last Date & Time of Submission of Bid: 02.02.2026 upto 12:00 PM.** | Rs. 31,38,58,473/- |
| CPC-55/2025-26 | Design, Engineering, Supply, Erection, Installation, Testing & Commissioning of 4 X 100 MVA, 220/33kV GSS at Padepadar along with 220kV DC Line from 220/33 kV GSS at Padepadar to exist. 400/220 kV GSS at Mukhiguda (Approx line length: 13Kms) & 2 Nos. of 220kV Bays extensions at exist. 400/220 kV GSS at Mukhiguda on Turnkey Contract Basis in e-tendering mode only. **Last Date & Time of Submission of Bid: 09.02.2026 upto 12:30 PM.** | Rs. 126,96,74,605/- |

Complete set of bidding documents are available at **www.tenderwizard.com/OPTCL** and **www.optcl.co.in**.

OIPR-04011/11/0255/2526 /optcl.odisha /optcl_odisha HIPR-64/2025-26

# ଲାଞ୍ଚ ନେଇ ଫରେଷ୍ଟର ଗିରଫ

## ଅଫିସ୍ ରୁମ୍‌ରୁ ମିଳିଲା ନଗଦ ୧.୮୦ ଲକ୍ଷ ଟଙ୍କା

ଟିଟିଲାଗଡ଼,(ଶରତ ମିଶ୍ର)/
ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର/
ଭୁବନେଶ୍ୱର,୬।୧(ସତ୍ୟଜିତ ରାଉତ)


ଫରେଷ୍ଟର ଅଶୋକ କୁମାର ନାୟକ

ବଲାଙ୍ଗୀର ଜିଲା ମୁରିବାହାଲ ରେଞ୍ଜ ଅନ୍ତର୍ଗତ ଗୁଲ୍‌ମି ସେକ୍ସନ ଫରେଷ୍ଟର ଅଶୋକ କୁମାର ନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଜଣେ ଚାଷୀଙ୍କଠାରୁ ନାୟକ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ତାଙ୍କୁ ମଙ୍ଗଳବାର ଗିରଫ କରିଛି। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଭିଜିଲାନ୍ସ ପକ୍ଷରୁ ନାୟକଙ୍କ ଦୁଇ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ବଲାଙ୍ଗୀର ଟାଉନସ୍ଥିତ ବାସଭବନ ଓ ଅଫିସ ଚାମ୍ବରରେ ଭିଜିଲାନ୍ସ ଅଧିକାରୀମାନେ ଅଧିକ ଯାଞ୍ଚ କରିଥିଲେ। ଏହି ସମୟରେ ନାୟକଙ୍କ ଅଫିସ ରୁମ୍‌ରୁ ନଗଦ ୧ ଲକ୍ଷ ୮୦ ହଜାର ୩୫୦ ଟଙ୍କା ଜବତ କରାଯାଇଛି। ଏହି ଟଙ୍କା ଲାଞ୍ଚ ଆକାରରେ ସେ ଗ୍ରହଣ କରିଥିବା ଭିଜିଲାନ୍ସ ଅଧିକାରୀମାନେ ଅନୁସନ୍ଧାନରୁ ଜାଣିବାକୁ ପାଇଛନ୍ତି।

ସୂଚନା ଅନୁଯାୟୀ, କୁଟୁରାକେନ୍ ଗାଁର ଅଭିଯୋଗକାରୀ ଚାଷୀ ଜଣକ ନିଜ ଜମିରେ ଥିବା ଏକ ଶାଗୁଆନ ଓ ଶାଳ ଗଛକୁ କାଟିଦେଇଥିଲେ। ପରେ ଚାଷୀଜଣକ କାଠ ପରିବହନ ପାଇଁ ଫରେଷ୍ଟର ନାୟକଙ୍କ ଠାରୁ ଅନୁମତି ଲୋଡ଼ିଥିଲେ। ଅନୁମତି ବିନା ଗଛ କାଟିବା ପାଇଁ ସରକାରୀ ନିୟମ ଅନୁଯାୟୀ ୨ହଜାର ଟଙ୍କା ଜରିମାନା ଦେବାକୁ ନାୟକ କହିଥିଲେ। ଚାଷୀଜଣକ ନିଜ ଜମିରୁ ଗଛ କାଟିବା ପାଇଁ ପୂର୍ବରୁ ଅନୁମତି ନେବାର ନିୟମ ବିଷୟରେ ଅଜ୍ଞ ଥିବାରୁ ଜରିମାନା ଦେବାକୁ ରାଜି ହୋଇଥିଲେ। ହେଲେ ନାୟକ କାଠ ପରିବହନ ଅନୁମତି ଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଲାଞ୍ଚ ନ ଦେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦେଇଥିଲେ। ଚାଷୀଜଣକ ଉପାୟଶୂନ୍ୟ ହୋଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନା ପକ୍ଷରୁ ଏକ ମାମଲା (ନଂ.୧/୨୦୨୬) ରୁଜୁ କରାଯିବା ସହ ନାୟକଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଅଭିଯୋଗକାରୀ ଚାଷୀଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ଓ ୨୦୦୦ ଟଙ୍କା ଜରିମାନା ସମେତ ମୋଟ ୧୨ହଜାର ଟଙ୍କା ନେବାବେଳେ ଭିଜିଲାନ୍ସ ଟିମ୍ ନାୟକଙ୍କୁ କାବୁ କରିଥିଲା। ସୂଚନାଯୋଗ୍ୟ, ନାୟକ ୨୦୦୦ ଅଗଷ୍ଟ ୨୦ରେ ଫରେଷ୍ଟ ଗାର୍ଡ ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ୨୦୧୯ ଅଗଷ୍ଟରେ ସେ ଫରେଷ୍ଟର ଭାବେ ପଦୋନ୍ନତି ପାଇଥିଲେ। ତେବେ ବଡ଼ କଥା ହେଉଛି, ନାୟକ ଚାକିରି କରିବା ଦିନଠୁ ଅର୍ଥାତ ଅଢ଼େଇ ଦଶନ୍ଧି ଧରି ବଲାଙ୍ଗୀର ଜିଲାର ବିଭିନ୍ନ ସେକ୍ସନରେ କାମ କରିଆସୁଛନ୍ତି। ବଡ଼ ବଡ଼ ଅଧିକାରୀ ଓ ନେତା, ମନ୍ତ୍ରୀଙ୍କୁ ହାତ କରି ସେ ବଲାଙ୍ଗୀର ଜିଲାରେ ରହିଥିବା ଚର୍ଚ୍ଚା ହେଉଛି।

## ବାଲି ଓ ପଥର ଚୋରାଚାଲାଣ: ୩ ଗାଡି ଜବତ, ୨ ଗିରଫ

**ଗଁଦିଆ,୬।୧(ବଶ୍ୱ ମୋହନ ସାହୁ):** ଢେଙ୍କାନାଳ ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ହୃଦାନନ୍ଦ ମହାନନ୍ଦ ଓ ମୋହନ ମୁର୍ମୁ ଓ କର୍ମଚାରୀମାନଙ୍କ ଦ୍ୱାରା ମଙ୍ଗଳବାର ଭୋର ୪ଟା ସମୟରେ ବିଭିନ୍ନ ସ୍ଥାନରେ ଚଢାଉ କରିବା ସହିତ ବିଭିନ୍ନ ଛକରେ ଚେକିଂ ଜାରି ରଖିଥିଲେ। ଚନ୍ଦ୍ରଶେଖରପୁର ଛକ ନିକଟରେ ଏକ ପଥର ବୋଝେଇ ଟ୍ରକ ନଂ ଓଆର.୦୬-ଏଫ୍-୯୨୯୯କୁ ଜବତ କରିବା ସହିତ ସଦର ଥାନା ନଗିଆପସି ଗ୍ରାମର ତ୍ରିଲୋକ୍ୟ ସାମଲ(୪୨)ଙ୍କୁ ଗିରଫ କରିଥିଲେ। ମଠତେନ୍ତୁଳିଆ ଛକ ନିକଟରେ ଏକ ଚୋରା ଚାଲାଣ ପଥର ଗାଡି ନଂ. ଓଆର.୦୪ ସି-୫୨୦୮କୁ ଜବତ କରି ନିହଲପ୍ରସାଦ ଶ୍ରୀମନ୍ତପୁରପୁର ଗ୍ରାମର ବାବୁଲି ସିଧୁ(୪୨)ଙ୍କୁ ଗିରଫ କରିଥିଲେ। ସୋମବାର ବିଳମ୍ବିତ ରାତିରେ ଯୋରନ୍ଦା ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ ଓ ତହସିଲ ଅଧିକାରୀମାନଙ୍କ ମିଳିତ ଭାବେ କରମୂଳ ଠାରେ ଏକ ଚୋରାବାଲି ଚାଲାଣ ଏକ ଟ୍ରାକ୍ଟର ନଂ.ଓଡି.୦୬-ଏମ୍-୭୧୩୨କୁ ଜବତ କରିଥିଲେ।

## ଚନ୍ଦକା ନେଚର ରିସର୍ଟରେ ହୋଇଥିଲା ବଡ଼ ଡିଲ୍

ଭୁବନେଶ୍ୱର,୬।୧(ତ୍ରିନାଥ ମହାନ୍ତି)

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା**

- ସିବିଆଇ ଚାର୍ଜଶିଟ୍‌ରୁ ମିଳିଲା ଆଉ ଏକ ସାଂଘାତିକ ତଥ୍ୟ
- ୨ ଦିନିଆ ସ୍କିଲ୍ ଇଣ୍ଡିଆ ଟ୍ରେନିଂ ନାଁରେ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିଲା ପ୍ରଶିକ୍ଷଣ
- ପରୀକ୍ଷାର୍ଥୀଙ୍କଠାରୁ ୟୁପିଆଇରେ ନେଇଥିଲେ ୧୨ ହଜାର ଟଙ୍କା

ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ଚାର୍ଜଶିଟରୁ ମିଳିଛି ଆଉ ଏକ ସାଂଘାତିକ ତଥ୍ୟ। ୨୦୨୫ ମାର୍ଚ୍ଚ ୮ ଓ ୯ତାରିଖରେ ପୋଲିସ ଏସ୍ଆଇ ପରୀକ୍ଷା ପୂର୍ବରୁ ହୋଇଥିଲା ବଡ଼ ଷଡ଼ଯନ୍ତ୍ର। ଭୁବନେଶ୍ୱରର ଚନ୍ଦକା ନେଚର ରିସର୍ଟରେ ୨ଦିନ ପୂର୍ବରୁ ବୁକ୍ ହୋଇଥିଲା ୨୨ଟି ରୁମ୍ ଏବଂ ୨ଟି କନ୍‌ଫରେନ୍ସ ହଲ୍। ମୁନା ମହାନ୍ତିଙ୍କ ନିର୍ଦ୍ଦେଶରେ ଡ୍ରାଇଭର ଲୋକନାଥ ସାହୁ ଏସବୁକୁ ବୁକ୍ କରିଥିଲେ। ୨ଦିନିଆ ସ୍କିଲ୍ ଇଣ୍ଡିଆ ଟ୍ରେନିଂ ହେବ ବୋଲି କହି ରୁମ ବୁକ୍ କରାଯାଇଥିଲା। ୭ତାରିଖ ଦିନ ରିସର୍ଟ ଛାଡ଼ିବା ପୂର୍ବରୁ ମୁନା ମହାନ୍ତି ୨ଲକ୍ଷ ୪୦ହଜାର ଟଙ୍କା ପେମେଣ୍ଟ କରିଥିଲେ। ଦେଢ଼ ଲକ୍ଷ ଟଙ୍କା ନଗଦ ଦେଇଥିବା ବେଳେ ୯୦ ହଜାର ଟଙ୍କା ମୁନା ମହନ୍ତି ତାଙ୍କ ମା'ଙ୍କ ଆକାଉଣ୍ଟରୁ ଦେଇଥିଲେ। ୧୫୦ଜଣ ଚାକିରି ଆଶାୟୀ ଚନ୍ଦକା ନେଚର ରିସର୍ଟରେ ରହିଥିଲେ। ଏପରି କି ପିଲାଙ୍କୁ ପ୍ରଶ୍ନପତ୍ର ଘୋଷାଇବା ପାଇଁ ହୋଟେଲ ବାବଦକୁ ପ୍ରତି ପିଲାଙ୍କ ଠାରୁ ଶଙ୍କର ପୃଷ୍ଟି ଏବଂ ମୁନା ୟୁପିଆଇରେ ୧୨ ହଜାର ଟଙ୍କା ନେଇଥିଲେ ବୋଲି ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ଚାକିରି ଆଶାୟୀ ସାଇ ଚନ୍ଦନ ମହାପାତ୍ରଙ୍କୁ ସିବିଆଇ ପଚରାଉଚରା କରିବା ବେଳେ ଏଭଳି ତଥ୍ୟ ସାମ୍ନାକୁ ଆସିଥିଲା। ୧୫୦ଜଣ ଚାକିରି ଆଶାୟୀଙ୍କୁ ମୁନା ମହାନ୍ତି, ଲୋକନାଥ ସାହୁ ମାର୍ଚ୍ଚ ୮ ଓ ୯ ତାରିଖରେ ହେବାକୁ ଥିବା ପୋଲିସ ଏସ୍ଆଇ ପରୀକ୍ଷାର ସମ୍ଭାବ୍ୟ ପ୍ରଶ୍ନ ଦେଇଥିଲେ। ଚନ୍ଦକା ରିସର୍ଟର ମ୍ୟାନେଜର ପବିତ୍ର କୁମାର ଦାସଙ୍କୁ ସିବିଆଇ ପଚରାଉଚରା କରିଛି। ତାଙ୍କୁ ଖବରଦାତାମାନେ ଏନେଇ ପଚାରିବାରେ , କେହି ଏସମ୍ପର୍କରେ ତାଙ୍କୁ ପଚାରି ନାହାନ୍ତି, ରିସର୍ଟରୁ ମଧ୍ୟ କୌଣସି ଜିନିଷ ସିବିଆଇ ଜବତ କରି ନ ଥିବା ସେ କହିଛନ୍ତି।

## ପଥରଖଣି ବିସ୍ଫୋରଣ ଘଟଣା
## ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଢେଙ୍କାନାଳ,୬।୧(ରତନ ନାୟାର)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଗୋପାଳପୁରସ୍ଥିତ ଏକ ବେଆଇନ ଖଣିରେ ଗତ ଶନିବାର ଅପରାହ୍ନ ସାଢେ ୪ଟାରେ ବଡ଼ ଧରଣର ବିସ୍ଫୋରଣ ଘଟି ଦୁଇଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୋଟଙ୍ଗା ଥାନାରେ ଓଡ଼ାପଡ଼ା ତହସିଲଦାରଙ୍କ ରିପୋର୍ଟ ଅନୁଯାୟୀ କେସ୍ ନଂ-୪/୨୬, ଦଫା-୧୦୫/୧୦୯(୧)/୩୦୩(୨)/୧୨୫(ଏ)/୧୨୫(ବି)/୨୩୯/୨୮୮/୩୫୧(୨)/୧୧୧(୩) ବିଏନ୍ଏସ୍ ଓ ଦଫା-୪ ଓ ୫ ଏକ୍ସପ୍ଲୋସିଭ୍ ସବ୍‌ଷ୍ଟାନ୍ସସେସ୍ ଆକ୍ଟ, ୬୮ ଓଏମ୍ଏମସି ରୁଲ୍, ୧୨ ଓଡିଶା ମିନେରାଲ ଆକ୍ଟ-୧୯୮୮, ୨୧ ଏମ୍ଏମ୍‌ଡିଆର ଆକ୍ଟରେ ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାରେ ଖଣିକୁ ବ୍ୟବହାର କରୁଥିବା ଅଭିଯୋଗରେ ମାନସ ରଞ୍ଜନ ରାଉତଙ୍କ ସମେତ ବହୁ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଏସ୍‌ପି ଅଭିନବ ସୋନକରଙ୍କ ନିର୍ଦ୍ଦେଶରେ ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦ ଓ ମୋଟଙ୍ଗା ଥାନା ଅଧିକାରୀ ଦୀପକ ଲେଙ୍କା ଘଟଣା ତଦନ୍ତ ଜାରି ରଖିଛନ୍ତି। ପୋଲିସ ୬ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ସହର ମାଣ୍ଡପାସାହି ଅଞ୍ଚଳର ସୁଶାନ୍ତ କୁମାର ସାହୁ (୫୨), ଅନୁଗୋଳ ଜିଲା ନାଲକୋ ଟାଉନସିପ୍‌ର ଲଲିନ କୁମାର ଗଡନାୟକ (୩୪), ଢେଙ୍କାନାଳ ସଦର ଥାନା ରସାସିଂହ ଗ୍ରାମର ବିନ୍ଦୁ ସାଗର ମହାନ୍ତି (୩୬), ପୁରୀ ଜିଲା ଗଡିଶଗଡା ଥାନା ରତନପୁର ଗ୍ରାମର ସତ୍ୟପୀର ରଣସିଂହ(୪୩), ମୟୂରଭଞ୍ଜ ଜିଲା ଚନ୍ଦୁଆ ଥାନା ହାତୀମଡା ଗ୍ରାମର କମ୍ପୁ ଭୁକ୍ତା(୩୦) ଓ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଗୋପାଳପୁର ଗ୍ରାମର ଛବିରାଜ ମହାଖୁଡ(୪୭) ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ତେବେ ମୁଖ୍ୟ ଅଭିଯୁକ୍ତଙ୍କୁ ଏଯାଏଁ ପୋଲିସ ଗିରଫ କରିପାରି ନଥିବା ଜଣାପଡ଼ିଛି।

## ସମସ୍ୟା ସମାଧାନ ବାହାନାରେ ୧୭.୮୨ ଲକ୍ଷ ଟଙ୍କା ଠକେଇ

ଅନୁଗୋଳ, ୬।୧(ଜ୍ୟୋତିରଞ୍ଜନ ସାହୁ)

ସମସ୍ୟାର ସମାଧାନ କରାଇଦେବାକୁ ଆଶ୍ୱାସନା ଦେଇ ଅନୁଗୋଳର ଜଣେ ଯୁବକଙ୍କୁ ୧୭.୮୨ ଲକ୍ଷ ଟଙ୍କା ଠକେଇ କରାଯାଇଥିବା ସାଇବର ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଭୁବନେଶ୍ୱରର ବି.କେ. ସେଠୀ ଅନୁଗୋଳ କୁମଣ୍ଡରେ ରହୁଛନ୍ତି। ଗତ ଅଗଷ୍ଟ ୩ରେ ତାଙ୍କୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ଜଣେ ମହିଳା ବାଗେଶ୍ୱର ଧାମରୁ କଥା ହେଉଛି ବୋଲି କହି ତାଙ୍କ ଇଚ୍ଛା ଗ୍ରହଣ କରାଯାଇଥିବା ସୂଚନା ଦେଇଥିଲେ। ଏହାପରେ କଲ୍ କରି ଜଣେ ବ୍ୟକ୍ତି 'ବାଗେଶ୍ୱର ବାବା' ବୋଲି ପରିଚୟ ଦେଇ ସମସ୍ୟାର ସମାଧାନ ଆଶ୍ୱାସନ ଦେବା ସହ ଦେଢ଼ ଲକ୍ଷ ଟଙ୍କା ଦେବାକୁ ବାଧ୍ୟ କରିଥିଲେ। ଏହାପରେ ବିଭିନ୍ନ ପର୍ଯ୍ୟାୟରେ ୧୭ ଲକ୍ଷ ୮୨ ହଜାର ଟଙ୍କା ଅନ୍‌ଲାଇନରେ ନିଆଯାଇଥିଲା। ପରେ ଠକେଇର ଶିକାର ହୋଇଥିବା ଜାଣି ସେଠୀ ଲିଖିତ ଅଭିଯୋଗ କରିଥିଲେ।

## ବାଲି ଘାଟରେ ଚଢ଼ାଉ: ୬ ଗାଡ଼ି ଜବତ, ୯ ଗିରଫ

ପରଜଙ୍ଗ, ୬।୧
(ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଞ୍ଚଳରେ ଥିବା ଲଘୁ ଖଣିଜ ଦ୍ରବ୍ୟ ସମେତ ବ୍ରାହ୍ମଣୀ ଘାଟରୁ ବେଆଇନ ଭାବେ ବାଲିଚାଲାଣ ହେଉଥିଲା। ତହସିଲଦାରଙ୍କୁ ଲୋକେ ଯେତେ ଅଭିଯୋଗ କଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ସୋମବାର ରାତିରୁ ତହସିଲ ପ୍ରଶାସନ ଓ ପୋଲିସ ମିଳିତ ଭାବେ ଚଢ଼ାଉ ଆରମ୍ଭ କରିଥିଲେ। ଡମୋଳ ଘାଟକୁ ଯିବାବେଳେ ଏକ ଥାର ଗାଡ଼ିରେ ଚାଳକଙ୍କ ସମେତ ୩ ଜଣ ଦୁର୍ବୃତ୍ତ ବସିଥିଲେ। ସେମାନେ ବାଲିଚାଲାଣ ବେଳେ ସୁରକ୍ଷା ଦିଅନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଯଦି କେହି ପ୍ରତିରୋଧ କରେ ସେମାନଙ୍କୁ ମାଡ଼ ମାରନ୍ତି। ତେବେ ପୋଲିସ ଓ ତହସିଲ ପ୍ରଶାସନ ବିଭିନ୍ନ ସ୍ଥାନରେ ରାତି ସାରା ଚଢ଼ାଉ କରି ୬ଟି ଗାଡ଼ି ଜବତ କରିଥିଲେ। ଗୋଟିଏ ଥାର ଗାଡ଼ି, ୨ ଟି ହାଇୱା, ୩ଟି ଟିପର ଜବତ କରିଥିଲେ। ଏଥିସହିତ ଏହି ଗାଡ଼ିରେ ଥିବା ୯ଜଣ ଯୁବକଙ୍କ ଗିରଫ କରିଥିଲେ। ଏହି ଘଟଣାରେ ପରଜଙ୍ଗ ଥାନାରେ ୧୯/୨୬, ୨୦/୨୬,୨୧/୨୬ ରେ ୩ ଟି ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଅନୁଗୋଳ ଜିଲ୍ଲା ଜରପଡା ବ୍ଲକ ଓଗି ଗ୍ରାମର ବରୁଣ ସାହୁ, ତାଳଚେର ଭେରୁବଣିଆ ଗ୍ରାମର ଅନିଲି ସାହୁ, କଙ୍କିଳି ନୂଆଁ ସାହିର କିଶୋର ନାୟକ, ଜଗନ୍ନାଥପୁର ଗ୍ରାମର ତରିଣୀ ସେନ ନାୟକ, ସନ୍ତପଡ଼ା ଗ୍ରାମର ବ୍ରଜବନ୍ଧୁ ସେଠୀ, ସେଣ୍ଟ୍ରାଲ କଲୋନୀର ଚନ୍ଦ୍ର ହେମ୍ବ୍ରମ, ପରଜଙ୍ଗ ଗ୍ରାମ ପଞ୍ଚାୟତ ଡିହଡୋଳ ଗ୍ରାମର ଜଗଦୀଶ ପ୍ରଧାନ, ଡମୋଳ ଗ୍ରାମର ପ୍ରବୀଣ ଦେବତା, ବିଶ୍ୱଜିତ ବଳ। ଏହି ୯ ଜଣଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଚଢ଼ାଉ ବେଳେ ପରଜଙ୍ଗ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନାଧିକାରୀ ଧୀରେନ କୁମାର ବେହେରା, ସରାଙ୍ଗ ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣି, ଏସ୍ଆଇ ଦେବଗ୍ରାହୀ ମହାନ୍ତି, ସୁଶ୍ରୀ ଅନାମିକା, ପିଏସଆଇ ଅଜୟ କୁମାର ବେହେରା, ପ୍ରମାଦ କୁମାର ସାହୁ, ଏଏସଆଇ ଜଳନ୍ଧର ବାରିକ, ଯୁଗଳ କିଶୋର ପ୍ରଧାନ, ଚିକୁନ ନାୟକ, ଭୀମସେନ ସିଂହ, ଶ୍ରୀଧର ଟୁଡୁ ସମେତ ବହୁ ପୋଲିସ କର୍ମଚାରୀ ସାମିଲ ଥିଲେ।

**ରାଜ୍ୟ ଖବର**

## ମା'ଙ୍କ ମୃତ୍ୟୁ ଖବର ଶୁଣି ଚାଲିଗଲା ପୁଅଙ୍କ ଜୀବନ

### ଗୋଟିଏ ଘରୁ ଉଠିଲା ୨ କୋକେଇ

ଜୟପୁର,୬।୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ମା'ଙ୍କ ମୃତ୍ୟୁର କିଛି ସମୟ ପରେ ଚିନ୍ତିତ ଥିବା ପୁଅଙ୍କ ହୃଦ୍‌ଘାତରେ ମଙ୍ଗଳବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଜୟପୁର ପରିଛାସାହିର ଏସ୍.ସାବିତ୍ରୀ(୮୦)ଓ ତାଙ୍କ ପୁଅ ଏସ୍.ରବି କୁମାର।

ସୂଚନାନୁଯାୟୀ, ସାବିତ୍ରୀ ଦୀର୍ଘଦିନରୁ ପକ୍ଷପାତରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ହୋଇରହିଥିଲେ। ପୁଅ ରବି ମା'ଙ୍କୁ ଅଧିକ ଭଲ ପାଉଥିଲେ। ସମସ୍ତ ଆବଶ୍ୟକତା ପୂରଣ କରୁଥିଲେ। ପ୍ରତିଦିନ ଭଳି ମଙ୍ଗଳବାର ମା'ଙ୍କ ସମସ୍ତ କାର୍ଯ୍ୟ ସାରି ରବି ଜମି ଦେଖିବାକୁ ବାହାରକୁ ଯାଇଥିଲେ। ବାହାରୁ ଫେରି ଦେଖିବା ବେଳେ ମା'ଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାକୁ ରବି ସହ୍ୟ କରିପାରି ନ ଥିଲେ। କିଛି ସମୟ ପରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ରବିଙ୍କ ପରିବାର କହିଲେ ମା' ସାବିତ୍ରୀ ଓ ଭଉଣୀ ଏସ୍. ସୁକାନ୍ତି। ବାପା ଚାଲିଯିବା ପରେ ତାଙ୍କ ପେନ୍‌ସନ ଟଙ୍କା ଓ ଜମିବାଡ଼ିରୁ ଆଦାୟ ହେଉଥିବା ଟଙ୍କାରେ ପରିବାର ଚଳୁଥିଲା। ମା'ଙ୍କ ସେବା କରିବା ପାଇଁ ରବି ବିବାହ କରି ନ ଥିଲେ। ଭଉଣୀଙ୍କ ମାନସିକ ଅବସ୍ଥା ଭଲ ନ ଥିବାରୁ ସେ ମଧ୍ୟ ବିବାହ କରି ନ ଥିଲେ। ସାହି ବାସିନ୍ଦାମାନେ ଘଟଣାସ୍ଥଳରେ ପହଞ୍ଚି ଗୋଟିଏ ପରେ ଗୋଟିଏ କରି ଘରୁ ୨ଟି କୋକେଇରେ ମା' ଓ ପୁଅଙ୍କ ମୃତଦେହ ଶେଷକୃତ୍ୟ ପାଇଁ ନେଇଥିଲେ। ଲୋକଙ୍କ ସହାୟତାରେ ଅନ୍ତିମ ସତ୍କାର କରାଯାଇଥିଲା। ପରିବାରର ଆର୍ଥିକ ସ୍ଥିତି ବହୁତ ଖରାପ ଥିବାରୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବାକୁ ସାହିବାସିନ୍ଦା ଦାବି କରିଛନ୍ତି।

## ୬ଷ୍ଠ ଜାତୀୟ ଚିଲିକା ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୬।୧ (ବନ୍ଦନା ସେଠୀ)


କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିମାନେ ପକ୍ଷୀ ସଂରକ୍ଷଣ ସଂକ୍ରାନ୍ତ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ପର୍ଯ୍ୟଟନ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସହଭାଗିତାରେ ମଙ୍ଗଳବାର ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଲୋକସେବା ଭବନ ସମ୍ମେଳନ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଉପକୂଳକୁ ପ୍ରବାସୀ ପକ୍ଷୀଙ୍କ ଯାତ୍ରା ଓଡ଼ିଶାର ଅନୁକୂଳ ଜଳବାୟୁର ସୂଚକ ବୋଲି ମତ ପ୍ରକାଶ କରିଛନ୍ତି। ସୁରକ୍ଷିତ ଓ ସଂରକ୍ଷିତ ଜଙ୍ଗଲର ମହତ୍ତ୍ୱକୁ ଗୁରୁତ୍ୱ ଦେଇ ସୁରକ୍ଷିତ ପ୍ରାକୃତିକ ଉପାଦାନ ସୁରକ୍ଷିତ ପର୍ଯ୍ୟଟନର ପ୍ରତୀକ ବୋଲି ସେ କହିଥିଲେ। ଚିଲିକାରେ ପ୍ରବାସୀ ପକ୍ଷୀଙ୍କ ଆଗମନ, ଗତି ଓ ରହଣି ବିଷୟରେ ଆଲୋଚନା କରିବା ସହ ଚିଲିକାର ଜୈବ ବିବିଧତା ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶର ସଂରକ୍ଷଣ ଓ ସୁରକ୍ଷା ସରକାରଙ୍କ ପ୍ରାଥମିକତା ବୋଲି କହିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପକ୍ଷୀଙ୍କ ସମାଗମ ସହିତ ସ୍ଥାନୀୟ ଲୋକଙ୍କ ରୋଜଗାରର ଉତ୍ସ ହେଉଛି ଚିଲିକା ହ୍ରଦ। ତେଣୁ ଜାତୀୟ ପକ୍ଷୀ ମହୋତ୍ସବ ଚିଲିକାର ଶୋଭା ବୃଦ୍ଧି କରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ତର୍ଗତ ରାଜ୍ୟ ବନ୍ୟପ୍ରାଣୀ ସଂଗଠନ ଭୁବନେଶ୍ୱର ସହ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ ଟ୍ରାଭେଲ ମ୍ୟାନେଜ୍‌ମେଣ୍ଟର ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଇକୋ ଟୁରିଜମ୍ ଉତ୍ପାଦ ବିକାଶ, ମାର୍କେଟିଂ ଓ ପ୍ଲାନିଂ ସୋପାର୍ଟ ଏହି ବୁଝାମଣାପତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଛି। ସେହିପରି ୧୫୦ ମିଲିୟନ ପକ୍ଷୀଙ୍କ ଉପରେ ପର୍ଯ୍ୟବସିତ ଏକ ପକେଟ୍ ଗାଇଡ୍, ଫ୍ଲାମିଙ୍ଗୋ ପକ୍ଷୀର ଜୀବନ ଉପରେ ଏକ ପତ୍ରିକା ଏବଂ ଓଡ଼ିଶା ପକ୍ଷୀ ସଂରକ୍ଷଣ ଉପରେ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ବିଭାଗର ବିଭିନ୍ନ କାର୍ଯ୍ୟ ସମେତ ଚିଲିକା ହ୍ରଦର ଉଲ୍ଲେଖନୀୟ ସୁଯୋଗ ଓ ସମ୍ଭାବନା ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ସୁରେଶ ପନ୍ତ ଓଡ଼ିଶା ବନ୍ୟ ସମ୍ପଦରେ ଚିଲିକାର ଭୂମିକାକୁ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ପ୍ରକାଶ କୁମାର ଝାଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ, ପକ୍ଷୀପ୍ରେମୀ, ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦେଶୀ ଶିକ୍ଷାର୍ଥୀଙ୍କୁ ଆପଣାଇବାରେ କିଟ୍ ଦେଶର ୫ମ

ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

**ନୀତି ଆୟୋଗ ରିପୋର୍ଟ**




ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୃତ୍ତିଗତ ପ୍ରତିଷ୍ଠାନଗୁଡ଼ିକୁ ବିଦେଶୀ ଶିକ୍ଷାର୍ଥୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧିପାଉଛି ବୋଲି ନିକଟରେ ନୀତି ଆୟୋଗଙ୍କ ରିପୋର୍ଟ ପ୍ରକାଶ ପାଇଛି। ଭାରତରେ ଉଚ୍ଚଶିକ୍ଷାର ଅନ୍ତର୍ଜାତୀୟକରଣ ଉପରେ ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ, ୨୦୨୧-୨୨ ଶିକ୍ଷାବର୍ଷରେ ଓଡ଼ିଶାକୁ ସର୍ବାଧିକ ବିଦେଶୀ ଛାତ୍ରୀଛାତ୍ର ଶିକ୍ଷାଲାଭ ପାଇଁ ଆସିଛନ୍ତି। ନୀତି ଆୟୋଗ ରିପୋର୍ଟରେ ଭାରତର କେଉଁ ରାଜ୍ୟରେ କେତେ ପିଲା ପଢୁଥିଲେ ଓ ସଂଖ୍ୟା କେତେ ବୃଦ୍ଧି ପାଇଛି ସେନେଇ ବିସ୍ତୃତ ସୂଚନା ଦିଆଯାଇଛି। ଏହି ତଥ୍ୟ ମୁତାବକ, ବିଦେଶୀ ଛାତ୍ରୀଛାତ୍ରଙ୍କୁ ଆପଣାଇବାରେ ଭାରତର ଶ୍ରେଷ୍ଠ ୧୦ଟି ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ସେହିପରି ଦେଶର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ପ୍ରଥମ ସ୍ଥାନ ପାଇଛି। ବିଦେଶୀ ଛାତ୍ରୀଛାତ୍ରଙ୍କୁ ଆପଣାଇବାରେ କିଟ୍ ଦେଶରେ ପଞ୍ଚମ ସ୍ଥାନରେ ରହିଛି। ରିପୋର୍ଟରେ କୁହାଯାଇଛି ଯେ, କୋଲକାତା ଓ ହାଇଦ୍ରାବାଦ ଆଦି କସ୍‌ମୋପଲିଟାନ ନଗର ହୋଇଥିବାବେଳେ ପଶ୍ଚିମବଙ୍ଗ, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶଠାରୁ ଓଡ଼ିଶାରେ ଅଧିକ ବିଦେଶୀ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ, ଦେଶର ପୂର୍ବାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମୋଟ ୨୩୬୨ ବିଦେଶୀ ଛାତ୍ରୀଛାତ୍ର ଶିକ୍ଷା ଲାଭ କରୁଥିବାବେଳେ ସେମାନଙ୍କ ମଧ୍ୟରୁ କେବଳ କିଟ୍‌ରେ ବିଶ୍ୱର ୭୦ଟି ଦେଶର ୨ହଜାର ଛାତ୍ରୀଛାତ୍ର ଅଛନ୍ତି। ଭାରତର ୫ଟି ଘରୋଇ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ବିଦେଶୀ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଥିବା କିଟ୍ ୫ମ ସ୍ଥାନରେ ରହିଛି। ବର୍ତ୍ତମାନ ସୁଦ୍ଧା ୫ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଛାତ୍ରୀଛାତ୍ର କିଟ୍‌ରୁ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି। ୨୦୧୨ରେ ଓଡ଼ିଶାରେ ମାତ୍ର ୧୨ଜଣ ବିଦେଶୀ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଏବେ କେବଳ କିଟ୍‌ରେ ୨ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ଶିକ୍ଷାର୍ଥୀ ଅଧ୍ୟୟନ କରୁଛନ୍ତି। ଆଗାମୀ ଶିକ୍ଷାବର୍ଷରେ କିଟ୍‌ରେ ବିଦେଶୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଶା ପ୍ରକାଶ କରିଛନ୍ତି।

## ସାତକୋଶିଆ ଗଣ୍ଡରେ କୁମ୍ଭୀର ଗଣନା



ଅନୁଗୋଳ,୬।୧(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ସାତକୋଶିଆ ଗଣ୍ଡରେ କୁମ୍ଭୀର ଗଣନା କାର୍ଯ୍ୟ ଜାରି ରହିଛି। ବିଭାଗ ପକ୍ଷରୁ ୧୪ ୟୁନିଟ୍ ଗଠନ କରାଯାଇଥିବାବେଳେ ପ୍ରତି ୟୁନିଟ୍‌ରେ ୫ ଜଣ ଲେଖାଏ ସଦସ୍ୟ ରହିଛନ୍ତି। ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ଥିବା ୫ଟି ବନାଞ୍ଚଳରେ ଏହି ଗଣନା କରାଯାଉଛି। ଏଥିପାଇଁ ୧୨ଟି ଦେଶୀ ଡଙ୍ଗା ଓ ୨ଟି ବୋଟକୁ କାର୍ଯ୍ୟରେ ଲଗାଯାଇଛି। ଏହି କୁମ୍ଭୀର ଗଣନା ସାତକୋଶିଆ ବନଖଣ୍ଡ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ଆଠମଲ୍ଲିକ ବନଖଣ୍ଡର ଟିକରପଡାରୁ ବିନିକେଇ, ବିନିକେଇରୁ ପତାକା, ଟିକରପଡାରୁ କଟରଙ୍ଗ, କଟରଙ୍ଗରୁ ବାଲିଫୁଟ, ବାଲିଫୁଟରୁ ଚକ୍ରଗଡ଼ ପର୍ଯ୍ୟନ୍ତ ହେଉଛି। ସେହିପରି ଆଠମଲ୍ଲିକର ହରଭଙ୍ଗାରୁ ଅଏଡା, ଲୁଣାହାଣ୍ଡି, ବେଲପୁଞ୍ଜି ମଠ, ଶିଶୁ ପଥର ଡ୍ୟାମ ସମେତ ଆଖପାଖର ବିଭିନ୍ନ ଜଳାଶୟରେ ଏହି ଗଣନା କରାଯାଉଥିବା ଆର୍‌ସିସିଏଫ ସଞ୍ଜୟ ସ୍ୱାଇଁ କହିଛନ୍ତି। ଗତବର୍ଷ ମୋଟ ୯୭ଟି ମଗର ଓ ୧୮ଟି ଘଡ଼ିଆଳ କୁମ୍ଭୀର ଚିହ୍ନଟ ହୋଇଥିଲେ। ଚଳିତ ବର୍ଷ ଉକ୍ତ ସଂଖ୍ୟା କେତେ, ତାହା ଗଣନାପରେ ଜଣାପଡ଼ିବ ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି। ଏ ନେଇ ବନବିଭାଗ ପକ୍ଷରୁ ମୋବାଇଲ ଟ୍ରାକିଂ, ଜିପିଏସ୍, ବାଇନାକୁଲାର୍ ଓ ସ୍ୱତନ୍ତ୍ର କ୍ୟାମେରା ବ୍ୟବସ୍ଥା କରାଯାଇଛି ବୋଲି ସାତକୋଶିଆ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର ସୂଚନା ଦେଇଛନ୍ତି।

## କାର୍ତ୍ତିକଙ୍କ ଜୀବନରେ 'ମିଷ୍ଟ୍ରି ଗର୍ଲ'ଙ୍କ ଏଣ୍ଟ୍ରି



ବଲିଉଡର ଚକ୍‌ଲେଟ ବୟ କାର୍ତ୍ତିକ ଆର୍ଯ୍ୟନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ଅଭିନେତ୍ରୀ ଶ୍ରୀଲୀଲାଙ୍କ ସହ ନାମ ଯୋଡ଼ାଯିବା ପରେ ଏବେ ଜଣେ ବିଦେଶୀ 'ମିଷ୍ଟ୍ରି ଗର୍ଲ'ଙ୍କ ସହ କାର୍ତ୍ତିକଙ୍କ ଲିଙ୍କଅପ ଖବର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କାର୍ତ୍ତିକ ଆର୍ଯ୍ୟନ ବର୍ତ୍ତମାନ ଗୋଆରେ ଛୁଟି କଟାଉଛନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ସମୁଦ୍ରକୂଳର କିଛି ଫଟୋ ଶେୟାର କରିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, କରିନା ନାମ୍ନୀ ଜଣେ ଯୁବତୀ ମଧ୍ୟ ଠିକ୍ ସେହି ସମାନ ଲୋକେଶନର ଫଟୋ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। କରିନା ଗ୍ରୀସ୍ ବାସିନ୍ଦା ଏବଂ ବର୍ତ୍ତମାନ ୟୁକେରେ ପାଠ ପଢୁଛନ୍ତି। ରିପୋର୍ଟ ଅନୁଯାୟୀ, କରିନାଙ୍କୁ ମାତ୍ର ୧୮ ବର୍ଷ ହୋଇଥିବା ବେଳେ କାର୍ତ୍ତିକଙ୍କ ବୟସ ୩୫ ବର୍ଷ। ଏହି ବୟସ ବ୍ୟବଧାନକୁ ନେଇ ମଧ୍ୟ ପ୍ରଶଂସକଙ୍କ ମଧ୍ୟରେ ବେଶ ଚର୍ଚ୍ଚା ହେଉଛି। ପ୍ରଥମେ କାର୍ତ୍ତିକ କରିନାଙ୍କୁ ଇନ୍‌ଷ୍ଟାଗ୍ରାମରେ ଫଲୋ କରୁଥିଲେ, ମାତ୍ର ସମ୍ପର୍କକୁ ନେଇ ଗୁଜବ ଉଠିବା ପରେ ସେ ତାଙ୍କୁ 'ଅନଫଲୋ' କରିଦେଇଛନ୍ତି।

# ଢେଙ୍କାନାଳ ସହରରେ ଜବରଦଖଲ ଉଚ୍ଛେଦ

## ପୌର ଉପାଧ୍ୟକ୍ଷଙ୍କ ପ୍ରତିବାଦ

ଢେଙ୍କାନାଳ,୬।୧ (ରତନ ନାୟାର)

ଢେଙ୍କାନାଳ ସହରରେ ଟ୍ରାଫିକ ସମସ୍ୟା ଦୂର ପାଇଁ ରାସ୍ତା ପ୍ରଶସ୍ତିକରଣ ନିମନ୍ତେ ମଙ୍ଗଳବାର ସକାଳୁ କଲେଜ ବାଇପାସ ଛକଠାରୁ ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ ହୋଇଥିଲା। ସରକାରୀ ଜାଗା ଜବରଦଖଲକୁ ନେଇ ମାପଚୁପ ପରେ ନୋଟିସ ପ୍ରଦାନ କରି ଏହି ଜବରଦଖଲ ହୋଇଥିବା ପୌର କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡ଼ିଛି। ପୌରସଂସ୍ଥା ପକ୍ଷରୁ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସ, ସଦର ଏସ୍‌ଡିପିଓ ରମେଶଚନ୍ଦ୍ର ଦୋରା, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ଓ ପୂର୍ତ୍ତବିଭାଗ ଯନ୍ତ୍ରୀ ଏବଂ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ଏହି ଜବର ଦଖଲ ଉଚ୍ଛେଦ ହୋଇଥିଲା। ୨ଟି ଜେସିବି ମେଶିନ ଲଗାଯାଇ ଜବର ଦଖଲ ଉଚ୍ଛେଦ କରାଯାଇଥିବା ଦେଖାଯାଇଥିଲା। ଅପରାହ୍ନ ୪ଟାରେ ଜବରଦଖଲ ଉଚ୍ଛେଦ ଚାଲିଥିବା ବେଳେ ହଠାତ୍ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ସେଠାରେ ପହଞ୍ଚି ଜବରଦଖଲ ଉଚ୍ଛେଦ ବନ୍ଦ କରିବା ପାଇଁ କହିବା ସହିତ ଏହାର ତୀବ୍ର ପ୍ରତିବାଦ କରିଥିଲେ। ପୌର ଉପାଧ୍ୟକ୍ଷ ପ୍ରଥମେ ବାଜିଚୌକ ଏବଂ ସହରର ପ୍ରମୁଖ ରାସ୍ତା ଓ ଜିଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ଦାବି କରିଥିଲେ। ଏଥିପାଇଁ ଗତ ୨ ତାରିଖ ପୌର ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା ବୋଲି ପୌର ଉପାଧ୍ୟକ୍ଷ କୁହନ୍ତି। ବୁଧବାର ଜବରଦଖଲ ଉଚ୍ଛେଦ ଜାରି ରହିଲେ ସେ ଏହାର ପ୍ରତିବାଦ କରିବେ ବୋଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସ କୁହନ୍ତି ଯେ, ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ସରକାରୀ ଜାଗାରେ ଜବରଦଖଲ ଉଚ୍ଛେଦ କରାଯାଉଛି। ମାପଚୁପ କରାଯାଇ ଏହି ଜବରଦଖଲ ଉଚ୍ଛେଦ ହେଉଛି। ଜିଲା ମୁଖ୍ୟ ଚିକିତ୍ସାଳୟର ରାସ୍ତାର ଉଭୟ ପାର୍ଶ୍ୱରେ ଘରୋଇ ଜାଗା ଥିବାରୁ ଏହାର ଉଚ୍ଛେଦ ପାଇଁ ଅଲଗା ନିୟମ ରହିଛି। ସେଥିପାଇଁ ୬୪କୋଟି ଟଙ୍କା ଅନୁଦାନ ଅନମୋଦିତ ହୋଇଛି। ବୁଧବାର ମଧ୍ୟ ପୋଲିସ ଫୋର୍ସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ଜାରି ରହିବ ବୋଲି ପୌର ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ।



ଢେଙ୍କାନାଳ ସହରରେ ଜବର ଦଖଲ ଉଚ୍ଛେଦ କରାଯାଉଛି।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗଁଦିଆ,୬।୧ (ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ବରପଦାରେ ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଓ ବେଶ ପ୍ରଦର୍ଶନୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚାରଣ ଅରୁଣ କୁମାର ପୁହାଣଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ପବିତ୍ର କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦଣ୍ଡଧର ସାହୁ, ହରିହର ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମନୋଜ ମଞ୍ଜରୀ ଲେଙ୍କା, ନିହାରବାଳା ରାଉତ, ଜ୍ୟୋତିର୍ମୟୀ ନାଥ, ଦିପ୍ତିମୟୀ ଲେଙ୍କା ଜଗନ୍ନାଥ ଚେତନା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମଞ୍ଚାସୀନ ସମସ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଉତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଖଲାସ କରିବା ଦାବିରେ ବିକ୍ଷୋଭ

ଢେଙ୍କାନାଳ,୬।୧ (ରତନ ନାୟାର)

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁର ଓ ତାଙ୍କ ପତ୍ନୀଙ୍କୁ ତୁରନ୍ତ ଖଲାସ ଦାବିରେ ମଙ୍ଗଳବାର ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଭାରତର କମ୍ୟୁନିଷ୍ଟ ପାର୍ଟି (ଏମ୍‌ଏଲ୍), ଏସ୍‌ୟୁଆଇ (କମ୍ୟୁନିଷ୍ଟ) ଢେଙ୍କାନାଳ ଶାଖା ତରଫରୁ ଏକ ପ୍ରତିବାଦ ସଭା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ବିଷୟରେ ଭାଜପା ସରକାରଙ୍କର ଅପମାନଜନକ ଓ ଲଜ୍ଜାହୀନ ଆଭିମୁଖ୍ୟକୁ ନିନ୍ଦା କରି ବାମପନ୍ଥୀ ନେତୃତ୍ୱମାନେ ବକ୍ତବ୍ୟ ରଖି କହିଥିଲେ ଯେ, ଭେନେଜୁଏଲା ବିରୁଦ୍ଧରେ ଆମେରିକାର ଖୋଲାଖୋଲି ଆକ୍ରମଣ ଏବଂ ଆମେରିକାର ସଶସ୍ତ୍ର ବାହିନୀ ଦ୍ୱାରା ଏହାର ରାଷ୍ଟ୍ରପତି ଏବଂ ତାଙ୍କ ପତ୍ନୀଙ୍କୁ ଅପହରଣ କରିବା ଘଟଣା ପ୍ରତି ମୋଦିଙ୍କ ନେତୃତ୍ୱାଧିନ ଭାଜପା ସରକାରଙ୍କ ତରଫରୁ ଦିଆଯାଇଥିବା ପ୍ରତିକ୍ରିୟା କାପୁରଶତାପୂର୍ଣ୍ଣ ଏବଂ ସ୍ୱାଧୀନ ଦେଶମାନଙ୍କର ସ୍ୱାଧୀନତା ଏବଂ ସାର୍ବଭୌମତ୍ୱ ସୁରକ୍ଷା ରଖିବା ସମ୍ପର୍କରେ ଭାରତ ବର୍ଷ ଦୀର୍ଘକାଳ ଧରି ବଜାୟ ରଖିଥିବା ନୀତିଗତ ଅବସ୍ଥାନର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି ବୋଲି ନେତୃବୃନ୍ଦ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସିପିଆଇ(ଏମ୍) ନେତା ସର୍ବଜ୍ଞ ସାହୁ ସଭାପତିତ୍ୱରେ ସିପିଆଇର ରବି ରଥ, ସିପିଆଇଏମ୍‌ଏଲ୍‌ର ଶ୍ରୀନିବାସ ସାହୁ, ଓଡିଶା କୃଷକ ସଭାର ଜିଲା ସମ୍ପାଦକ ସରୋଜ କୁମାର ଶତପଥୀ, ଆର୍‌ଆଇଏଲ୍‌ର ନନ୍ଦ କିଶୋର ବରାଳ, ରୋହିତ ବାରିକ୍, ଶ୍ରୀଧର ମଲ୍ଲିକ, ସୁଜାତା ତ୍ରିପାଠୀ, ଅନ୍ତର୍ଯ୍ୟାମୀ ନାଏକ, ଉଫୁନାର ରାଜ୍ୟ ସଭାପତି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ, ରୁଦ୍ର ପ୍ରକାଶ ଶରଣ, ନିରାକାର ନାଏକ, ପତିତପାବନ ନାଏକ ପ୍ରମୁଖ ବକ୍ତବ୍ୟ ରଖି ଆମେରିକାର ସାମ୍ରାଜ୍ୟବାଦୀ ଆକ୍ରମଣ ବିରୁଦ୍ଧରେ ଜନସାଧାରଣ ଐକ୍ୟବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ।

## ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ



ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।।

ଢେଙ୍କାନାଳ,୬।୧ (ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ରେଙ୍ଗାଳି ଦକ୍ଷିଣ ଜଳସେଚନ ମଣ୍ଡଳ ତରଫରୁ ଏକ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ କରାଯାଇଥିଲା। ଏହି ସଚେତନତା ରଥକୁ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଉପସ୍ଥିତ ରହି ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଏନ. ସନ୍ତୋଷ କୁମାର ଚୌଧୁରୀ, ମୁଖ୍ୟଯନ୍ତ୍ରୀ କୁଳମଣି ସେଠୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ତଥା ପାଣି ପଞ୍ଚାୟତ ନୋଡାଲ ଅଫିସର ରମେଶ ଚନ୍ଦ୍ର ସେଠୀଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସାରା ରାଜ୍ୟରେ ୬ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଢେଙ୍କାନାଳ ଜିଲାରେ ଏହି ସଚେତନତା ରଥ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରି ପାଣି ପଞ୍ଚାୟତର କାର୍ଯ୍ୟାରିତା, ସେଚାଞ୍ଚଳ ଉନ୍ନୟନ ଓ ସେଚ ପରିଚାଳନା ସମ୍ପର୍କରେ ଚାଷୀ ଭାଇଭଉଣୀ ଓ ଜନସାଧାରଣଙ୍କୁ ସଚେତନ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

RECRUITMENT OF GRADUATE ENGINEER TRAINEES (GETs) THROUGH GATE-2025

**National Aluminium Company Limited (NALCO)**, a Navratna Central PSU and one of the largest integrated Alumina- Aluminium Complexes of Asia, is looking for Graduate Engineer Trainees (GETs) through **GATE-2025**, as per the details given below:

| Sl. No. | Discipline | No of Posts |
|---|---|---|
| 01 | Mechanical | 59 |
| 02 | Electrical | 27 |
| 03 | Chemical | 24 |

Candidates willing to apply in NALCO may visit career section of NALCO website **www.nalcoindia.com** for further details.
Advt. No. 10250803, Date: 30/12/2025
CGM(HR)-R&P

## ପିଏମ୍‌ଶ୍ରୀ ଏମ୍‌ଏସ୍ ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ପରଜଙ୍ଗ, ୬।୧ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ସ୍ଥିତ ପିଏମ୍‌ଶ୍ରୀ ଏମ୍‌ଏସ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ଯୋଗଦାନ କରିଥିବା ବେଳେ ଯେଉଁଠି ଶିକ୍ଷା ଅଛି ସେଇଠି ଶିକ୍ଷିତ ନିଶ୍ଚିତ ଥିବେ ବୋଲି ବକ୍ତବ୍ୟ ରେ କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ସାମାଜିକ କର୍ମୀ ଅକ୍ଷୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗାୟତ୍ରୀ ମହାପାତ୍ର, ପଞ୍ଚଶଖା ଶିକ୍ଷା ସେତୁର ସଭାପତି ନାରାୟଣ ବିନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରିଣୀ ସଂଯୁକ୍ତା ସାମଲ ଯୋଗଦାନ କରିଥିବା ବେଳେ ଆୟୋଜିତ ମଞ୍ଚରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂହ ସଭାପତି ଆସନ ଅଳଙ୍କୃତ କରିଥିଲେ। ମଞ୍ଚ ପରିଚାଳନା କୁମୁସି ହାଇସ୍କୁଲର ଶିକ୍ଷକ ମଳୟ କୁମାର ପଣ୍ଡା କରିଥିଲେ। ଏହା ପରେ ୨୦୨୫-୨୦୨୬ ବର୍ଷର ଛାତ୍ର ସତ୍ୟପ୍ରିତମ ଖିଲାରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ରାଇଜ ଷ୍ଟୁଡେଣ୍ଟ ଭାବେ ୯ମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ସେନାପତିଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।

## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନ, ୬।୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲାର ସର୍ବ ପୁରାତନ ଉଚ୍ଚ ବିଦ୍ୟାଳୟ ଭୁବନର ପିଏମ୍‌ଶ୍ରୀ ଭୁବନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଭୁବନ ବ୍ଲକ ଶିକ୍ଷାଧିକାରିଣୀ ମିନତୀ ଦେହୁରୀ ସଭାପତିତ୍ୱ କରିଥିବା ବେଳେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଆଇଏସ ରସିଦ ଖାନ, ବରିଷ୍ଠ ଅର୍ଥନୈତିଜ୍ଞ ରମଣ ଅଗ୍ରୱାଲ ମୁଖ୍ୟ ବକ୍ତା , ବିଶିଷ୍ଟ ବକ୍ତା ଭାବେ ପଣ୍ଡିତ ମାତୃପ୍ରସାଦ ମିଶ୍ର ଅଧ୍ୟକ୍ଷ ଆଦିତ୍ୟ ବାହିନୀ ଗୋବର୍ଦ୍ଧନ ପୀଠ ପୁରୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଣେଶ୍ୱର ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ଇଂ. ଦେବେନ୍ଦ୍ର ପୃଷ୍ଟି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାର କୁମାର ଦାସ ଉପସ୍ଥିତ ଥିଲେ।

## ବାରହା ଆକ୍ରମଣରେ ଚାଷୀ ଗୁରୁତର

ଭୁବନ, ୬।୧ (ବିପିନ ବିହାରୀ ସେଠୀ)

ଭୁବନ ଥାନା ଏକତାଳି ଗ୍ରାମର ଅରୁଣ ମନ୍ତ୍ରୀ (୬୫) ମଙ୍ଗଳବାର ବାରହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେ ସକାଳ ସମୟରେ ବାଦାମ ବିଲକୁ ଯାଇଥିବା ବେଳେ ବାରହା ଆକ୍ରମଣ କରିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ସ୍ଥାନାନ୍ତରିତ କରାଯାଇଛି।

वरीय पुलिस अधीक्षक का कार्यालय, राँची
सर्वसाधारण के लिए सूचना।



नाम–रसना देवी, उम्र–27 वर्ष, उँचाई–4 फीट, 8 ईंच, रंग–साँवला, पहनावा–गेहुँआ रंग का साड़ी पहनी हुई है।

उपरोक्त लापता महिला रसना देवी, उम्र–27 वर्ष, पिता–स्व0 कार्तिक महतो, सा0–बड़ाईटाँड़, थाना–सोनाहातु, जिला–राँची जो दिनांक–09.11.2025 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में सोनाहातु थाना सनहा संख्या–07/2025, दिनांक–23.11.2025 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)
अनु पु0 पदा0 बुण्डु, राँची। – 9431706144
थाना प्रभारी, सोनाहातु, राँची। – 9431706192

वरीय पुलिस अधीक्षक, राँची।
PR.NO.370126 Police(25-26):D

वरीय पुलिस अधीक्षक का कार्यालय, राँची
सर्वसाधारण के लिए सूचना।



अज्ञात पुरूष का शव उम्र करीब–32 वर्ष,

उपरोक्त अज्ञात पुरूश का शव नामकुम थाना अन्तर्गत ग्राम लुपुंग टांड के महुआ पेड़ पास झाड़ी से बरामद किया गया है। जिसके संबंध नामकुम थाना यू0डी0 कांड सं0–08/25, दिनांक–23.01.2025 दर्ज किया गया है। इनकी पहचान हेतु जनता का सहयोग अपेक्षित है।

अतः सभी जनसाधारण से अनुरोध है कि यदि आपको इस पुरूष के शव के बारे में जानकारी हो तो वरीय पुलिस अधीक्षक के कार्यालय राँची में या संबंधित थाना या निम्नांकित फोन नम्बर पर संपर्क कर इसकी सूचना दें।

पुलिस उपाधीक्षक मु0 प्रथम, राँची। –9431706141
थाना प्रभारी नामकुम, राँची। –9431706173

वरीय पुलिस अधीक्षक, राँची।
PR.NO.370111 Police(25-26):D

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया की एक अनुषंगी ईकाई)/(A Subsidiary of Coal India Ltd.)
गोंदवाना प्लेस, काँके रोड, राँची–834008, झारखंड, भारत

सूचना/NOTICE

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इंडिया लिमिटेड की वेबसाइट **www.coalindia.in/** संबंधित अनुषंगी कंपनी (सीएमपीडीआई, **www.cmpdi.co.in**), सीआईएल ई–प्रोक्योरमेंट पोर्टल **https://coalindiatenders.nic.in** एवं सेंट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध हैं। इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**."

GOVERNMENT OF ODISHA
ST & SC DEVELOPMENT DEPARTMENT
INTEGRATED TRIBAL DEVELOPMENT AGENCY:CHAMPUA
DIST: KEONJHAR
"e" Procurement Notice
Bid Identification No.ITDACH.-06/2025-26
No.24, Dt.05.01.2026
e-mail:itda.champua@gmail.com

1. No. of the Work : 13 Nos. of Construction Work.
2. Estimated Cost : Rs.165.38 to Rs.166.18 lakh
3. Period of Completion : 09 (Nine Calendar Months)
4. Date and Time of availability of Bid document in the portal : From 10.00 Hr.12.01.2026 to 17.30 Hr. of 21.01.2026
5. Last date/time for receipt of bids in the portal : 17.30 Hr. of 21.01.2026
6. Date of Opening of Bid from Portal : 11.30 Hr. of 22.01.2026
7. Name and address of the Officer Inviting Bid : Project Administrator I.T.D.A., Champua

Further details can be seen from the e-procurement portal "http://tendersorissa.gov.in"

Sd./- Project Administrator
I.T.D.A., Champua

CENTRE FOR DISTANCE AND ONLINE EDUCATION UNDER
FAKIR MOHAN UNIVERSITY
VYASA VIHAR, BALASORE

Advertisement No. Estt. (T)-II-52/2025/100 Dated: 06.01.2026

Applications are invited from Professors (Retd. Professor not above 62 years preferred) in the prescribed form (to be downloaded from the University website: **https://fmuniversity.nic.in** for the post of **Director, CDOE (Full Time Contractual)**.

| Price of Form |
|---|
| Rs.1,000/- (for General Category) |
| Rs.500/- (for Reserved Category) |

Downloaded form shall accompany with a Crossed Demand Draft drawn in favour of the **"F.M. University fees fund one"** of requisite price for the post of **"Director", (Full Time Contractual). The Centre for Distance and Online Education (CDOE) (erstwhile DDCE) (Self-Financed) under Fakir Mohan University, Balasore**. Applicants must have the minimum qualifications and experience as per relevant latest recruitment rules of UGC Guidelines for the State Universities. Complete applications in the prescribed form along with photocopies of two sets of all credentials must reach the office of the **Registrar, Fakir Mohan University, Balasore, Odisha, India - 756089** latest by **13.01.2026** (Through proper channel, in case of already employed candidates). **No application for the said post will be received after 13.01.2026 (5.00 P.M.)**.

**No TA/DA is admissible for attending the interview**. It should be noted that possession of minimum eligibility shall not confer any right to be called for interview. Incomplete applications will be rejected outright. The administrative and financial liabilities will be governed by the rules and regulations of CDOE.

**Name of the Post: Director [Full Time Contractual], The Centre for Distance and Online Education (Self-Financed) under FAKIR MOHAN UNIVERSITY, VYASA VIHAR, BALASORE**.

**1 Post (Unreserved):**
Consolidated Pay: Rs.60,000/- per month. No other allowances are admissible.

**Essential Qualification:**
(i) Total 15 years teaching/academic administrator in the rank of a Professor (Retd. Professor preferred)
(ii) Preference shall be given to candidates with experience in online Teaching/Distance Education/SLM writings.
(iii) The appointment shall be contractual and to be extended if performance is satisfactory.

Sd./- Registrar

Ministry of Tourism, Government of India
Indian Institute of Tourism & Travel Management
(An autonomous body under Ministry of Tourism, Government of India)
GWALIOR • BHUBANESWAR • GOA • NOIDA • NELLORE
सत्यमेव जयते
पर्यटन शिक्षा संस्कृति रक्षा

SELECTION FOR THE POST OF DIRECTOR

IITTM is an autonomous institute (registered under the Societies Registration Act) of Ministry of Tourism, Govt. of India that was established in 1983. It is the premier institute in the country in the field of tourism education, training research and consultancy. It is a five-campus institute with headquarters at Gwalior and other centers at Bhubaneswar, Noida, Goa and Nellore. It runs MBA (Tourism & Travel Management) & BBA (Tourism & Travel) courses from its campuses along with a large number of training programmes to cater to the needs to the market. Director IITTM is responsible for management of the institute and is required to drive it towards excellence and benchmark with the best in the world. Institute is in the process of selecting the Director. The appointment shall be made on contract basis for tenure of 3 years with possibility of further extension as per IITTM Recruitment Rules and depending upon the merit of the case. Applications are invited from willing and eligible candidates for the post of Director of IITTM on contract basis in the Pay Level-15 (7th CPC). Circular for this vacancy along with the details of pay scale and related benefits, qualifications, other eligibility conditions and application form can be downloaded from **www.tourism.gov.in** or **www.iittm.ac.in.** Completed applications shall reach **Director (S&CB), Ministry of Tourism, 1st Floor, Transport Bhawan, Sansad Marg, New Delhi - 110001** in a sealed cover subscribing in bold letter "APPLICATION FOR THE POST OF DIRECTOR, IITTM", so as to reach latest by 1700 hrs on **27.01.2026.**

JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand. Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1
This is for information of all the bidders that Corrigendum – 4 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.

Corrigendum – 4

| Sl. No. | Bid Document Ref. | Description | As per Corrigendum – 3 | As per Corrigendum - 4 |
|---|---|---|---|---|
| 1 | NIT | Last Date & Time of submission of Bid, Tender Fee and EMD online | 03.01.2026 at 17:00 Hrs | 09.01.2026 at 17:00 Hrs |
| 2 | | Date & Time of Bid Opening | 05.01.2026 at 17:00 Hrs | 10.01.2026 at 17:00 Hrs |

Note: Other terms and conditions remain unchanged.
Sd/-
Project Director (Technical)
JUIDCO Ltd.
PR 370083 Urban Development(25-26)D

कार्यपालक अभियंता का कार्यालय
लघु सिंचाई प्रमण्डल, धनबाद

ई0 निविदा आमंत्रण सूचना
निविदा सं0 : DMFT/MIR/DHN/ SBD-01/2025-26,
दिनांक 02.01.2026

जिला खनिज फाउण्डेशन ट्रस्ट, धनबाद के न्यास परिषद् धनबाद की बैठक दिनांक 29.11.2025 में लिये गये निर्णय के आलोक में धनबाद जिला के टुण्डी प्रखण्ड के अंतर्गत Renovation of Dhadhkitand M.I. Scheme हेतु पत्रांक 935, दिनांक 18.11.2025 के आलोक में उप विकास आयुक्त सह सचिव DMFT, धनबाद के ज्ञापांक 1123/DMFT धनबाद, दिनांक 30.12.2025 से प्रशासनिक स्वीकृति प्राप्त है।

| | | |
|---|---|---|
| 1 | योजना का नाम | Renovation of Dhadhkitand M.I. Scheme, Vill.- Dhadhkitand, Panchyat- Purnadih, Block-Tundi, Dist- Dhanbad. |
| 2 | प्राक्कलित राशि (रूपये में ) | 48672700.00 |
| 3 | परिमाण विपत्र का मूल्य (रूपये में) | 10000.00 |
| 4 | अग्रधन की राशि (रूपये में) | 486800.00 |
| 5 | कार्य पूर्ण करने की अवधि | 11 माह |
| 6 | ऑन लाईन निविदा प्रकाशन की तिथि एवं समय | 27.01.2026, 12:30 बजे |
| 7 | ऑन लाईन निविदा /बीड समर्पित करने की अंतिम तिथि एवं समय | 03.02.2026, 5 बजे तक |
| 8 | निविदा खोलने की तिथि एवं समय | 05.02.2026, 12:30 बजे |
| 9 | निविदा आमंत्रित करने वाले पदाधिकारी | कार्यपालक अभियंता, लघु सिंचाई प्रमण्डल, लूबी सर्कूलर रोड, धनबाद– 826001 |
| 10 | सम्पर्क सूत्र मोबाईल संख्या | 7903299712 |

नोट :– केवल ई– निविदा हीं मान्य होगी। परिमाण विपत्र की राशि घट – बढ़ सकती है। निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी। विशेष जानकारी के लिए : http://jharkhandtenders.gov.in देखें।

PR 370162 Minor Irrigation(25-26).D
कार्यपालक अभियंता
लघु सिंचाई प्रमण्डल,धनबाद

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹୪୩,୦୭,୯୦୦ ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱର, ଓଡ଼ିଶାରେ ବ୍ଲକ ଏ, ବି, ସି, ଡି, ଇ, ଏଫ୍ (ତୃତୀୟ ଶ୍ରେଣୀ) ଏବଂ ସାଧାରଣ କ୍ଷେତ୍ର (ସିକ୍ୟୁରିଟି ଗାର୍ଡ ବୁଥ୍, ପମ୍ପ ରୁମ, କମ୍ୟୁନିଟି ସେଣ୍ଟର) ର ବାହ୍ୟ ମରାମତି ଏବଂ ପୁନଃ ପେଣ୍ଟିଂ କାର୍ଯ୍ୟ** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୯୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୨୦ଜାନୁଆରୀ, ୨୦୨୬ ଅପରାହ୍ନ ୦୨:୦୦ ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

## ପିଆଜ ଚାଷ



ପିଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

## ଗହମରେ କାଳିଗୁଣ୍ଡି ପୋକ ଦମନ

ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବା ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।



## ଚାଷୀଙ୍କ ପାଇଁ



ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ, ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

# ଖରିଫ ଧାନ ସାଇତି ରଖିବା ସମୟରେ...



**ଏ ମାସର କୃଷି ସୂଚନା**

ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇ ଦେବା ଉଚିତ। ଧାନ ସାଇତିବା ପୂର୍ବରୁ ଅମାର ଘର ସଫା କରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ। ବିହନରୁ କଣ୍ଟା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣପାଣି ଉପଚାର କରନ୍ତୁ। ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ। ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ। ବିହନ କିସମ :ସହଳ - ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ। ମଧ୍ୟମ -ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ। ଏହାଦ୍ୱାରା ମଧ୍ୟ ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।

**ସୋରିଷ**

ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ। ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ। କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ସୂର୍ଯ୍ୟମୁଖୀ**

ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ।

**ଚିନାବାଦାମ**

ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ। ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ। ୧୨ରୁ ୧୫ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ। ଲାଲ୍ ଶୁଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ଫ୍ଲୁବେଣ୍ଡିଆମାଇଡ୍ ସିଞ୍ଚନ କରନ୍ତୁ। ଜଉପୋକ ପାଇଁ ହେକ୍ଟର ପିଛା ଇମିଡାକ୍ଲୋପ୍ରିଡ୍ ୧୨୦ ମି.ଲି./ହେକ୍ଟର କିମ୍ବା ୧୦୦ ଗ୍ରାମ୍ ଥାୟୋ ମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୭୫୦ ମି.ଲି. ଟେବୁକୋନାଜୋଲ୍ ଇ.ସି. (୨୫.୯%)/ହେକ୍ସାକୋନାଜଲ୍ ଇ.ସି. (୫%) କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ। ହେକ୍ଟର ପ୍ରତି ୧-୨ଟି ଟ୍ରାଇକୋକାର୍ଡ ୫୦୦୦୦ ରୁ ୧୦୦୦୦୦ ଅଣ୍ଡା ପ୍ରତି ସପ୍ତାହ ଅନ୍ତରରେ ୩-୪ ଥର ଛାଡ଼ନ୍ତୁ।

**ପନିପରିବା**

**କୋବି :** କୋବି ଜାତୀୟ ଫସଲରେ ପତ୍ରବିନ୍ଧା ପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତକରି ତଳି ପକାନ୍ତୁ। କିସମ - ସ୍ନୋବଲ୍, ସ୍ନୋବଲ୍-୧୬।

**ଶାଗ :** ଶୀତଦିନଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ।

**ତରଭୁଜ :** ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ। କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ। ଶୀଘ୍ର ଗଜାହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ। ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ। ଉନ୍ନତ କିସମ - ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା, ସଙ୍କର କିସମ - ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍, ଆଣ୍ଡାମାନ୍

**ଲିଚୁ ଓ ସପେଟା :** ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ। ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ।

**ଫୁଲ :** ଖରାଟିଆ ଫୁଲଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ। ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ।

**-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର**

## ଆମ୍ବ



ଆମ୍ବବଉଳ ଆସିଥିଲେ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ। ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ। ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍-୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ।

## ଅନ୍ୟରେ...



**ଗୋପାଳନ:** ଗାଈମାନଙ୍କଠାରେ ପ୍ରସୂତି ସମସ୍ୟା ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ଚର୍ମବିଣ୍ଡି ରୋଗ ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପରାମର୍ଶ ନିଅନ୍ତୁ। ଗାଈକୁ ଚରିବାକୁ ଛାଡ଼ନ୍ତୁ ନାହିଁ ଏବଂ ସୁସ୍ଥ ପଶୁଙ୍କଠାରୁ ଦୂରରେ ରଖନ୍ତୁ।



**ଛେଳି ପାଳନ:** ଥଣ୍ଡାଜନିତ ଅସୁବିଧାରୁ ରକ୍ଷାକରିବା ପାଇଁ ଯଥାସାଧ୍ୟ ପଦକ୍ଷେପ ଗ୍ରହଣକରନ୍ତୁ। ଭୂତାଣୁଜନିତ ରୋଗ ଓ ନିମୋନିଆରୁ ରକ୍ଷା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।



**କୁକୁଡ଼ା ପାଳନ :** ଥଣ୍ଡାଜନିତ ଅସୁବିଧାରୁ ରକ୍ଷା ପାଇବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରନ୍ତୁ। ଭୂତାଣୁଜନିତ ରୋଗ ପ୍ରତିଷେଧକ ବ୍ୟବସ୍ଥା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।



**ମତ୍ସ୍ୟଚାଷ:** ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହ ୩ କି.ଗ୍ରା. ୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆକୁ ମିଶାଇ ଖାଇବାକୁ ଦିଅନ୍ତୁ।

## ରାଶିର ଉନ୍ନତ କିସମ

ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ଦୁଇଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ।

## କଦଳୀ ଚାଷ କରୁଥିଲେ...



କଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡ଼ିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

## ଡାଲି ଜାତୀୟ ଫସଲ



ଡାଲିଜାତୀୟ ଫସଲର ୧ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% ସହ ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। ବିହନକୁ ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷକରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜଉପୋକ ଲାଗିଲେ ହେକ୍ଟର ପିଛା ଥାୟୋମେଥୋକ୍ସାମ୍ ୨୫ ଏସ୍‌ଜି ୧୦୦ ଗ୍ରାମ୍/ହେକ୍ଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ।

# ଆଳୁଚାଷରେ ଜଳସେଚନ



ମାଟିର ଆବଶ୍ୟକତାକୁ ଚାହିଁ ଆଳୁ କିଆରିରେ ୮-୧୦ ଦିନ ଅନ୍ତରରେ ପାଣି ମଡ଼ାନ୍ତୁ। ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଉଚିତ। ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ। ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୧.୫ କି.ଗ୍ରା. କାର୍ବେଣ୍ଡାଜିମ୍ ୧୨% ସହ ମାଙ୍କୋଜେବ୍ ୬୩% ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ। ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍‌ସିଲ ୮ % ସହ ମାନ୍‌କୋଜେବ୍ ୬୪% ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ ଓ ସେହି ସମୟରେ ହୁଡ଼ା ଟେକା ପୂର୍ବରୁ ବିଷ ପ୍ରୟୋଗ କରନ୍ତୁ।

## ଆଖୁ ବିହନ ଚୟନ



ଆଖୁ ବିହନ ୬ ରୁ ୮ ମାସ ହୋଇଯାଇଥିଲେ ତାକୁ ବିହନ ରୂପେ ବ୍ୟବହାର କରନ୍ତୁ। ଆଖୁଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ। ହେକ୍ଟର ପିଛା ୭୫ ରୁ ୧୦୦ କୁଇଣ୍ଟାଲ ଆଖୁ ବିହନ ଆବଶ୍ୟକ। ମୂଳିଫସଲରୁ ବିହନ ବ୍ୟବହାର କରନ୍ତୁ ନାହିଁ ଏବଂ ପୋକରା ଫସଲକୁ ମଧ ବ୍ୟବହାର କରନ୍ତୁ ନାହିଁ। ଲଗାଇବା ପୂର୍ବରୁ ଆଖୁଗୁଳାକୁ ଶତକଡ଼ା ୦.୧ ଭାଗ କାର୍ବେଣ୍ଡାଜିମ୍ ମିଶାଯାଇଥିବା ପାଣିରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇଲେ ଭଲ ଗଜା ବାହାରେ। ଧାଡ଼ିକୁ ଧାଡ଼ି ସଅଳ କିସମ ୬୦ ସେ.ମି., ମଧ୍ୟମ କିସମ ୭୫ ସେ.ମି., ବିଳମ୍ବ କିସମ ୯୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ଓ ଆଖୁକୁ ଗଭୀର ଖାଇ କରି ପୋତନ୍ତୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ସିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଚଏମ୍ଏସ୍ଆଇର ୪.୪୬ ଲକ୍ଷ ୟୁନିଟ୍ ଗାଡ଼ି ବିକ୍ରି

ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ୨୦୨୫ ଡିସେମ୍ବରରେ ମୋଟ ୪,୪୬,୦୪୮ ୟୁନିଟ୍ ବିକ୍ରି କରିଛି। ଏଥିରେ ମଜଭୁତ ଚାହିଦା ସହ ବହୁ ନିୟୁତ ଗ୍ରାହକଙ୍କ ପାଇଁ ଗମନାଗମନକୁ ଅଧିକ ନିରାପଦ, ସ୍ୱଚ୍ଛ ଏବଂ ଅଧିକ ସୁଲଭ କରିବା ନିମନ୍ତେ କମ୍ପାନୀର ପ୍ରଚଳିତ ପ୍ରୟାସ ପ୍ରତିଫଳିତ ହୋଇଛି। ଏହି ବିକ୍ରି ମଧ୍ୟରେ ଘରୋଇ ବଜାରରେ ୩,୯୨,୩୦୬ ୟୁନିଟ୍ ବିକ୍ରୟ ଏବଂ ରପ୍ତାନି ୫୩,୭୪୨ ୟୁନିଟ୍ ରହିଛି। ଏଚ୍ଏମ୍ଏସ୍ଆଇ ୨୦୨୪ ଡିସେମ୍ବର ତୁଳନାରେ ଇୟର-ଅନ୍-ଇୟର (ୱାଇଓୱାଇ) ୪୫% ଅଭିବୃଦ୍ଧି ହାସଲ କରିଛି। ୨୦୨୫ ଏପ୍ରିଲରୁ ଡିସେମ୍ବରର ଇୟର-ଟୁ-ଡେଟ୍ ଅବଧି ନିମନ୍ତେ ଏଚ୍ଏମ୍ଏସ୍ଆଇ ମୋଟ ୪୬,୭୮,୮୧୪ ୟୁନିଟ୍ ବିକ୍ରି କରିଛି। ଏଥିମଧ୍ୟରେ ଘରୋଇ ବଜାରରେ ୪୨,୦୪,୪୨୦ ୟୁନିଟ୍ ବିକ୍ରି ଏବଂ ରପ୍ତାନି ୪,୭୪,୩୯୪ ୟୁନିଟ୍ ରହିଛି ଏବଂ ଏଥିରେ ୨୦୨୪ ଡିସେମ୍ବର ତୁଳନାରେ ୱାଇଓୱାଇ ୩% ଅଭିବୃଦ୍ଧି ହାସଲ ହୋଇଛି।

# ୫ଜି ବଜାରରେ ଜିଓର ପ୍ରାଧାନ୍ୟ

ଭୁବନେଶ୍ୱର,୬।୧

ଭାରତରେ ୫ଜି ବଜାରରେ ଜିଓର ପ୍ରାଧାନ୍ୟ ପରିଲକ୍ଷିତ ହୋଇଛି। ଜିଓ ଆରମ୍ଭରୁ ଏକ ସମ୍ପୂର୍ଣ୍ଣ ଷ୍ଟାଣ୍ଡଆଲୋନ ୫ଜି ନେଟୱର୍କରେ ନିବେଶ କରିଥିବାବେଳେ ଏୟାରଟେଲ ଏକ ନନ-ଷ୍ଟାଣ୍ଡଆଲୋନ ମଡେଲ ବ୍ୟବହାରରେ ସେବା ଆରମ୍ଭ କରିଥିଲା। ଓପନ ସିଗ୍ନାଲ ତଥ୍ୟ ଅନୁଯାୟୀ, ଜିଓର ୫ଜି ଗ୍ରାହକମାନେ ସେମାନଙ୍କର ମୋଟ ମୋବାଇଲ ସମୟର ୬୭.୩% ୫ଜି ନେଟୱର୍କରେ ବିତାଉଥିବାବେଳେ ୫ଜି ସିଗନାଲ ଉପଲବ୍ଧତା ୬୮.୧% ରହିଛି। ଏୟାରଟେଲର ୫ଜି ସିଗନାଲ ଉପଲବ୍ଧତା ୬୬.୬% ଥିବା ସତ୍ତ୍ୱେ ଗ୍ରାହକମାନେ ୨୮% ସମୟ ୫ଜି ନେଟୱର୍କରେ ରହିଥାନ୍ତି। ଭୋଡାଫୋନ ଆଇଡିଆ ୨୦୨୫ ମାର୍ଚ୍ଚରେ ମୁମ୍ବାଇରେ ୫ଜି ସେବା ଆରମ୍ଭ କରିଥିଲେ ମଧ୍ୟ ଏହାର ନେଟୱର୍କ ପ୍ରାରମ୍ଭିକ ଅବସ୍ଥାରେ ଅଛି। ବିଏସ୍ଏନ୍ଏଲ୍ ୫ଜି ପୂର୍ବରୁ ଏହାର ସ୍ୱଦେଶୀ ୪ଜି ନେଟୱର୍କ ଉପରେ ଧ୍ୟାନ ଦେଉଛି। ଜିଓର ୫ଜି ଉପଭୋକ୍ତାମାନେ ୪ଜିଅପେକ୍ଷା ପ୍ରାୟ ୧୧ ଗୁଣ ଦ୍ରୁତ ଡାଉନଲୋଡ ସ୍ପିଡ ଉପଭୋଗ କରୁଛନ୍ତି।


ଜନ୍ମଦିନର ଶୁଭେଚ୍ଛା



ସାହିଲ୍ ଶେଖର ଜେନା (ସିପୁ)
ସୁନ୍ଦରପୁର, ପଥରଗାଡ଼ିଆ, ଭୁବନେଶ୍ୱର
ଆଜି ତୁମର ୨୬ତମ ଜନ୍ମଦିନ ଅବସରରେ ଜଗତରନାଥ ପ୍ରଭୁ ଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-: ଶୁଭେଚ୍ଛା ସହ :-
ପାପା, ମାମି, ସାଙ୍ଗସାଥୀମାନେ

D-3050


# ଯାତ୍ରୀସେବା ଓ ସୁରକ୍ଷାକୁ ଭାରତୀୟ ରେଳର ଗୁରୁତ୍ୱ

## ଆଧୁନିକ ସାଧାରଣ ଏବଂ ଅଣ-ଏସି କୋଚ୍‌ର ରେକର୍ଡ ଉତ୍ପାଦନ

ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ଭାରତୀୟ ରେଳପଥ ସୁଲଭ ଭଡ଼ାରେ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ଆଧୁନିକ ଯାତ୍ରୀ-ଅନୁକୂଳ ସୁବିଧା ସହିତ ଡିଜାଇନ ହୋଇଥିବା ସାଧାରଣ ଏବଂ ଅଣ-ଏସି କୋଚ୍ ଉତ୍ପାଦନରେ ରେକର୍ଡ ସୃଷ୍ଟି କରିଛି। ଆର୍ଥିକ ବର୍ଷ ୨୦୨୫-୨୬ ବର୍ତ୍ତମାନ ସୁଦ୍ଧା ୪,୮୩୮ ନୂତନ ଏଲ୍ଏଚ୍ବି ଜିଏସ୍ ଏବଂ ନନ୍ ଏସି କୋଚ୍ (ଏଲ୍ଏସ୍ କୋଚ- ୨୮୧୭, ଏଲ୍ଏସ୍ସିଏନ୍ କୋଚ୍- ୨୦୨୧) ପାଇଁ ବ୍ୟବସ୍ଥା କରାଯାଇଛି। ୨୦୨୬-୨୭ ପାଇଁ ୪,୮୦୨ ଏଲ୍ଏଚ୍ବି କୋଚ (ଏଲ୍ଏସ୍ କୋଚ- ୨୬୩୮, ଏଲ୍ଏସ୍ସିଏନ୍ କୋଚ- ୨୧୬୪) ଉତ୍ପାଦନ ଉତ୍ପାଦନ ଲକ୍ଷ୍ୟ ରହିଛି। ଅନ୍ୟପଟେ ମୌସୁମୀ ଏବଂ ଉତ୍ସବକାଳୀନ ଭିଡ଼ ପରିଚାଳନା ପାଇଁ, ଭାରତୀୟ ରେଳପଥ ୨୦୨୫ରେ ସ୍ୱତନ୍ତ୍ର ଟ୍ରେନ ପରିଚାଳନାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ମହାକୁମ୍ଭ ପାଇଁ ୧୭,୩୪୦, ହୋଲି ପାଇଁ ୧,୧୪୪, ଗ୍ରୀଷ୍ମକାଳୀନ ସ୍ପେଶାଲ ୧୨,୪୧୭ ଏବଂ ଛଟ୍‌ପୂଜା ପାଇଁ ୧୨,୩୮୩ ସମେତ ୪୩,୦୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଛି। ନୂଆ ଦିଲ୍ଲୀ ରେଳ ଷ୍ଟେଶନରେ ଯାତ୍ରୀ ସୁବିଧା କେନ୍ଦ୍ରର ସଫଳ କାର୍ଯ୍ୟାନ୍ୱୟନ ପରେ, ଭାରତୀୟ ରେଳପଥ ଦେଶବ୍ୟାପୀ ୭୬ଟି ଷ୍ଟେଶନ ଚିହ୍ନଟ କରିଛି। ନୂତନ ହୋଲ୍ଡିଂ ଏରିଆଗୁଡ଼ିକ ସ୍ଥାନୀୟ ପରିସ୍ଥିତି ଉପରେ ଆଧାରିତ ମଡ୍ୟୁଲାର ଡିଜାଇନ ଅନୁସରଣ କରିବ ଏବଂ ୨୦୨୬ ପାର୍ବଣ ଋତୁ ପୂର୍ବରୁ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରକୃତ ଯାତ୍ରୀମାନେ କନ୍‌ଫର୍ମ ଟିକେଟ ପାଇବା ପାଇଁ, ଭାରତୀୟ ରେଳପଥ ଆଧାର ଯାଞ୍ଚ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ମନିଟରିଂ ମାଧ୍ୟମରେ ଟିକେଟିଂ ବ୍ୟବସ୍ଥା କରିଛି। ଇ-ଟିକେଟିଂ ସିଷ୍ଟମର ଅପବ୍ୟବହାର କରିବାକୁ ଚେଷ୍ଟା କରୁଥିବା ଅସାଧୁ ଉପଭୋକ୍ତାମାନଙ୍କୁ ଚିହ୍ନଟ ଏବଂ ରୋକିବା ପାଇଁ ମଧ୍ୟ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି। ଏହାଫଳରେ ୫.୭୩ କୋଟି ସନ୍ଦିଗ୍ଧ ଏବଂ ନିଷ୍କ୍ରିୟ ଆଇଆରସିଟିସି ବ୍ୟବହାରକାରୀ ଆକାଉଣ୍ଟଗୁଡ଼ିକୁ ନିଷ୍କ୍ରିୟ କିମ୍ବା ଅସ୍ଥାୟୀ ଭାବରେ ସ୍ଥଗିତ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

# ପତଞ୍ଜଳି ଯୋଗପୀଠର ୩୨ତମ ପ୍ରତିଷ୍ଠା ଦିବସ ପାଳିତ



ହରିଦ୍ୱାର,୬।୧

ପତଞ୍ଜଳିର ୩୨ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ପତଞ୍ଜଳି ଯୋଗପୀଠର ପ୍ରତିଷ୍ଠାତା ସଭାପତି ରାମଦେବ ଏବଂ ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକ୍ରିଷ୍ଣା, ସମସ୍ତ ଋଷି ଏବଂ ସନ୍ଥଙ୍କ ବଂଶଧରଙ୍କୁ ଯୋଗ, ଆୟୁର୍ବେଦ, ସ୍ୱଦେଶୀ, ସନାତନ ଧର୍ମ, ସନାତନ ଶିକ୍ଷା, ସନାତନ ଔଷଧ, ସନାତନ ଗବେଷଣା, ସନାତନ ସେବା କରି ଏକ ସମୃଦ୍ଧ ଏବଂ ବିକଶିତ ଭାରତ ଗଠନ କରିବାକୁ ଆହ୍ୱାନ କରିଛନ୍ତି। ଯୋଗଗୁରୁ ରାମଦେବ କହିଛନ୍ତି, ଯେଉଁଦିନ ପତଞ୍ଜଳି ଗୁରୁକୁଳମ, ଆଚାର୍ଯ୍ୟକୁଳମ, ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ଶିକ୍ଷା ବୋର୍ଡର ଫସଲ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ, ସେହିଦିନ ଆମର ଟଙ୍କା ଡଲାର, ପାଉଣ୍ଡ ଏବଂ ୟୁରୋକୁ ଅତିକ୍ରମ କରିବ। ଆମ ମୁଦ୍ରାର ମୂଲ୍ୟ, ଭାରତୀୟ ଜୀବନଶୈଳୀ ଏବଂ ଭାରତୀୟ ମାନଦଣ୍ଡର ମୂଲ୍ୟ, ଭାରତୀୟ ସାଂସ୍କୃତିକ ପର୍ବଗୁଡ଼ିକର ମୂଲ୍ୟ ଏବଂ ଭାରତୀୟ ପାସ୍‌ପୋର୍ଟର ମୂଲ୍ୟ ସାରା ବିଶ୍ୱରେ ବୃଦ୍ଧି ପାଇବ। ବିଶ୍ୱର ୨୦୦ଟି ଦେଶ ଆମକୁ ଭିସା ମାଗିବେ ନାହିଁ। ବର୍ତ୍ତମାନ ଆମ ପିଲାମାନେ ଶିକ୍ଷା ହାସଲ କରିବା ପାଇଁ ଆମେରିକା, କାନାଡା, ବ୍ରିଟେନ, ୟୁରୋପ, ଅଷ୍ଟ୍ରେଲିଆ ଏବଂ ରୁଷିଆ ଭଳି ଦେଶକୁ ଯାତ୍ରା କରନ୍ତି। ପତଞ୍ଜଳି ଗୁରୁକୁଳମ ମଧ୍ୟ ବିଶ୍ୱବ୍ୟାପୀ ଆକର୍ଷଣର କେନ୍ଦ୍ର ପାଲଟିଛି। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଥିଲେ, ଗତ ୩୦ ବର୍ଷ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗବେଷଣା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପତଞ୍ଜଳିର ଅଗ୍ରଗତି ସହଜ ନ ଥିଲା। ପତଞ୍ଜଳିର ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗ, ମଲ୍ଲଖମ୍ବ, କୁସ୍ତି, ସମରକଳା, ମୁଷ୍ଟିଯୁଦ୍ଧ, ଜୁଡୋ-କରାଟେ ପ୍ରଦର୍ଶନ କରିଥିଲେ।

# ୟୁକୋ ବ୍ୟାଙ୍କର ୮୪ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ୟୁକୋ ବ୍ୟାଙ୍କର ୮୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ୟାଙ୍କର ଅବସରପ୍ରାପ୍ତ ମହାପ୍ରବନ୍ଧକ, ଉପ-ମହାପ୍ରବନ୍ଧକ, ସହାୟକ ମହାପ୍ରବନ୍ଧକ ତଥା ଅନ୍ୟାନ୍ୟ ଅଧିକାରୀଙ୍କୁ ସ୍ମୃତିଚିହ୍ନ ଏବଂ ପୁଷ୍ପଗୁଚ୍ଛ ଆଦି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍ଏଲ୍ବିସି ଆବାହକ ଗୌତମ ପାତ୍ର, ଏସ୍ଏଲ୍ବିସି ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ, ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଭଗବତ ସିଂହ ଭାକୁନି, କଟକ ଅଞ୍ଚଳର ଉପ-ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ବର୍ଷା, ଅବସରପ୍ରାପ୍ତ ମହାପ୍ରବନ୍ଧକ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅନ୍‌ଲାଇନରେ ଉପଲବ୍ଧ ଜାୱା ୟେଜ୍‌ଦି ଆଡ୍‌ଭେଞ୍ଚର, ରୋଡ୍‌ଷ୍ଟର

ଭୁବନେଶ୍ୱର,୬।୧
(ଅନୁରାଧା ମହାରଣା)

ଜାୱା ୟେଜ୍‌ଦି ମୋଟରସାଇକେଲ ଏହାର ଟପ୍-ସେଲିଂ, ୟେଜ୍‌ଦି ଆଡ୍‌ଭେଞ୍ଚର ଏବଂ ୨୦୨୫ ୟେଜ୍‌ଦି ରୋଡ୍‌ଷ୍ଟର ଏଣିକି ଅନ୍‌ଲାଇନରେ ଉପଲବ୍ଧ ହେବ। ଏପର୍ଯ୍ୟନ୍ତ କେବଳ ଶୋ'ରୁମ୍‌ରେ ଉପଲବ୍ଧ ୟେଜ୍‌ଦିର ଲୋକପ୍ରିୟ ମୋଟରସାଇକେଲଗୁଡ଼ିକ ଏବେ ପ୍ରମୁଖ ବଜାରଗୁଡ଼ିକରେ ସହଜରେ ଉପଲବ୍ଧ ହୋଇପାରିବ। ଅନ୍‌ଲାଇନରେ ଏହାର ସମସ୍ତ ନୂତନ ମଡେଲ ସହ କମ୍ପାନୀ ଏହାର ଡିଜିଟାଲ ବିତରଣ ପହଞ୍ଚକୁ ଉନ୍ନତ କରିବା ପାଇଁ ଗତ ବର୍ଷ ଏକ ଦୃଢ଼ ଅନ୍‌ଲାଇନ ଡେବ୍ୟୁ ପାଇଁ ପ୍ରସ୍ତୁତ ହେଉଛି। ଏହା ଫ୍ଲିପ୍‌କାର୍ଟରେ ପ୍ରିମିୟମ କ୍ଲାସିକ୍ ମୋଟରସାଇକେଲ ତାଲିକାଭୁକ୍ତ କରିବାରେ ପ୍ରଥମ ହୋଇଥିବାବେଳେ ଏହାପରେ ଆମାଜନ ରହିଛି। ଜାୱା ୟେଜ୍‌ଦି ମୋଟରସାଇକେଲର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, ଆମାଜନ ଏବଂ ଫ୍ଲିପ୍‌କାର୍ଟରେ ଆମର ଦୁଇଟି ସବୁଠାରୁ ପ୍ରିୟ ୟେଜ୍‌ଦି ଆଣିବା ଦ୍ୱାରା ସମଗ୍ର ଭାରତରେ ଆରୋହୀମାନେ କ୍ଲାସିକ୍ ମୋଟରସାଇକେଲିଂର ରୋମାଞ୍ଚ ଅନୁଭବ କରିପାରିବେ। ଏଥିରେ ଚାଳକମାନେ ପ୍ଲାଟ୍‌ଫର୍ମ-ନିର୍ଦ୍ଦିଷ୍ଟ ଅଫରଗୁଡ଼ିକୁ ମଧ୍ୟ ଉପଲବ୍ଧ କରିପାରିବେ । ବ୍ରାଣ୍ଡର ଇ-କମର୍ସ ନେଟ୍‌ୱର୍କ ବର୍ତ୍ତମାନ ୪୪ଟି ସହରରେ କାର୍ଯ୍ୟ କରୁଛି ଯେଉଁଥିରେ ୫୫ ଜଣ ଡିଲର ସାମିଲ ଅଛନ୍ତି। ସମସ୍ତ ଜାୱା ଏବଂ ୟେଜ୍‌ଦି ମୋଟରସାଇକେଲଗୁଡ଼ିକ ବ୍ୟାପକ 'ଜାୱା ୟେଜ୍‌ଦି ବିଏସ୍ଏ ଓନରଶିପ୍ ଆସ୍ୟୁରାନ୍ସ ପ୍ରୋଗ୍ରାମ ଦ୍ୱାରା ସମର୍ଥିତ।


# Classified Everyday

0674-2580101, 2549949



MATRIMONIAL

## BRIDE WANTED

Wanted Brahmin bride, Preferably working/ studying in USA. Boy 5'8", DOB- 2000, USA Citizen, S/W Engineer in USA. Ph: 9437288173. D-3020

Khandayat Boy, 1998, 5'9", B-Tech, Serving Engineer Deloitte, Bhubaneswar. ''SUNASANSAR'', 9937512659. D-3021

Bride wanted, Karan, 5'4", fair, lower middle class, well educated for our second son, MBA, 6', 40 years working on mutual funds. O+, Bharadwaj, Karkata. Living in Cuttack City. Contact: 7873817735. D-3045

## GROOM WANTED

Odia Kotia (ST) Girl, 6/3, 5'2", 1996, BA+PG+BEd, Koraput looks for service holders. Contact with Profile- 8917511747 (WhatsApp). D-3044

### ପାଠକଙ୍କ ପାଇଁ ସୂଚନା


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



REAL ESTATE

## SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023



FOR RENT

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777



Healthcare

**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

All types of physiotherapy and massage. Contact: 9556924059/ 7656969134. D-3013

Newly open health benefits, joint pain relax good environment atmosphere. 7653969971. D-3035

## AFFIDAVIT

By virtue of an affidavit sworn before the Executive Magistrate, Gaisilet, dated- 06.01.2026, I, Sourabha Kumar Tribedi, AT/PO/P.S.- Gaisilet, Dist.- Bargarh, PIN- 768037, Odisha declare that I have changed my son's name from Suriyansh Tribedi to Suryansh Trivedi. Henceforth, he shall be known as Suryansh Trivedi for all purposes.
Sourabha Kumar Tribedi
D-3038

I, Ananta Thakur, S/o.- Rajkumar Thakur, Resident of Madan Mohan Pada, Bhawanipatna, Dist.- Kalahandi, PIN- 766001, Odisha declare by this affidavit No. 77AA 648317, dtd.- 06.01.2026 that now onwards I shall be known as ANAND THAKUR for all future purposes.
D-3039

I, Dusmanta Roychoudhury, S/o.- Bijandra Roychoudhury, resident of Plot No.- 697/ 2, Gandamunda, Khandagiri, Bhubaneswar- 751030, Dist.- Khordha, Odisha declare by this affidavit CF No.- 51, dtd.- 18.12.2025 that now onwards I shall be known as DUSMANTA RAYCHOUDHURY for all purposes. D-3043

By virtue of an affidavit sworn before the Executive Magistrate, Jajpur Road SI. No.- 5433 on dtd.- 23.12.2025, I, Iswar Chandra Sahu, S/o.- Dayanidhi Sahu, date of birth 5th April 1954, resident of At- Prusti Colony, Vyasanagar(M), Post/P.S.- Jajpur Road, Dist,- Jajpur, PIN- 755019 in the State of Odisha Mob- 9438786512 state that my actual name is Iswar Chandra Sahu but in my passport bearing No. L8336452 my name mentioned as ISHWARA CHANDRA SAHU son of DAYANIDHI SAHU. That ISWAR CHANDRA SAHU and ISHWARA CHANDRA SAHU is one and same person. That I shall be known as ISWAR CHANDRA SAHU for all future purposes.
ISWAR CHANDRA SAHU
D-3040

By virtue of an affidavit sworn before the Notary Public, Talcher, Odisha, dated- 03.01.2026, I, PARI PRADHAN, W/o.- PRATAP PRADHAN, At- BARADANGUA, P.O.- BIJIGOL, P.S.- NTPC, Dist.- ANGUL, State- ODISHA declare that I have changed my name from PRAMILA PRADHAN, W/o.- PRATAP PRADHAN to PARI PRADHAN, W/o.- PRATAP PRADHAN. Henceforth, I shall be known as PARI PRADHAN for all purpose. D-3041

By virtue of an affidavit sworn before Executive Magistrate, Erasama, Dated- 06.01.2026, I, JAYA PRAKASH MALIK, Address: At/P.O.- Bhiranga, P.S.- Erasama, Dist.- Jagatsinghpur, PIN- 754138 declare that I have changed the name of my son from SRITAM DAS to SRITAM MALIK. Henceforth, he shall be known as SRITAM MALIK for all purposes.
JAYA PRAKASH MALIK
D-3042

## LEGAL NOTICE

In the Court of Sub-Divisional Judicial Magistrate, Bargarh
1 cc No.- 59 of 2016
Byomakesh Kar .......Compl.
Versus
Ashok Kumar Bhoi ...... Accused

To
Ashok Kumar Bhoi, S/o.- Jaldhar Bhoi, At- Rinbachana, P.O.- Rinbachana, P.S.- Loisinga, Dist.- Bolangir

Take notice that your attendance is necessary to answer a charge of 138 of Negotiable Instrument Act in this Court.

You are hereby required to appear in person or through pleader on 12th day of January 2026.

Dated this 15th day of December 2025.
Sd./- Magistrate
Bargarh
D-3037

Now Matrimonial ads. only on Wednesday & Sunday Book 1 Get 1 FREE

# ମନେ ପଡ଼ନ୍ତି

### ଏକାଦଶ ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି



୰ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା
ଏକାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।
❖ଶୋକସନ୍ତପ୍ତ❖
ବନ୍ଧୁ ଓ ପରିବାରବର୍ଗ।
D-3049

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମମତା ମହାନ୍ତି
ନୟାପଲ୍ଲୀ, ଭୁବନେଶ୍ୱର
ସ୍ୱାମୀ- ପ୍ରଦୀପ ମହାନ୍ତି
ଆବିର୍ଭାବ- ୦୧।୦୬।୧୯୭୧
ତିରୋଧାନ- ୨୮।୧୨।୨୦୨୫
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା । ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇରହିବ। ଆପଣଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ, ଝିଅ- ବବ୍‌ଲି, ଜ୍ୱାଇଁ- ଗୁଡ୍ଡୁ, ବନ୍ଧୁବାନ୍ଧବ ଓ ସମ୍ପର୍କୀୟ
D-3048

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସଂଯୁକ୍ତାରାଣୀ ରାୟ
ଲୋକାପଡା, ଆଳି
ଆବିର୍ଭାବ- ୨୧।୧୦।୧୯୬୪
ତିରୋଧାନ- ୨୮।୧୨।୨୦୨୫
ଚାହୁଁ ଚାହୁଁ ଏଗାର ଦିନ ହୋଇଗଲା। ତୁମେ କେଉଁ ଏକ ଅଫେରା ରାଇଜକୁ ଚାଲିଗଲ ଯେ ଆଉ ଫେରିବାର ନାମ ଧରିଲନି। ତୁମେ ଯେଉଁଠାରେ ଅଛ ଶାନ୍ତିରେ ରୁହ ଠାକୁରଙ୍କ ପାଖରେ ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ରାୟ ପରିବାର ଓ ବନ୍ଧୁବର୍ଗ।
D-3047

### ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ଶୈଳେଶ ଚନ୍ଦ୍ର ନାଥ
Ex PM (IT) ଅନୁଗୋଳ ଜିଲ୍ଲା ପରିଷଦ,
ଗୀତାଗ୍ରାମ ଅନୁଗୋଳ
ଆବିର୍ଭାବ- ୨୭।୦୩।୧୯୬୪
ତିରୋଧାନ- ୨୭।୧୨।୨୦୨୫
ଚାହୁଁ ଚାହୁଁ ୧୧ଦିନ ବିତିଗଲା। ତୁମ ମହାପ୍ରୟାଣରେ ଆମେ ମର୍ମାହତ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଆମର ପଥ ପ୍ରଦର୍ଶକ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପତ୍ନୀ- ସୁପ୍ରଭା, ପୁତ୍ର- ଅଭିଷେକ, କନ୍ୟା- ସୌମ୍ୟା, ଜ୍ୱାଇଁ- ରାଜେଶ, ନାତୁଣୀ- ଆଦ୍ରିତି, ପରିବାର ଓ ବନ୍ଧୁବର୍ଗ।
D-3046

# ଅବ୍ୟବସ୍ଥାକୁ ନେଇ ବୈଠକରୁ ଉଠିଗଲେ ବିଧାୟକ

## ଅଧାରହିଲା ବିଭାଜନସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ ବୈଠକ

କାମାକ୍ଷାନଗର, ୬।୧
(ସୁଧୀର କୁମାର ପରିଡ଼ା)


ପାଣି ପଞ୍ଚାୟତ ବୈଠକରେ ଯୋଗଦେଇଥିବା ଅତିଥି ।

ଢେଙ୍କାନାଳ ଜିଲା କାମାକ୍ଷାନଗର ଜିରିଡାମାଳିଠାରେ ଥିବା ପାଣିପଞ୍ଚାୟତ କେନ୍ଦ୍ରଠାରେ ମଙ୍ଗଳବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ବୈଠକରେ ବିଭିନ୍ନ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କ ଅନୁପସ୍ଥିତ ଥିଲେ । ଫଳରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବିଧାୟକ ଏପରି ଅବ୍ୟବସ୍ଥାକୁ ନେଇ ବୈଠକ ମଝିରୁ ଉଠି ପଳାଇଥିଲେ । ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକ ଆରମ୍ଭ ହେବାର କିଛି ସମୟ ଭିତରେ ଘୋର ଅବ୍ୟବସ୍ଥାକୁ ନେଇ ଶେଷ ହୋଇଥିଲା ବୈଠକ । ଜିରିଡାମାଳି ସ୍ଥିତ ପାଣି ପଞ୍ଚାୟତ କେନ୍ଦ୍ରରେ କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ପାଣି ପଞ୍ଚାୟତର ପ୍ରତିନିଧି ଓ ଚାଷୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ମାତ୍ର ଏହି ବୈଠକରେ ବିଭିନ୍ନ ପାଣିପଞ୍ଚାୟତର ସଭାପତିଙ୍କଠାରୁ ଆରମ୍ଭ କରି ଚାଷୀମାନଙ୍କୁ ଜଳ ସମ୍ପଦ ବିଭାଗ ତରଫରୁ ନିମନ୍ତ୍ରଣ କରାଯାଇ ନ ଥିଲା, ଯାହାକୁ ନେଇ ସଭା ଆରମ୍ଭ ହେଉ ହେଉ ଉପସ୍ଥିତ କିଛି ପାଣି ପଞ୍ଚାୟତର ସଭାପତି ଓ ଚାଷୀ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଘେରିଥିଲେ । ସଭା ସ୍ଥଳରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଏହାକୁ ଦେଖି ପ୍ରଦୀପ ପ୍ରଜ୍ୱଳନ କରି ସାରିବା ପରେ କ୍ଷୁବ୍ଧ ହୋଇ ସଭାସ୍ଥଳରୁ ଉଠି ଚାଲିଯାଇଥିଲେ ।

କାମାକ୍ଷାନଗର ଉପଖଣ୍ଡରେ ରେଙ୍ଗାଳି କେନାଲ, ରାମିଆଳ କେନାଲରେ ଠିକ୍‌ରେ ପାଣି ଆସୁ ନ ଥିବା, କେନାଲ ଠିକରେ ସଫା କରାଯାଉ ନ ଥିବା ଯୋଗୁ ଚାଷୀମାନେ ବର୍ଷଯାକ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପାଣି ପଞ୍ଚାୟତ ବୈଠକରେ ବିନା ଚାଷୀରେ ହୋଇଥିବା ଏହି ଆୟୋଜନ ପ୍ରହସନ ପାଲଟିଥିବା କହିଛନ୍ତି ଉପସ୍ଥିତ ଚାଷୀ । ବିଭାଗୀୟ ଅଧିକାରୀ ଓ ଅନ୍ୟ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁ କାମାକ୍ଷାନଗରରେ ଚାଷୀ ଓ ଚାଷର ସମସ୍ୟା ଦେଖାଯାଇଥିବା ବେଳେ ବାର୍ଷିକ ପାଣି ପଞ୍ଚାୟତ ବୈଠକରେ ଚାଷୀଙ୍କ ଅନୁପସ୍ଥିତ ଯୋଗୁ ସଭାସ୍ଥଳରେ ପଡ଼ିଥିବା ଚେୟାର ଫାଙ୍କା ରହିଥିବା ଦେଖାଯାଇଥିଲା । ତେବେ ବିଧାୟକ ଯିବାପରେ ଢେଙ୍କାନାଳ ଜିଲା ଭାଜପା ସଭାପତି ରାସବିହାରୀ ବେହେରା ଘୋର ଅବ୍ୟବସ୍ଥାକୁ ନେଇ ବୈଠକକୁ ଅଧାରୁ ବନ୍ଦ କରାଇଥିବା ବେଳେ ବିଶୃଙ୍ଖଳା ଓ ଅବ୍ୟବସ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ କହିଛନ୍ତି । ସେହିପରି ବୈଠକରେ ଉପସ୍ଥିତ ଭାଜପା ଜିଲା ଉପସଭାପତି ସଞ୍ଜୟ କୁମାର ରାଉତ, ବରିଷ୍ଠ ଭାଜପା ନେତା ଲଳିତ କୁମାର ସାହୁ, ରବିନାରାୟଣ ସାହୁ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟକୁ ବୈଠକରେ ନିନ୍ଦା କରିଥିଲେ । ବୈଠକର ଆୟୋଜକ ତଥା ରେଙ୍ଗାଳି ବାମ କେନାଲ ଅଧୀକ୍ଷଣ ଯନ୍ତ୍ରୀ ଇଂ ଅମୀୟ କୁମାର ସାମଲ ବୈଠକରେ ଅବ୍ୟବସ୍ଥା ହୋଇଥିବା ନେଇ ପ୍ରକାଶ କରିଥିଲେ ।

# ଏକାଠି ହେଲେ ଅବିଭକ୍ତ ଢେଙ୍କାନାଳ ଜିଲାର ମୂଳନିବାସୀ

## 'ମାଟିର ମହୋତ୍ସବ'

ଭୁବନେଶ୍ୱର,୬।୧
(ସୌମ୍ୟରଞ୍ଜନ ରାଉତ)


ଅତିଥିମାନେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସମ୍ମାନିତ କରୁଛନ୍ତି ।

ଢେଙ୍କାନାଳ- ଅନୁଗୋଳ ଡେଭେଲପ୍‌ମେଣ୍ଟ ଆସୋସିଏଶନ ଭୁବନେଶ୍ୱର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ 'ମାଟିର ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଆସୋସିଏଶନ ସଭାପତି ଡ. କୃଷ୍ଣଚନ୍ଦ୍ର ଆଇଚ, ଅଧ୍ୟକ୍ଷ ତଥା ସ୍ୱର୍ଶ ହସ୍ପିଟାଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡା. ପ୍ରିୟବ୍ରତ ଧୀର, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ମିଶ୍ର, ଉପ ସାଧାରଣ ସମ୍ପାଦକ ଅମ୍ବୁଜ କୁମାର ଶତପଥୀ, କାର୍ଯ୍ୟକାରୀ ସଭାପତି ଧନେଶ୍ୱର ସାହୁ, କୋଷାଧ୍ୟକ୍ଷ ସର୍ବେଶ୍ୱର ବରାଳ, ସଙ୍ଗଠନ ସମ୍ପାଦକ ପ୍ରଦ୍ୟୋତ୍ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ସଭାପତି ଡ. ଆଇଚ କହିଲେ, ଏହି ମାଟିର ସଂଗ୍ରାମୀ ତଥା ବରପୁତ୍ର ବାଜି ରାଉତ, ବ୍ରଜନାଥ ବଡ଼ଜେନା, ସାରଙ୍ଗଧର ଦାସ, ବୀର ବୈଷ୍ଣବ ପଟ୍ଟନାୟକ, ରାଧାମୋହନ ଗଡ଼ନାୟକ, ମାଳତୀ ଚୌଧୁରୀ, ନନ୍ଦିନୀ ଶତପଥୀ, ମହେଶ ଚନ୍ଦ୍ର ସୁବାହୁସିଂହ, ମୃଷା ମଳିକ ଏବଂ ବ୍ରଜ କିଶୋର ଧଳ ଅବିଭକ୍ତ ଢେଙ୍କାନାଳ ଜିଲାକୁ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜିଲାର ବିକାଶକୁ ତ୍ୱରାନ୍ୱିତ କରିବା ସହ ଭାଇଚାରାକୁ ସୁଦୃଢ଼ ରଖିବାକୁ ଅନୁଷ୍ଠାନ ପ୍ରତିଜ୍ଞାବଦ୍ଧ । ପୃଥିବୀର କୋଣ ଅନୁକୋଣରେ ଅବସ୍ଥାପିତ ଅବିଭକ୍ତ ଢେଙ୍କାନାଳ ଜିଲାର ମୂଳନିବାସୀଙ୍କୁ ଏକାଠି କରିବାର ଏହା ଏକ କ୍ଷୁଦ୍ର ପ୍ରୟାସ । ଅବିଭକ୍ତ ଢେଙ୍କାନାଳ ଜିଲାର ପୁରାତନ ଐତିହ୍ୟ ଓ ପୀଠ ସମୂହର ପ୍ରସାର ସହ ଏହାର କଳାକାରିଗରିକୁ ଜନାଭିମୁଖୀ କରିବା ଅନୁଷ୍ଠାନର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ । ଏହି ଅବସରରେ ପଦ୍ମଶ୍ରୀ ଡ. ଆଦିତ୍ୟ ପ୍ରସାଦ ଦାସ, ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, ପଦ୍ମଶ୍ରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ର, ଚଳଚ୍ଚିତ୍ର ପ୍ରଯୋଜକ ରମେଶ ଚନ୍ଦ୍ର ବାରିକ, ପରିବେଶବିତ୍ ରତିକାନ୍ତ ଗଡ଼ନାୟକଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ସ୍ୱର୍ଣ୍ଣିମା' ଲୋକାର୍ପିତ ହୋଇଥିଲା । ଉତ୍ସବରେ ଢେଙ୍କାନାଳର ପ୍ରସିଦ୍ଧ 'ବରା' ମହୋତ୍ସବରେ ମୁଖ୍ୟ ଆକର୍ଷଣ ଥିଲା ।

# 'କବି ହରମୋହନ ଦାଶ ଥିଲେ ଆଦର୍ଶ ଶିକ୍ଷାବିତ୍'


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ଢେଙ୍କାନାଳ,୬।୧(ରତନ ନାୟାର)

ଢେଙ୍କାନାଳ ଜିଲା ଲେଖକ ସଂସଦ ଓ ଢେଙ୍କାନାଳ ଥିଏଟର୍ସ ଫୋରମର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କବି ହରମୋହନ ଦାଶଙ୍କ ୧୦୦ତମ ଜୟନ୍ତୀ ଶାନ୍ତିକ୍ଷ ବସନ୍ତ ଭବନ ପରିସରରେ ସଂସଦର ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରଜନୀକାନ୍ତ ରଥ ଯୋଗଦାନ କରି ହରମୋହନ ଦାଶ ଏକାଧାରରେ ଜଣେ କବି, ଗାଳ୍ପିକ, ପ୍ରାବନ୍ଧିକ ଓ ଜଣେ ଆଦର୍ଶ ଶିକ୍ଷାବିତ୍ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଜର୍ଜ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ କହିଥିଲେ ଯେ ହରମୋହନ ଦାଶଙ୍କର ଉଚ୍ଚକୋଟୀର ଲେଖା ପାଇଁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ଏହି ଅବସରରେ କବି ଯୋଗୀନାଥ ଫୋରମ୍‌ର ସଭାପତି ପ୍ରକାଶ ଚନ୍ଦ୍ର ରାଉତଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ 'ଊର୍ମିଳା' ଲୋକାର୍ପଣ କରାଯାଇଥିଲା । କବି ରଶ୍ମି ମହାପାତ୍ରଙ୍କ ଦ୍ୱାରା ରଚିତ ପୁସ୍ତକ 'ଅସମ୍ପୂର୍ଣ୍ଣ ବୁଦ୍ଧ' ଉନ୍ମୋଚନ କରାଯାଇଥିଲା । ସମ୍ମାନିତ ବକ୍ତା ଭାବେ ସୋମେନ୍ଦ୍ର ଶତପଥୀ ଓ ହୃଦାନନ୍ଦ ଦ୍ୱିବେଦୀ ହରମୋହନ ଦାଶଙ୍କ ସାହିତ୍ୟକୃତି ଓ କବି ଯୋଗୀନାଥ ରାଉଳ ପୁସ୍ତକ ସମ୍ବନ୍ଧରେ ଆଲୋଚନା କରିଥିଲେ । ପ୍ରଥମ ଅଧିବେଶନରେ ରବିନାରାୟଣ ସାହୁଙ୍କ ସଭାପତିତ୍ୱରେ ଏବଂ ବୈଜୟନ୍ତୀ ପଟ୍ଟନାୟକ, ବୈକୁଣ୍ଠ ନାଥ ଦ୍ୱିବେଦୀ ଓ ନିବେଦିତା ରଥ ସଂଯୋଜନାରେ ୫୬ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲେଖକ ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁଶୀଲ କୁମାର ନନ୍ଦ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଚାଉଳିଆ ପଞ୍ଚାୟତରେ ଆଇନ ସଚେତନତା ଶିବିର

ଢେଙ୍କାନାଳ,୬।୧(ରତନ ନାୟାର)



ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି ।

ଢେଙ୍କାନାଳ ଜିଲା ସଦର ବ୍ଲକ ଚାଉଳିଆ ଗ୍ରାମପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟଠାରେ ମଙ୍ଗଳବାର ଜିଲା ଆଇନସେବା ପକ୍ଷରୁ ଏକ ଆଇନ ସଚେତନତା ଶିବିର ଆୟୋଜିତ ହୋଇଥିଲା । ଜିଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ଶିବିରରେ ଅଧ୍ୟକ୍ଷତା କରି ବାଲ୍ୟ ବିବାହ ନିବାରଣ ଆଇନ, ନିଶା ନିବାରଣ ଆଇନ, ପରିବେଶ ସୁରକ୍ଷା ଆଇନ ଉପରେ ସୂଚନା ଦେବା ସହ ଜନସାଧାରଣଙ୍କର ଆଇନଗତ ଅଧିକାର ଉପରେ ଆଲୋକପାତ କରିଥିଲେ । ଉପସ୍ଥିତ ଥିବା ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ଆଇନ ଉପରେ ସଚେତନ ହେବା ସହ ନିଜ ସମ୍ପର୍କରେ ଆସୁଥିବା ବ୍ୟକ୍ତିମାନଙ୍କୁ ସଚେତନ କରିବାକୁ ଆହ୍ୱାନ ଦେଇଥିଲେ । କେଉଁ କେଉଁ ବର୍ଗର ବ୍ୟକ୍ତିବିଶେଷମାନେ ମାଗଣାରେ ଆଇନ ସହାୟତା ପାଇପାରିବେ, ସେ ସମ୍ପର୍କରେ ମଧ୍ୟ ବୁଝାଇଥିଲେ । ଡିଏସ୍‌ପି ସନ୍ଧ୍ୟାରାଣୀ ବେଉରିଆ ଏକ ସୁସ୍ଥ ସମାଜ ଗଠନ ପାଇଁ ନିଶା ନିବାରଣକୁ ଗୁରୁତ୍ୱ ଦେବା ସହ ପରିବେଶର ସୁରକ୍ଷା, ବାଲ୍ୟବିବାହର ଅପକାରିତା ଓ ରୋକିବା ଦିଗରେ ଜନସାଧାରଣଙ୍କ ପ୍ରମୁଖ କର୍ତ୍ତବ୍ୟ ରହିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରା, ବାଲ୍ୟ ବିବାହ ନିବାରଣ ଆଇନ, ନିଶା ନିବାରଣ ଓ ପରିବେଶ ସୁରକ୍ଷା ଆଇନ ଉପରେ ଆଲୋକପାତ କରିଥିଲେ । ଆଇନ ଉଲ୍ଲଂଘନ କଲେ ବିଧିବ୍ୟବସ୍ଥାରେ ଥିବା ଜେଲଦଣ୍ଡ ଓ ଅର୍ଥରାଶି ଜରିମାନା ଆଦି ପ୍ରାବଧାନ ଉପରେ ସୂଚନା ଦେଇଥିଲେ । ସହ ନିର୍ଦ୍ଦେଶିକା ମଧୁସ୍ମିତା ଦାସ ପ୍ରଥମେ ନିଜ ପରିବାରରୁ ସଚେତନତା ଆରମ୍ଭ କରିବାକୁ ମତ ରଖିଥିଲେ । ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବାବୁଲି ଚନ୍ଦ୍ର ରାଉତ ଯୋଗ ଦେଇଥିଲେ । ପ୍ରାଧିକରଣର କର୍ମଚାରୀ ଦୁଃଖବନ୍ଧୁ ସାହୁ, ରାମଚନ୍ଦ୍ର ସାମଲ, ପିଏଲ୍‌ଭି ଅନୁପ ନାୟକ, ପ୍ରଫୁଲ୍ଲ ନାୟକ, ବିପ୍ରବର ବେହେରା, ନାସମା ବେଗମ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ବ୍ଲକସ୍ତରୀୟ ଟେଷ୍ଟ ମାଲିକ ସଂଘ ବାର୍ଷିକ ସମ୍ମିଳନୀ

ପରଜଙ୍ଗ,୬।୧
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଏବଂ କଙ୍କଡ଼ାହାଡ଼ ବ୍ଲକରେ କାର୍ଯ୍ୟ କରୁଥିବା ସମସ୍ତ ଟେଷ୍ଟ ମାଲିକଙ୍କୁ ନେଇ ଗଢ଼ା ହୋଇଥିବା ଜଗନ୍ନାଥ ଟେଷ୍ଟ ହାଉସ ସଂଘର ୩ୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କଙ୍କଡ଼ାହାଡ଼ ବ୍ଲକର ୧୦ ପଞ୍ଚାୟତ ଓ ପରଜଙ୍ଗ ବ୍ଲକର ୨୯ ପଞ୍ଚାୟତର ସମସ୍ତ ଟେଷ୍ଟ ହାଉସ ମାଲିକ ଯୋଗଦେଇଥିଲେ । ସଂଘ ସଭାପତି ବିନୟ କୁମାର ଦଳବେହେରା ପୁନର୍ବାର ସଭାପତି ନିର୍ବାଚିତ ହୋଇଥିଲେ । ଉପସଭାପତି ଭାବେ କଙ୍କଡ଼ାସୋଡ଼ା ଗ୍ରାମର ରବି ନାରାୟଣ ସାହୁ, ସମ୍ପାଦକ ପ୍ରତାପଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଭାବେ ଅମୂଲ୍ୟ କୁମାର ମହାଳିକଙ୍କୁ ମନୋନୀତ କରାଯାଇଥିଲା । ପରଜଙ୍ଗ ବିକାଶ ନାୟକ, କନ୍ଦର୍ପସିଂହ ଗୁପ୍ତରୁ ସାନ୍ତୁ ବାବୁ, ସାଆନ୍ଦା ଗୁପ୍ତରୁ ବାବୁବାବୁ, ସରାଙ୍ଗ ଗୁପ୍ତରୁ ବିନୟ ବେହେରା, ଗଡ଼ପଳାଶୁଣି ଗୁପ୍ତରୁ ସିପୁନ ଭୋଇ, ଦଦରାଘାଟି ଗୁପ୍ତରୁ ଶ୍ରୀକାନ୍ତ ସାହୁ ଓ ଅଜିତ କୁମାର ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା ।


ଜଗନ୍ନାଥ ଟେଷ୍ଟ ହାଉସ ସଂଘର ୩ୟ ବାର୍ଷିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ।

# ଓପିଏସ୍ ମହାବିଦ୍ୟାଳୟ ଇତିହାସ ବିଭାଗରେ ପାଠଚକ୍ର



ପାଠଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ ।

ଓଡ଼ାପଡ଼ା, ୬।୧ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲାର ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଇତିହାସ ବିଭାଗରେ 'ଭାରତ: ବ୍ରିଟିଶ ଉପନିବେଶରୁ ବିକଶିତ ଭାରତ' ଶୀର୍ଷକ ଏକଦିବସୀୟ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜାତୀୟ ସମ୍ମାନରେ ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ପ୍ରଫେସର ଡ. ଯଯାତି କେଶରୀ ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିକଶିତ ଭାରତ ଗଠନ ସମ୍ପର୍କରେ ଆଲୋଚନା କରିଥିଲେ । ରାଜୀବଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବଦ୍ୟାଳୟ, ଅରୁଣାଚଳ ପ୍ରଦେଶର ପ୍ରଫେସର ଡ. ପ୍ରଶାନ୍ତ କୁମାର ନାୟକ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ.ମଧୁସ୍ମିତା ରାଉତ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ପ୍ରଫେସର ପ୍ରଶାନ୍ତ କୁମାର ନାୟକ ଉପନିବେଶବାଦ ସମ୍ପର୍କରେ ଆଲୋଚନା କରିଥିବାବେଳେ ପ୍ରଫେସର ମଧୁସ୍ମିତା ରାଉତ ଡିଜିଟାଲ ଭାରତ ସମ୍ପର୍କରେ ଆଲୋଚନା କରିଥିଲେ । ସଭାପତି ଡ. ଶମ୍ଭୁପ୍ରସାଦ ପ୍ରଧାନ 'ବିକଶିତ ଭାରତ ଗଠନରେ ଯୁବଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି' ବୋଲି ବକ୍ତବ୍ୟରେ କହିଥିଲେ । ବିଭାଗମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ବିଷୟ ପ୍ରବେଶ କରାଇଥିଲେ । ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବେଳେ ଅଧ୍ୟାପକ ଡ. ବଳରାମ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଜନତା ମହାବିଦ୍ୟାଳୟର ଅଧ୍ୟାପିକା ସଂଯୁକ୍ତା ବେହେରା ଏବଂ କାମାକ୍ଷାନଗର ମହାବିଦ୍ୟାଳୟର ଅଧ୍ୟାପିକା ସସ୍ମିତା ଦାସଙ୍କ ସମେତ ଅନ୍ୟାନ୍ୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଗବେଷିକା ଓ ଗବେଷକ ଯୋଗଦେଇ ପ୍ରବନ୍ଧ ଉପସ୍ଥାପନ କରିଥିଲେ । କିଶୋରନଗର ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଜୟକିଶୋର ପ୍ରଧାନ ପ୍ରବନ୍ଧଗୁଡ଼ିକର ସମୀକ୍ଷା କରିଥିଲେ । ଇତିହାସ ବିଭାଗର ପୂର୍ବତନ ପ୍ରାଧ୍ୟାପକ ଡ.ରମେଶ ପ୍ରସାଦ ମିଶ୍ର ଓ କିଶୋର ନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ସମ୍ମାନରେ ଅଂଶଗ୍ରହଣ କରିଥିଲେ । ଅଧ୍ୟାପକ କ୍ୟାପଟେନ ଅକ୍ଷୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଓପିଏସ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ ।

# ଘର ଭାଙ୍ଗିବାକୁ ସର୍ଭେ ନେଇ ଅସନ୍ତୋଷ

ବଅଁରପାଳ,୬।୧(ସୁବାସ ସାହୁ)

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ ପାଇଁ ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଠାରୁ ସନ୍ତ୍ରୀଛକ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ହୋଇ ନ ଥିବାବେଳେ ରାଜପଥ ପାର୍ଶ୍ୱରେ ଥିବା ଘରଗୁଡ଼ିକୁ ଭାଙ୍ଗିବାକୁ ସର୍ଭେ କରାଯାଉଥିବାରୁ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି । ଏ ନେଇ ବଅଁରପାଳ ଅଞ୍ଚଳବାସୀ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଞ୍ଚଳବାସୀ ଉଲ୍ଲେଖ କରିଛନ୍ତି, ସନ୍ତ୍ରୀଛକ ଠାରୁ ବଅଁରପାଳ ପର୍ଯ୍ୟନ୍ତ ପ୍ରାୟ ୧୪୪ ପ୍ଲଟକୁ ନୋଟିସ ଜାରି ହୋଇ ନ ଥିବାବେଳେ ଘର ଭାଙ୍ଗିବା ଆକଳନ ଆରମ୍ଭ କରାଯାଇଛି । ଏନ୍‌ଏଚ୍‌ଏଆଇ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସର୍ଭେ କାମରେ ନିୟୋଜିତ କରାଯାଇଥିବା ବେଳେ ସେମାନେ ଠିକ୍ ଭାବେ ସର୍ଭେ କରୁନାହାନ୍ତି । ତେଣୁ ଜଣେ ସିଭିଲ ଇଞ୍ଜିନୟରଙ୍କ ଦ୍ୱାରା ମାପଚୁପ କରାଯାଉ । ନଚେତ୍ ଅନେକ କ୍ଷତିଗ୍ରସ୍ତ ଉପଯୁକ୍ତ କ୍ଷତିପୂରଣରୁ ବଞ୍ଚିତ ହେବେ । ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଲେ ଏମ୍‌ପି


ମୃତକଙ୍କ ପରିବାରକୁ ଭେଟୁଛନ୍ତି ଢେଙ୍କାନାଳ ଏମ୍‌ପି ।

ଓଡ଼ାପଡ଼ା, ୬।୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଓଡ଼ାପଡ଼ା ପଞ୍ଚାୟତ ୭ ନମ୍ବର ୱାର୍ଡର ପୂର୍ବତନ ୱାର୍ଡମେମ୍ବର୍ ତଥା ୱାର୍ଡ଼ମେମ୍ବରଙ୍କ ସ୍ୱାମୀ ନରୋତ୍ତମ ସ୍ୱାଇଁ(୪୫)ଙ୍କ ବିୟୋଗ ଘଟିଛି । ସେ ଭାରତୀୟ ଜନତା ପାର୍ଟିର ଜଣେ ଦୃଢ଼ କର୍ମୀକର୍ତ୍ତା, ସମାଜସେବୀ, ପର ଉପକାରୀ ବ୍ୟକ୍ତି ଥିଲେ । ତାଙ୍କର ଅକାଳ ବିୟୋଗ ଖବର ପାଇଁ ଏମ୍‌ପି ରୁଦ୍ରନାରାୟଣ ପାଣି ତାଙ୍କ ପରିବାରକୁ ଭେଟିଛନ୍ତି । ଓଡ଼ାପଡ଼ା ଭାଜପା ଜଣେ ଜଣେ ଦୃଢ଼ ସମର୍ଥକ ହରାଇ ଅଛି ବୋଲି ଏମପି ପାଣି କହିଛନ୍ତି । ନୂଆ ଓଡ଼ାପଡ଼ା ଗ୍ରାମର ପନ୍ଦାରୀ ପୃଷ୍ଟି (୯୫)ଙ୍କ ପରଲୋକ ଘଟିଥିଲା । ଏହି ଖବର ପାଇ ସାଂସଦ ରୁଦ୍ରନାରାୟଣ ପାଣି ଓଡ଼ାପଡ଼ା ଗ୍ରାମକୁ ଯାଇ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି । ତାଙ୍କ ସହିତ ଭାଜପା ନେତା ମନୋଜ କୁମାର ମହାରଣା, ରଣଜିତ ନାୟକ, ତପନ ମହାପାତ୍ର, ପ୍ରଦିପ କୁମାର ପଟ୍ଟନାୟକ, ସମରଜିତ ପଟ୍ଟନାୟକ, ମଂଜୁଲତା ସାହୁ, ସନ୍ତୋଷ ନାଏକ, ଶିବଶକ୍ତି ମହାନ୍ତି, ସୁଲେଖା ସ୍ୱାଇଁ ଏବଂ ଅନ୍ୟାନ୍ୟ କର୍ମୀମାନେ ଉପସ୍ଥିତ ଥିଲେ ।

# ଖୋଖୋ ସବ୍ ଜୁନିୟର ବାଳିକା ବିଭାଗ ଚୟନରେ ଅନିୟମିତତା ଅଭିଯୋଗ

ଢେଙ୍କାନାଳ,୬।୧(ରତନ ନାୟାର)

କେଉଁଝର ବିଏନ୍ ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଥିବା ରାଜ୍ୟସ୍ତରୀୟ ୧୪ବର୍ଷରୁ କମ୍ ସ୍କୁଲ ଖୋଖୋ ପ୍ରତିଯୋଗିତାର ବାଳିକା ବିଭାଗରେ ଢେଙ୍କାନାଳର ୧୪ବର୍ଷରୁ କମ୍ ବାଳିକା ଖୋଖୋ ଦଳ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ଢେଙ୍କାନାଳ ଦଳ ରନର୍ସଅପ୍ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । କିନ୍ତୁ ରାଜ୍ୟ ଦଳ ଚୟନରେ ଢେଙ୍କାନାଳ ଦଳରୁ ମାତ୍ର ଜଣେ ଖେଳାଳିଙ୍କୁ ଚୟନ କରାଯାଇଥିଲା । ଏହାକୁ ନେଇ ଖେଳାଳିମାନଙ୍କର ଅଭିଭାବକମାନେ ତୀବ୍ର ପ୍ରତିବାଦ ଓ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏ ସଂକ୍ରାନ୍ତରେ ପଦକ୍ଷେପ ନେବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ମଙ୍ଗଳବାର ଲିଖିତ ଭାବରେ ଜଣାଇଛନ୍ତି । ଅଭିଯୋଗରୁ ଜଣାପଡିଛି ଯେ, ଢେଙ୍କାନାଳ ଫାଇନାଲ ମ୍ୟାଚରେ ରନର୍ସଅପ୍ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଏହି ଦଳରୁ ପ୍ରାୟ ୨ରୁ ୩ଜଣ ଖେଳାଳୀ ରାଜ୍ୟ ଦଳରେ ଚୟନ ହେବା ଉଚିତ । କିନ୍ତୁ ଜଣେ ମାତ୍ର ଖେଳାଳି ଚୟନ ହୋଇଥିବାରୁ ଚୟନରେ ଅନିୟମିତତା ହୋଇଛି ବୋଲି ଅଭିଭାବକଙ୍କ ମଧ୍ୟରେ ରଞ୍ଜନ କୁମାର ସାହୁ, ଅଶୋକ ସ୍ୱାଇଁ, ସତ୍ୟବାନ ପାତ୍ର, ସମରେନ୍ଦ୍ର ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ପରେଶଚନ୍ଦ୍ର ପାତ୍ର କୁହନ୍ତି ଯେ, ଏହା ରାଜ୍ୟସ୍ତରୀୟ ପ୍ରତିଯୋଗିତା । ଅଭିଭାବକ ମାନଙ୍କର ଅଭିଯୋଗ ଆମେ ପାଇଛୁ । ଏ ସମ୍ପର୍କରେ ପଦକ୍ଷେପ ନେବା ପାଇଁ ପ୍ରୟାସ କରିବୁ ।

# ହିନ୍ଦୋଳରେ ବିଧାୟିକାଙ୍କ ଦ୍ୱାରା ଶୀତବସ୍ତ୍ର ବଣ୍ଟନ

ରାସୋଳ, ୬।୧ (ସରୋଜ ମିଶ୍ର)

ହିନ୍ଦୋଳ ବ୍ଲକ ଅନ୍ତର୍ଗତ କେତେକ ଅଞ୍ଚଳରେ ଅସହାୟ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବିଧାୟିକା ଶୀତବସ୍ତ୍ର ବଣ୍ଟନ କରିଛନ୍ତି । ନବକିଶୋରପୁର, ଫାସିଗାଁ, କାଳିପୋଇ, ଆଲୁସିଂ, ଖଇରାବାହାଳି, କୁକୁଟା ପଞ୍ଚାୟତରେ ଦଳିତ ବସ୍ତିରେ ବିଧାୟିକା ଶୀତବସ୍ତ୍ର କମ୍ବଳ ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଢେଙ୍କାନାଳ ଏମପି ରୁଦ୍ରନାରାୟଣ ପାଣିଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହାନ୍ତ, ସରପଞ୍ଚ ରୋଜାଲିନ ସାମଲ, ସୁନିଲ ସ୍ୱାଇଁ, ଦିବାକର ନାଏକ, ନର୍ମଦା ସେଠୀ, ସୁପ୍ରିମଞ୍ଜରୀ ସାହୁ, ଗିରିଷ ସେଠୀ, ଅଶୋକ ରାଉତ, ପ୍ରବୋଧ ପ୍ରଧାନ, ସନ୍ତୋଷ ନାଏକ, ଇନ୍ଦ୍ରମଣୀ ମାଝୀ, ବିରବର ରାଉତ, ଚିତ୍ରସେନ ସାମଲ, ନିରଞ୍ଜନ ବେହେରା, ଖଜୁରିଆକଟା ବଜାର ସଭାପତି ଲୋଚନ ସାହୁ, ବିଷ୍ଣୁ ଗଡତିଆ, ବିଷ୍ଣୁ ସାହୁ, ଲିଙ୍ଗରାଜ ସାହୁ, ସୁରେଶ ନାଏକ, ଅଭିମନ୍ୟୁ ସାହୁ, ପ୍ରସନ୍ନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଯାତ୍ରା ଖଳନାୟକ ଜ୍ଞାନ ରଞ୍ଜନଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଭୁବନ, ୬।୧
( ବିପିନ ବିହାରୀ ସେଠୀ)




ଓଡ଼ିଶା ଯାତ୍ରା ଜଗତର ବରିଷ୍ଠ ଖଳନାୟକ ଢେଙ୍କାନାଳ ଜିଲା ଭୁବନର ଜ୍ଞାନ ରଞ୍ଜନ ସାହୁଙ୍କ ବିୟୋଗରେ ଭୁବନ କଳା ପରିଷଦ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଭୁବନ କଳା ପରିଷଦ ଓ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କ ସହିତ କଳାକାରମାନେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସାହୁଙ୍କ ବିୟୋଗ ଭୁବନ କଳାକାରମାନଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଆଲୋଚନା ହୋଇଥିଲା । ଏହି ଅବସରରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା ।

केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ,** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(୨୦୦୨ର ଆକ୍ଟ ୫୪ ) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ନିୟମ ୨୦୦୨ ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ । ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତି ଦଖଲ କରିଛନ୍ତି । ଏତଦ୍ ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ଦାଣ୍ଡିସାହି ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେମାନେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩(୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
| --- | --- |
| **ଦାଣ୍ଡିସାହି ଶାଖା** (୧)ମେସର୍ସ ନିଉ ମା ତାରିଣୀ ମେଡିସିନ୍ ଷ୍ଟୋର (ଋଣଗ୍ରହୀତା), ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ କୁମାର ମଲ୍ଲିକ, (୨)ଶ୍ରୀ ପ୍ରଦୀପ କୁମାର ମଲ୍ଲିକ (ଋଣଗ୍ରହୀତା/ ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, (୩)ଶ୍ରୀ ଦିଲିପ କୁମାର ମଲ୍ଲିକ (ଋଣଗ୍ରହୀତା/ବନ୍ଧକଦାତା), ପିତା: ସମ୍ଭୁନାଥ ମଲ୍ଲିକ, ସମସ୍ତଙ୍କ ଠିକଣା: ସା/ପୋ- ଅଣ୍ଡରା, ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା- ୭୫୪୨୧୦ । | (କ)**ଶ୍ରୀ ପ୍ରଦୀପ କୁମାର ମଲ୍ଲିକ** ଏବଂ **ଶ୍ରୀ ଦିଲ୍ଲୀପ କୁମାର ମଲ୍ଲିକ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ଅଣ୍ଡରା, ଏସ୍‌ଆରଓ/ତହସିଲି/ଥାନା : ପଟ୍ଟାମୁଣ୍ଡାଇ, ଥାନା ନଂ.୨, ଜିଲ୍ଲା: କେନ୍ଦ୍ରାପଡା, କିସମ: ଘରବାରୀ, ମ୍ୟୁଟେସନ ଏବଂ କନ୍‌ଭରସନ୍ ଖାତା ନଂ.୧୨୧୭/୧୦୧, ପ୍ଲଟ ନଂ.୨୩୭୨, ଏରିଆ: ଏ୦.୦୬୦ ଡିସିମିଲି, ଏବଂ ପ୍ଲଟ ନଂ.୨୩୭୨/୬୫୮୭, ଏରିଆ : ଏ୦.୦୬୦ ଡିସିମିଲି, ସମୁଦାୟ ଏରିଆ: ଏ୦.୧୨୦ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୩୭୨ ର ବଳକା ଅଂଶ, ଦକ୍ଷିଣ- ରାସ୍ତା, ପୂର୍ବ- ବାଲାଜି ଓଝା, ପଶ୍ଚିମ- ହୃଷିକେଶ ବାରିକ । /(ଖ)୩୦.୧୦.୨୦୨୫/ (ଗ)୦୬.୦୧.୨୦୨୬/(ଘ)୩୦.୧୦.୨୦୨୫ ସୁଦ୍ଧା ଟ.୧୬,୧୬,୧୪୮.୩୩ (ଷୋହଳ ଲକ୍ଷ ଷୋହଳ ହଜାର ଏକ ଶହ ଅଠଚାଳିଶି ଟଙ୍କା ତେତିସି ପଇସା ମାତ୍ର) ତତ୍ ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ । |

ତାରିଖ: ୦୬.୦୧.୨୦୨୬, ସ୍ଥାନ: କଟକ
କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ


ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୭/୨୦୨୬ Bhubaneswar, Wednesday, January 7/ 2026




# ସିଏମ୍ ଟ୍ରଫି: କବାଡ଼ି, ଖୋ ଖୋ, ଭଲିବଲ ସାମିଲ

ଭୁବନେଶ୍ୱର, ୬।୧ (ତପନ ସ୍ୱାଇଁ)

ତୃଣମୂଳ ସ୍ତରରୁ ପ୍ରତିଭା ଅନ୍ୱେଷଣ ଏବଂ କ୍ରୀଡ଼ାର ବିକାଶ ଉଦ୍ଦେଶ୍ୟରେ ଗତବର୍ଷ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ସିଏମ୍ ଟ୍ରଫିର ଦ୍ୱିତୀୟ ସଂସ୍କରଣଲାଗି କ୍ଷେତ୍ର ପ୍ରସ୍ତୁତ। ପ୍ରତିଭା ଅନେକ ଲକ୍ଷ୍ୟ ଏକ ସଂକଳ୍ପ ସହ ୨୦୨୫ରେ ସଫଳତାର ସହ ସମ୍ପର୍ଣ୍ଣ ହୋଇଥିବା ଏହି ପ୍ରତିଯୋଗିତା ଏଥର 'ପଡ଼ିଆରୁ ପୋଡିୟମ' ଲକ୍ଷ୍ୟରେ ଆୟୋଜନ ହେବ। ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ କେବଳ ବାଳକ ଫୁଟବଲକୁ ସାମିଲ କରାଯାଇଥିଲା।



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ ନିର୍ଦ୍ଦେଶକ ୟେଦୁଲା ବିଜୟ।

- ଫୁଟବଲକୁ ମିଶାଇ ୪ ଇଭେଣ୍ଟରେ ହେବ ପ୍ରତିଯୋଗିତା
- ୩୨,୦୦୦ରୁ ଅଧିକ ଯୁବ ଖେଳାଳିଙ୍କ ଅଂଶଗ୍ରହଣ ସମ୍ଭାବନା
- ଜାନୁଆରୀ ୭ରୁ ୧୪ ପଞ୍ଜୀକରଣ ପ୍ରକ୍ରିୟା

ଏଥର ଏଥିରେ ଭଲିବଲ ଏବଂ ୨ଟି ସ୍ୱଦେଶୀ କ୍ରୀଡ଼ା କବାଡ଼ି ଓ ଖୋ ଖୋକୁ ସାମିଲ କରାଯାଇଛି। ତୃଣମୂଳ ସ୍ତରରୁ ପ୍ରତିଭାବାନ ଖେଳାଳିଙ୍କୁ ଚୟନ କରି ସେମାନଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଏହି ଅଭିନବ ପ୍ରୟାସର ମୂଳ ଲକ୍ଷ୍ୟ। ଏହି ପ୍ରତିଯୋଗିତା ମାଧ୍ୟମରେ ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ାବିତ୍‌ମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ସୁଦୃଢ଼ ମଞ୍ଚ ପ୍ରଦାନ କରାଯାଇ ପାରିବ ବୋଲି ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ରାଜ୍ୟ କ୍ରୀଡ଼ା ସଂଘ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥର ଉଭୟ ବାଳିକା ଓ ବାଳକ ବର୍ଗରେ ପ୍ରତିଯୋଗିତା ହେବ, ଯାହା କ୍ରୀଡ଼ା କ୍ଷେତ୍ରରେ ସମାନତା ଏବଂ ସମାବେଶୀ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଗତବର୍ଷ ପ୍ରଥମ ସଂସ୍କରଣରେ କେବଳ ବାଳକ ଫୁଟବଲରେ ପ୍ରତିଭା ଅନ୍ୱେଷଣ ହୋଇଥିଲା। ଏଥର ଉଭୟ ବାଳିକା ଓ ବାଳକ ବର୍ଗରେ ୧୪ ବର୍ଷରୁ କମ୍ ବଲିବଲ, ୧୫ ବର୍ଷରୁ କମ୍ ଫୁଟବଲ ଏବଂ ୧୪ ବର୍ଷରୁ କମ୍ ଭଲିବଲ ଓ ଖୋ ଖୋକୁ ସାମିଲ କରାଯାଇଛି।

ପ୍ରତିଯୋଗିତା ବହୁସ୍ତରୀୟ ପ୍ରକ୍ରିୟାରେ ପରିଚାଳିତ ହେବ। ପ୍ରଥମେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାଙ୍କୁ ଚୟନ କରାଯାଇ ଜିଲାସ୍ତର, ଜୋନାଲ୍ ଏବଂ ଶେଷରେ ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ୨୦୨୬ ଜାନୁଆରୀ ୭ରୁ ୧୪ ମଧ୍ୟରେ ଆଶାୟୀ କ୍ରୀଡ଼ାବିତ୍‌ମାନେ ସିଏମ୍ ଟ୍ରଫି ଚାମ୍ପିୟନଶିପ୍ ପାଇଁ ପଞ୍ଜୀକରଣ କରିପାରିବେ। ମେଧା ଭିତ୍ତିରେ ଜିଲା ସ୍ତରରେ ବାଳକ ବର୍ଗରେ ୧୦ଟି ଏବଂ ବାଳିକା ବର୍ଗରେ ୬ଟି ଟିମ୍ ଗଠନ କରାଯିବ। ସମଗ୍ର ରାଜ୍ୟରୁ ପ୍ରାୟ ୫୦୦ଟି ଦଳ ଏବଂ ୩୨,୦୦୦ ଯୁବ କ୍ରୀଡ଼ାବିତ୍ ଏଥିରେ ସାମିଲ ହେବା ଆଶା କରାଯାଉଛି। ପ୍ରତିଯୋଗିତା ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଜାନୁଆରୀ – ଫେବୃଆରୀ ମଧ୍ୟରେ ହେବାପରେ ଦ୍ୱିତୀୟ ପର୍ଯ୍ୟାୟ ମେ' ମାସରୁ ଆରମ୍ଭ ହେବ। ସେମିଫାଇନାଲ୍ ଏବଂ ଫାଇନାଲ୍ ଗୁଡ଼ିକ ମେ'ରେ ଆୟୋଜନ କରାଯିବାର ଲକ୍ଷ୍ୟ ରଖାଯାଇଛି। ରାଜ୍ୟ କ୍ରୀଡ଼ା ସଂଘଗୁଡ଼ିକ ଖେଳାଳିଙ୍କ ପଞ୍ଜୀକରଣ, ଟ୍ରାଏଲ୍ ପରିଚାଳନା, ବୈଷୟିକ ଅଧିକାରୀଙ୍କ ନିଯୁକ୍ତି ଏବଂ ମ୍ୟାଚ୍ ଆୟୋଜନ ପରି ବୈଷୟିକ ଦିଗଗୁଡ଼ିକର ଦାୟିତ୍ୱ ନେବେ। କ୍ରୀଡ଼ା ଓ ଯୁବ ସେବା ବିଭାଗ ସମଗ୍ର କାର୍ଯ୍ୟକ୍ରମର ଯୋଜନା ଏବଂ ପରିଚାଳନା ଦିଗ ଉପରେ କାର୍ଯ୍ୟ କରିବେ। ଓଡ଼ିଶାର ଏହି "ସିଏମ୍ ଟ୍ରଫି ଚାମ୍ପିୟନଶିପ" ଆଗାମୀ ଦିନରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଉପସ୍ଥିତ ଥିଲେ।

# ଅପରାଜିତାଙ୍କୁ ଆଉ ଏକ ଗୁରୁଦାୟିତ୍ୱ

ଭୁବନେଶ୍ୱର, ୬।୧ (ତପନ ସ୍ୱାଇଁ)

## ଟାଟା ଷ୍ଟିଲ୍ ଚେସ୍‌ରେ ଫେୟାର ପ୍ଲେ ଅଫିସର

ଚଳିତ ମାସ ୭ରୁ ୧୧ ପର୍ଯ୍ୟନ୍ତ ଟାଟା ଷ୍ଟିଲ୍ ଚେସ୍ ଟୁର୍ନାମେଣ୍ଟ କୋଲକାତାର ଧନୋ ଧାନ୍ୟୋ ଅଡିଟୋରିୟମରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ତଥା ଆର୍ବିଟର ଅପରାଜିତା ଗୋଚ୍ଛିକାର ଫେୟାର ପ୍ଲେ ଅଫିସର ନିଯୁକ୍ତ ହୋଇଛନ୍ତି। ଟାଟା ଷ୍ଟିଲ୍ ଚେସ୍ ଭାରତର ଅନ୍ୟତମ ବଡ଼ ଚେସ୍ ଟୁର୍ନାମେଣ୍ଟ। ସର୍ବଭାରତୀୟ ଚେସ୍ ଫେଡେରେଶନ ଏବଂ ବିଶ୍ୱ ଚେସ୍ ଫେଡେରେଶନ (ଫିଡେର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଶ୍ୱର ନାମୀ ଖେଳାଳିଙ୍କ ମଧ୍ୟରେ ଓପନ ବର୍ଗରେ ସୁପର ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ, ଅର୍ଜୁନ ଇରିଗାସି, ଆର. ପ୍ରଜ୍ଞାନନ୍ଦ, ଭିଦିତ ଗୁଜରାଟି, ୱେସଲି ସୋ ଏବଂ ମହିଳା ବର୍ଗରେ ଦିବ୍ୟା ଦେଶମୁଖ, ବୈଶାଳୀ ଓ ଡି ହାରିକାଙ୍କ ପରି ଖେଳାଳି ଅଂଶଗ୍ରହଣ କରିବେ। ଟାଟା ଷ୍ଟିଲ୍ ଚେସ୍‌ର ପରବର୍ତ୍ତୀ ପର୍ଯ୍ୟାୟ ନେଦରଲାଣ୍ଡ୍ସର ୱିକ୍ ଆନ୍ ଜିରେ ଆସନ୍ତା ୧୬ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏପରି ବଡ଼ ଟୁର୍ନାମେଣ୍ଟରେ ଫେୟାର ପ୍ଲେ ଅଫିସର ପରି ଗୁରୁଦାୟିତ୍ୱ ପାଇଥିବାରୁ ଖୁସି ଜାହିର କରିଛନ୍ତି ଅପରାଜିତା। ତାଙ୍କ ପାଇଁ ଏହି ଦାୟିତ୍ୱ ଯଦିଓ ନୂଆ ନୁହେଁ ତେବେ ଆଗାମୀ ଟୁର୍ନାମେଣ୍ଟରେ ସେ ନିଜର ଶ୍ରେଷ୍ଠ ଅଭିଜ୍ଞତାକୁ ଉପଯୋଗ କରିବାକୁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ଶୃଙ୍ଖଳିତଭାବେ ଆୟୋଜନ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।



# ଫେବୃଆରୀ ୧୪ରୁ ଆଇଏସ୍‌ଏଲ୍

ନୂଆଦିଲ୍ଲୀ,୬।୧(ପି.ଟି.)

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୨୦୨୫-୨୬ ସଂସ୍କରଣ ଆସନ୍ତା ଫେବୃଆରୀ ୧୪ରୁ ଆରମ୍ଭ ହେବ। ଏ ନେଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ମଙ୍ଗଳବାର ଘୋଷଣା କରିଛନ୍ତି। କମର୍ସିଆଲ ପାର୍ଟନରଙ୍କ ଅଭାବରୁ ସ୍ଥଗିତ ରଖାଯାଇଥିବା ଆଇଏସ୍‌ଏଲ୍‌ର ଏହି ସଂସ୍କରଣରେ ସମସ୍ତ ୧୪ କ୍ଲବ ଭାଗନେବେ। ସେହିଭଳି ଆଇ-ଲିଗ୍ ମଧ୍ୟ ପାଖାପାଖି ସମାନ ସମୟରେ ହେବ, ଯେଉଁଥିରେ ସମସ୍ତ ୧୧ କ୍ଲବ୍ ଅଂଶଗ୍ରହଣ କରିବେ।

ଆଇଏସ୍‌ଏଲ୍‌କୁ ନେଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା କରାଯାଉଥିଲା। କିନ୍ତୁ ମଙ୍ଗଳବାର ସରକାର, ଫୁଟ୍‌ବଲ ଫେଡେରେଶନ ଓ ୧୪ କ୍ଲବ୍ ପ୍ରତିନିଧି ଏକ ବୈଠକରେ ସାମିଲ ହୋଇ ଫେବୃଆରୀ ୧୪ରୁ ଆଇଏସ୍‌ଏଲ୍ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ସମସ୍ତ କ୍ଲବ ଭାଗନେବେ ବୋଲି ମାଣ୍ଡବ୍ୟ କହିଛନ୍ତି। ହୋମ୍ ଆଣ୍ଡ୍ ଆୱେ ଫର୍ମାଟ୍‌ରେ ଆଇଏସ୍‌ଏଲ୍‌ରେ ମୋଟ ୯୧ ମ୍ୟାଚ୍ ଖେଳାଯିବ। ସେହିଭଳି ଆଇ-ଲିଗ୍‌ରେ ୫୫ ମ୍ୟାଚ୍ ଖେଳାଯିବ। କେବଳ ଆଇଏସ୍‌ଏଲ୍‌ର ପରିଚାଳନା ଲାଗି ୨୫ କୋଟି ଟଙ୍କାର ସେଣ୍ଟ୍ରାଲ ପୁଲ୍ ବ୍ୟବସ୍ଥା କରାଯାଇଛି। ଏଥିରୁ ୧୦ ପ୍ରତିଶତ ପାଣ୍ଠି ଏଆଇଏଫ୍‌ଏଫ୍ ଯୋଗାଇବ। ୩୦ ପ୍ରତିଶତ ପାଣ୍ଠି କମର୍ସିଆଲ ପାର୍ଟନରଙ୍କଠାରୁ ଆସିବ। କିନ୍ତୁ ଆମ ପାଖରେ ବର୍ତ୍ତମାନ କୌଣସି କମର୍ସିଆଲ ପାର୍ଟନର ନାହାନ୍ତି। ଏଣୁ ଏହି ଖର୍ଚ୍ଚ ମଧ୍ୟ ଫେଡେରେଶନ ଉଠାଇବ। ନୂଆ କମର୍ସିଆଲ ପାର୍ଟନର ନ ମିଳିବା ପର୍ଯ୍ୟନ୍ତ ଏଆଇଏଫ୍‌ଏଫ୍ ମୋଟ ଉପରେ ଆଇଏସ୍‌ଏଲ୍ ଲାଗି ୧୪ କୋଟି ଓ ଆଇ-ଲିଗ୍ ପାଇଁ ୩.୨ କୋଟି ଟଙ୍କା ଦେବ। ଲିଗ୍ ପରିଚାଳନା କରିବା ପାଇଁ ଏକ ଗଭର୍ନିଂ କାଉନ୍‌ସିଲ ବୋର୍ଡ ଗଠନ କରାଯିବ, ଯାହା ପାଖରେ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତା ରହିବ ବୋଲି ଏଆଇଏଫ୍‌ଏଫ୍ ମୁଖ୍ୟ କଲ୍ୟାଣ ଚୌବେ କହିଛନ୍ତି।

## ଏସିଆ ସ୍କୁଲ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍

# ଭାଗନେବେ କିସ୍‌ର ବାଳିକା, ବାଳକ ଦଳ

ଭୁବନେଶ୍ୱର,୬।୧ (ବିଜୟ ରଣା)

ଜାନୁଆରୀ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ହେବଏସିଆ ସ୍କୁଲ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍। ଏଥିରେ ଭାରତକୁ ପ୍ରତିନିଧିତ୍ୱ କରିବେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍‌ସେସ୍ (କିସ୍)ର ଉଭୟ ବାଳକ ଓ ବାଳିକା ରଗବୀ ଦଳ। ଏହି ଚାମ୍ପିୟନଶିପ୍‌ରେ ବିଭିନ୍ନ ଏସୀୟ ଦେଶର ସ୍କୁଲ ଓ କଲେଜ ଦଳ ଅଂଶଗ୍ରହଣ କରିବେ। ଥାଇ ରଗବୀ ୟୁନିୟନ ଦ୍ୱାରା ଆୟୋଜିତ ଏହି ଇଭେଣ୍ଟରେ ଆୟୋଜକ ଥାଇଲାଣ୍ଡ ବ୍ୟତୀତ ଲାଓସ୍, ମାଲେସିଆ, ପାକିସ୍ତାନ, ଚାଇନିଜ୍ ତାଇପେ ଭଳି ଦେଶ ଅଂଶଗ୍ରହଣ କରୁଛନ୍ତି। ବିଦ୍ୟାଧର ମାଝିଙ୍କୁ ୧୪ ଜଣିଆ କିସ୍ ଇଣ୍ଡିଆ ବାଳକ ଦଳର ଅଧିନାୟକ ମନୋନୀତ କରାଯାଇଛି। ଯଶୋବନ୍ତ କୁମୁରା ଦଳର ପ୍ରଶିକ୍ଷକ ଓ କନ୍ଦନ ମୁର୍ମୁ ମ୍ୟାନେଜର ରହିଛନ୍ତି। ସେହିପରି ମାମାଲି ସିଂହଙ୍କୁ ୧୪ ଜଣିଆ କିସ୍ ଇଣ୍ଡିଆ ବାଳିକା ଦଳର ଅଧିନାୟିକା କରାଯାଇଥିବା ବେଳେ ହିରାନୋ ମିକିନୋରି ଦଳର ପ୍ରଶିକ୍ଷକ ଓ ନିର୍ମାଲ୍ୟ ରାଉତଙ୍କୁ ମ୍ୟାନେଜର କରାଯାଇଛି। ଦଳ ୭ ତାରିଖରେ ଥାଇଲାଣ୍ଡ ଅଭିମୁଖେ ଯାତ୍ରା କରିବ। ଏହି ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଚାମ୍ପିୟଶିପ୍‌ରେ ଉଭୟ ଦଳର ସଫଳତା କାମନା କରିଛନ୍ତି। ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିୟନ୍ ଓ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନର କର୍ମକର୍ତ୍ତାଗଣ ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ରଗ୍‌ବୀ ଫୁଟବଲ୍ ଆସୋସିଏଶନର ଉପସଭାପତି ଉପେନ୍ଦ୍ର ମହାନ୍ତ, କିଟ୍‌ର କ୍ରୀଡ଼ା ଏବଂ ଯୋଗ ସ୍କୁଲ ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ହେଡ୍, ସ୍ମିଥ୍‌ଙ୍କ ଶତକ: ଅଷ୍ଟ୍ରେଲିଆ- ୫୧୮/୭

ସିଡ୍‌ନୀ,୬।୧(ପି.ଟି.)



ଶତକ ହାସଲ ପରେ ଷ୍ଟିଭ୍ ସ୍ମିଥ୍।

ଏଠାରେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ପଞ୍ଚମ ତଥା ଅନ୍ତିମ ଆଶେସ୍ ଟେଷ୍ଟର ତୃତୀୟ ଦିନ ଶେଷସୁଦ୍ଧା ଅଷ୍ଟ୍ରେଲିଆ ଆଗରେ ରହିଛି। ପ୍ରଥମ ଇନିଂସ୍‌ରେ ଇଂଲଣ୍ଡର ୩୮୪ ରନ୍‌ର ଜବାବରେ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ଅପରାଜିତ ଶତକ ବଳରେ ତୃତୀୟ ଦିନ ଶେଷସୁଦ୍ଧା ୭ ଉଇକେଟ ହରାଇ ୫୧୮ ରନ୍ କରିଛି। ଫଳରେ ଦଳ ହାତରେ ୩ ଉଇକେଟ ରଖି ୧୩୪ ରନ୍‌ରେ ଆଗରେ ରହିଛି। ମ୍ୟାଚ୍ ଜରିଆରେ ସ୍ମିଥ୍ କ୍ୟାରିୟରର ୩୭ତମ ଟେଷ୍ଟ ଶତକ ହାସଲ କରିଛନ୍ତି। ଏଥିସହ ସେ ସର୍ବାଧିକ ସଂଖ୍ୟକ ଟେଷ୍ଟ ଶତକ ହାସଲ କରିଥିବା ବ୍ୟାଟରଙ୍କ ତାଲିକାରେ ଥିବା ଭାରତର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ୍‌ଙ୍କୁ ପଛରେ ପକାଇଛନ୍ତି।

ମଙ୍ଗଳବାର ଅଷ୍ଟ୍ରେଲିଆ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋର ୧୬୬/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଟ୍ରାଭିସ୍ ହେଡ୍ ଓ ନାଇଟ୍ ୱାଚ୍‌ମ୍ୟାନ ମାଇକେଲ ନେସର ଦିନର ପ୍ରଥମ ସେସନରେ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ଦୁହେଁ ୩ୟ ଉଇକେଟରେ ୭୨ ରନ୍ ଯୋଡ଼ିଥିଲେ। ନେସର ୨୪ ରନ୍‌କରି ଆଉଟ୍ ହେବା ପରେ ଅଧିନାୟକ ସ୍ମିଥ୍ କ୍ରିଜ୍‌କୁ ଓହ୍ଲାଇଥିଲେ। ସ୍ମିଥ୍‌ଙ୍କ ସହ ଚତୁର୍ଥ ଉଇକେଟରେ ୫୪ ରନ୍ ଯୋଡ଼ିବା ପରେ ହେଡ୍ ୧୬୩ ରନ୍ କରି ଆଉଟ ହୋଇଥିଲେ। ଏହି ମ୍ୟାଚ୍ ଜରିଆରେ କ୍ରିକେଟ୍‌ରୁ ଅବସର ନେବାକୁ ଯାଉଥିବା ଅଷ୍ଟ୍ରେଲିଆନ୍ ବ୍ୟାଟର ଉସ୍ମାନ୍ ଖ୍ୱାଜା ଉପସ୍ଥିତ ଦର୍ଶକଙ୍କ କରତାଳି ଓ କୋଳାହଳ ମଧ୍ୟରେ କ୍ରିଜ୍‌କୁ ଓହ୍ଲାଇଥିଲେ। ସେ ୪୯ଟି ବଲ୍‌ରେ ୧୭ ରନ୍ କରିଥିଲେ। ସ୍ମିଥ୍ ଓ ନଂ.୯ରେ ବ୍ୟାଟିଂ କରିବାକୁ ଆସିଥିବା ୱେବ୍‌ଷ୍ଟର ଭ୍ରମଣକାରୀ ଦଳର ବୋଲରଙ୍କୁ ଆଉ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ଅବିଭାଜିତ ଅଷ୍ଟମ ଉଇକେଟରେ ୮୧ ରନ୍ ଯୋଡ଼ିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ୱେବ୍‌ଷ୍ଟର ୪୨(୪ ଚୌକା) ଓ ସ୍ମିଥ୍ ୧୨୯(୧୫ ଚୌକା, ୧ ଛକା) ରନ୍‌ରେ ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୪/ଅଲ୍‌ଆଉଟ୍। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୧୮/୭ (ଟ୍ରାଭିସ୍ ହେଡ୍-୧୬୩, ଷ୍ଟିଭ ସ୍ମିଥ-୧୨୯*, ବ୍ୟୁ ୱେବ୍‌ଷ୍ଟର-୪୨*, ବ୍ରାଇଡନ କାର୍ସ-୩/୧୦୮, ବେନ୍ ଷ୍ଟୋକ୍ସ-୨/୮୭)।

# ଅଲ୍ ଓଡ଼ିଶା ଉତ୍କଳ ଓପନ ଟେନିସ ୯ରୁ

ଭୁବନେଶ୍ୱର, ୬।୧ (ତପନ ସ୍ୱାଇଁ)

## ଜର୍ସି ଉନ୍ମୋଚିତ

ଏସ୍ ଟେନିସ କ୍ଲବ ଅନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମର ଟେନିସ କମ୍ପ୍ଲେକ୍ସରେ ଦ୍ୱାଦଶ ଅଲ୍ ଓଡ଼ିଶା ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ଚଳିତ ମାସ ୯ରୁ ଆରମ୍ଭ ହେବ। ୧୧ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ମୋଟ ୮ଟି ବର୍ଗରେ ଅନୁଷ୍ଠିତ ହେବ। ପୁରୁଷ ସିଙ୍ଗଲ୍ସ, ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ସିଙ୍ଗଲ୍ସ ଏବଂ ମହିଳା ସିଙ୍ଗଲ୍ସଲାଗି ୭୦୦ ଟଙ୍କାର ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଛି। ସେହିପରି ପୁରୁଷ ଡବଲ୍ସ ଏବଂ ଭେଟେରାନ ବର୍ଗରେ ୪୦+, ୫୦+ ଓ ୬୦+ ଡବଲ୍ସଲାଗି ୧୦୦୦ ଟଙ୍କା ଏଣ୍ଟ୍ରି ଫି' ରଖା ଯାଇଛି। ଅଂଶଗ୍ରହଣପାଇଁ ଇଚ୍ଛୁକ ଖେଳାଳିମାନେ ୮ ତାରିଖ ସନ୍ଧ୍ୟା ୬ଟା ପୂର୍ବରୁ ସେମାନଙ୍କ ନାମ ପଞ୍ଜୀକୃତ କରିବାକୁ ପଡ଼ିବ ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ଅଧ୍ୟକ୍ଷ ଡ. ବିଶ୍ୱଜିତ ମିଶ୍ର ପ୍ରକାଶ କରିଛନ୍ତି। ପ୍ରତିଯୋଗିତାଲାଗି ୩.୫୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। କ୍ୱାର୍ଟର ଫାଇନାଲିଷ୍ଟଙ୍କଠାରୁ ଆରମ୍ଭକରି ଚାମ୍ପିୟନ ପର୍ଯ୍ୟନ୍ତ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟି-ଶାର୍ଟ, ମୋମେଣ୍ଟୋ ଓ ଅର୍ଥରାଶି ପ୍ରଦାନ କରାଯିବ। ଚାମ୍ପିୟନଙ୍କୁ ଟ୍ରଫି ସହ ୧୨,୦୦୦ ଓ ରନରଅପ୍‌ଙ୍କୁ ୮,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ଇମର୍ଜିଂ ପ୍ଲେୟର, ସ୍ପୋର୍ଟ୍ସମ୍ୟାନ ସ୍ପିରିଟ, ୱେଲ୍-ଡ୍ରେସ୍‌ଡ୍ ଏବଂ ଲାଇଫଟାଇମ୍ ଆଚିଭମେଣ୍ଟ ବର୍ଗରେ ସ୍ୱତନ୍ତ୍ର ପୁରସ୍କାର ରଖାଯାଇଛି। ସର୍ବଭାରତୀୟ ଟେନିସ ଆସୋସିଏଶନର ନିୟମକୁ କଡ଼ାକଡ଼ିଭାବେ ଅନୁପାଳନ କରାଯିବ। ଆୟୋଜକ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ। ୪୦+କୁ ଛାଡ଼ି ଅନ୍ୟ ସମସ୍ତ ଭେଟେରାନ ବର୍ଗର ମ୍ୟାଚ କ୍ଲେ-କୋର୍ଟରେ ଅନୁଷ୍ଠିତ ହେବ। ଅନ୍ୟ ସମସ୍ତ ମ୍ୟାଚ ଗୁଡ଼ିକ ସିନ୍ଥେଟିକ୍ ଏବଂ କ୍ଲେ କୋର୍ଟରେ ଆୟୋଜନ କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ଉକ୍ତ ସମ୍ମିଳନୀରେ କ୍ଲବ ସମ୍ପାଦକ ନଭରତନ ବୋଥ୍ରା, କାର୍ଯ୍ୟକାରିଣୀ ସଦସ୍ୟ ଡ. ଧିରଜ ପଣ୍ଡା, ଲକ୍ଷ୍ମଣ ନାଥ, ଦୀପକ କୁମାର ନାୟକ, ପ୍ରଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାଲାଗି ଜର୍ସି ଉନ୍ମୋଚନ କରିଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରତିଯୋଗିତାର ଜର୍ସି ଉନ୍ମୋଚନ କରୁଛନ୍ତି।

# ଓଡ଼ିଶାର ଶୋଚନୀୟ ପରାଜୟ

ବେଙ୍ଗାଲୁରୁ,୬।୧

## ବିଜୟ ହଜାରେ ଟ୍ରଫି

ଚଳିତ ବିଜୟ ହଜାରେ ଟ୍ରଫି ଦିନିକିଆ ଘରୋଇ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୨୩୩ ରନ୍‌ର ଏକ ବଡ଼ ବ୍ୟବଧାନରେ ଗୁଜରାଟଠାରୁ ପରାସ୍ତ ହୋଇଛି। ଏହି ମ୍ୟାଚ୍ ଜରିଆରେ ସୟେଦ ତୁଫେଲ ଅହମଦ ତାଙ୍କର ଲିଷ୍ଟ-ଏ' କ୍ୟାରିୟର ଆରମ୍ଭ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥବା ଗୁଜରାଟକୁ ଆର୍ଯ୍ୟା ଦେଶାଇ (୫୪ ରନ୍, ୭ ଚୌକା ଓ ୧ ଛକା) ଓ ଉର୍ଭିଲ ପଟେଲ (୬୪ ରନ, ୮ ଚୌକା ଓ ୧ ଛକା) ୧୧୮ ରନ୍‌ର ଭଲ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ତୃତୀୟ କ୍ରମରେ ଆସିଥିବା ଆହାନ ପୋଦ୍ଦାର ୬୪(୫ ଚୌକା) ରନ୍ କରିଥିବା ବେଳେ ଅକ୍ଷର ପଟେଲ ସର୍ବାଧିକ ୭୩ (୮ ଚୌକା ଓ ୨ ଛକା) ଓ ସୌରଭ ଚୌହାନ ୪୪ (୭ ଚୌକା) ରନ୍ କରିଥିଲେ। ଗୁଜରାଟ ୫୦ ଓଭରରେ ୬ ଉଇକେଟ ହରାଇ ୩୩୩ ରନ୍ କରିଥିଲା। ଓଡ଼ିଶାର ଅଧିନାୟକ ବିପ୍ଳବ ସାମନ୍ତରାୟ ୨ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୮.୧ ଓଭରରେ ୧୦୦ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳର ୪ ଜଣଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଗୁଜରାଟ ପକ୍ଷରୁ ଅଧିନାୟକ ଚିନ୍ତନ ଗାଜା ସର୍ବାଧିକ ୬ ଉଇକେଟ ନେଇଥିଲେ।


କ୍ୟାପ ଗ୍ରହଣ କରୁଛନ୍ତି ତୁଫେଲ ଅହମଦ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ: ୫୦ ଓଭରରେ ୩୩୩/୬(ଅକ୍ଷର ପଟେଲ-୭୩, ଉର୍ଭିଲ ପଟେଲ-୬୪, ଆହାନ ପୋଦ୍ଦାର-୬୪, ବିପ୍ଳବ ସାମନ୍ତରାୟ-୨/୩୩)। ଓଡ଼ିଶା: ୨୮.୧ ଓଭରରେ ୧୦୦/ଅଲଆଉଟ୍ (ବିପ୍ଳବ ସାମନ୍ତରାୟ-୨୨, ଚିନ୍ତନ ଗାଜା-୬/୩୧,ଜପଜ୍ଞାଭଜ୍ଜ-୨/୨୨)।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ